RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-127 ◆MONDAY ◆3 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୨୭ ◆ସୋମବାର ◆୩ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




୧୮ ବର୍ଷ ପରେ ଏକାଠି

▶ପୃଷ୍ଠା ୧୧ ଦେଖନ୍ତୁ...

# ବିଶ୍ୱବିଜୟିନୀ

## ଦ.ଆଫ୍ରିକାକୁ ହରାଇ ଭାରତର ପ୍ରଥମ ଟାଇଟଲ୍ ହାସଲ

■ **ନବି ମୁମ୍ବଇ, ୨।୧୧ (ଏଜେନ୍ସି):** ଦୀର୍ଘ ୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଭାରତୀୟ ମହିଳା କ୍ରିକେଟ୍ ଦଳର ବିଶ୍ୱକପ୍ ଜିତିବା ସ୍ୱପ୍ନ ସାକାର ହୋଇଛି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ତ୍ରୟୋଦଶ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ଘରୋଇ ଭାରତ ୫୨ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱ ମୁକୁଟ ପିନ୍ଧିଛି। ୨୯୯ ରନର ଟାର୍ଗେଟ୍‌କୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪୬ତମ ଓଭର ବୋଲିଂ କରିଥିବା ଦୀପ୍ତି ଶର୍ମାଙ୍କ ୩ୟ ବଲ୍‌କୁ ବଡ଼ ଶଟ୍ ଖେଳିବାକୁ ଯାଇ ଦକ୍ଷିଣ ଆଫ୍ରିକାର ଶେଷ ବ୍ୟାଟର୍ ନାଦିନେ ଡି କ୍ଲେର୍କ କଭର୍ ଅଞ୍ଚଳରେ ଅଧିନାୟିକା ହରମନପ୍ରୀତ୍ କୌରଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ୧୯୭୩ରୁ ମହିଳା ଦିନିକିଆ ବିଶ୍ୱକପ୍ ଆରମ୍ଭ ହୋଇଥିବାବେଳେ ଭାରତ ପ୍ରଥମଥର ଚାମ୍ପିଅନ ହେବାର ସ୍ୱାଦ ଚାଖିଛି।




### ନୂଆପଡ଼ା ଉପନିର୍ବାଚନ

## ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ

■ **ଭୁବନେଶ୍ୱର, ୨।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆସନ୍ତାକାଲି ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଧାନମଣ୍ଡି ପଡ଼ିଆଠାରେ ଏକ ବିଶାଳ ନିର୍ବାଚନୀ ସଭାକୁ ନବୀନ ସମ୍ବୋଧନ କରିବେ। ଏଥିପାଇଁ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଭୟ ରାଜନୈତିକ ତଥା ଭୌଗୋଳିକ ସମୀକରଣ ଦୃଷ୍ଟିରୁ ତରବୋଡ଼ ସମାବେଶ ବେଶ୍ ଗୁରୁତ୍ୱ ବହନ କରୁଛି। ନବୀନଙ୍କ ସଭାକୁ ନେଇ ବିଜେଡି କର୍ମୀଙ୍କ ଉତ୍ସାହ ଶୀର୍ଷରେ ପହଞ୍ଚିଥିବା ବେଳେ ବିଜେପି ଓ କଂଗ୍ରେସ ଏହାକୁ ବେଶ୍ ସତର୍କ ଦୃଷ୍ଟିରେ ଦେଖୁଛନ୍ତି। ନବୀନଙ୍କ ପ୍ରଚାର ସ୍ନେହାଙ୍ଗିନୀଙ୍କ ସପକ୍ଷରେ ବଡ଼ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଥିବା ବେଳେ ବିଜେପି ଓ କଂଗ୍ରେସ ଶିବିର ଏହାକୁ ନେଇ ଅଙ୍କ କଷିବାରେ ଲାଗିଛନ୍ତି। ପୂର୍ବରୁ ନବୀନଙ୍କ ସଭାକୁ ସଫଳ କରାଇ ନ ଦେବାକୁ ବିଜେପି ଉଦ୍ୟମ କରୁଥିବା



**ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ**

**ଅଙ୍କ କଷୁଛନ୍ତି ବିଜେପି ଓ କଂଗ୍ରେସ**

ନେଇ ବିଜେଡି ଅଭିଯୋଗ କରିସାରିଛି। ଏପରିସ୍ଥଳେ ଆସନ୍ତାକାଲିର ସଭା ଉପନିର୍ବାଚନ ଫଳାଫଳକୁ ବେଶ୍ ପ୍ରଭାବିତ କରିବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଆକଳନ ପ୍ରକାଶ ପାଉଛି।

ସ୍ଥାନୀୟ ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ ତରବୋଡ଼ରେ ସମାବେଶ ନିଷ୍ପତ୍ତି ପଛରେ ୨ଟି କାରଣ ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ତରବୋଡ଼ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା କୋମନା ବ୍ଲକ ଅଞ୍ଚଳରେ ଆସୁଥିଲେ ହେଁ ନୂଆପଡ଼ା ବ୍ଲକର ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ସମାବେଶ ଦୁଇଟି ବ୍ଲକ ଉପରେ ବ୍ୟାପକ ପ୍ରଭାବ ପକାଇବ। ସେହିପରି ନୂଆପଡ଼ା ନିର୍ବାଚନମଣ୍ଡଳୀରେ କୋମନା ବ୍ଲକରେ ସର୍ବାଧିକ ଭୋଟର ଅଛନ୍ତି। ଏପରିକି କୋମନା ବ୍ଲକରେ ଅଧିକ ସଂଖ୍ୟାରେ ଭୋଟ ପାଉଥିବା ଦଳ ନୂଆପଡ଼ାରେ ବାଜିମାତ କରୁଥିବାର ଅତୀତର ଟ୍ରାକ ରେକର୍ଡ ରହିଛି। ତେଣୁ ବିଜେଡି ନେତୃତ୍ୱ ଏଠାରେ ସଭା କରି ଦୁଇବ୍ଲକର ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା କୁହାଯାଉଛି।

ଅପରପକ୍ଷେ ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ ନୂଆପଡ଼ାରେ ପ୍ରଚାରରେ ବିଜେଡି ଆଗୁଆ ରହିଛି। ▶ପୃଷ୍ଠା-୭

### ପୁଲିସ ଚାକିରି ବେପାର

## କ୍ରାଇମ୍‌ବ୍ରାଞ୍ଚ୍‌କୁ ଧରାପକାଇ ଦେଲା ଶଙ୍କର

■ **ଭୁବନେଶ୍ୱର/କଟକ ୨।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାର ତଥାକଥିତ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଧରା ପଡ଼ିଛି। ଉତ୍ତରାଖଣ୍ଡ-ନେପାଳ ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ତାକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଦାବି କରୁଥିବାବେଳେ ଶଙ୍କର ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଗଣମାଧ୍ୟମକୁ କହିଛି। ସବୁଠାରୁ କୌତୂହଳ କଥା ହେଉଛି ଯେ ଆତ୍ମଗୋପନ ଓ ଫେରାର ଆଦି କଥାକୁ ଶଙ୍କର ଅସ୍ୱୀକାର କରି କ୍ରାଇମବ୍ରାଞ୍ଚର ଦାବିକୁ ପାଣିଚିଆ କରିଦେଇଛି। ଯାହାକୁ ନେଇ ସାଧାରଣରେ ସନ୍ଦେହ ଘନୀଭୂତ ହୋଇଛି। ତେଣୁ କ୍ରାଇମବ୍ରାଞ୍ଚ ସତ କହୁଛି ନା ଶଙ୍କର ସତ କହୁଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଚାକିରି ବିକ୍ରି ମାମଲା ପର୍ଦ୍ଦାଫାସ ହେବା ପରେ ପ୍ରାୟ ୪ ସପ୍ତାହରୁ ଊର୍ଦ୍ଧ୍ୱକାଳ ଧରି ଶଙ୍କର କ୍ରାଇମବ୍ରାଞ୍ଚ ଧରାଛୁଆଁ ବାହାରେ ଥିଲା। ତେଣୁ ଏହି ସମୟ ମଧ୍ୟରେ ସେ ସବୁପ୍ରକାର ପ୍ରମାଣ ନଷ୍ଟ କରିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି। ବିମାନବନ୍ଦରରୁ ତାକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍



**"ଗିରଫ ନୁହେଁ; ଆତ୍ମସମର୍ପଣ କରିଛି"**

**ମୁନ୍ନା-ଶଙ୍କରକୁ କ୍ରାଇମ୍‌ବ୍ରାଞ୍ଚ୍‌ର ଜେରା**

ଆଣୁଥିଲା ବେଳେ ସେ ସ୍ପଷ୍ଟ ଭାବେ ଆତ୍ମଗୋପନ କରି ନ ଥିବା ଓ ବିଭିନ୍ନ କୋର୍ଟରେ ଜାମିନ୍ ପାଇଁ ଆବେଦନ କରିଥିବା ଉଲ୍ଲେଖ କରି ଗିରଫ ଅଭିଯୁକ୍ତମାନଙ୍କ ସହ ତାର ସମ୍ପର୍କ ନ ଥିବା ସ୍ପଷ୍ଟ ଭାବରେ କହିଛି।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ପହଞ୍ଚିବା ପରେ କଟକସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଶଙ୍କରକୁ ପ୍ରାୟ ୮ ଘଣ୍ଟା ଜେରା କରାଯାଇଛି। ଏସ୍‌ଆଇ ଚାକିରି ବିକ୍ରିକୁ ପ୍ରସଙ୍ଗରେ ଜେରା ବେଳେ ଶଙ୍କର ଆଦୌ ବ୍ୟସ୍ତ ବିବ୍ରତ ନ ଥିବା ଓ ପୁରା ଦମ୍ଭର ସହ କ୍ରାଇମବ୍ରାଞ୍ଚ ଟିମ୍‌କୁ ଉତ୍ତର ଦେଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜେରା ବେଳେ ଶଙ୍କରକୁ ୨୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ ପଚରାଯାଇଥିଲା। ଏସ୍‌ଆଇ ପରୀକ୍ଷା ପରିଚାଳନାରେ ପଞ୍ଚସଫ୍ଟରର ଭୂମିକା କଣ ରହିଥିଲା? ସେ ସିଲିକନ୍ ଠାରୁ କେଉଁ ଆଧାରରେ କାମ ନେଇଥିଲେ? ଆଶାୟୀଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାକୁ କଣ ପାଇଁ ପଠାଯାଇଥିଲା? ଏଥିରେ ତାଙ୍କର ଭୂମିକା କଣ ଥିଲା? ଏହି ମହା ଘୋଟାଲାରେ ଆଉ କିଏ କିଏ ସାମିଲ ଅଛନ୍ତି? କେଉଁ ଅନ୍ତରାଜ୍ୟ ଗ୍ୟାଙ୍ଗ ସହ ତାଙ୍କର ସମ୍ପର୍କ ରହିଛି? ପ୍ରତ୍ୟେକ ଆଶାୟୀଙ୍କ ଠାରୁ କେତେ ଟଙ୍କା ନିଆଯାଇଥିଲା? ଏହି ଟଙ୍କା କାହା କାହା ମଧ୍ୟରେ ବଣ୍ଟା ଯାଇଛି? କେଉଁ ସରକାରୀ କର୍ମଚାରୀ ▶ପୃଷ୍ଠା-୭

### ୧୦୦୦ କୋଟିର ଡିଲ୍: ଶଙ୍କର

ଏସ୍‌ଆଇ ସ୍କାମ୍‌ରେ ୧୦୦୦ କୋଟିର ଡିଲ୍ ହୋଇଥିବା ଗଣମାଧ୍ୟମକୁ କହିଛନ୍ତି ପଞ୍ଚସଫ୍ଟ ମୁଖ୍ୟ ମାଷ୍ଟର୍‌ମାଇଣ୍ଡ ଶଙ୍କର ପୃଷ୍ଟି। ଏୟାରପୋର୍ଟରୁ ତାଙ୍କୁ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟ ନିଆଯିବା ବେଳେ ଗଣମାଧ୍ୟମ ପ୍ରଶ୍ନରେ ଶଙ୍କର କହିଛନ୍ତି ଯେ ଏସ୍‌ଆଇ ଚାକିରି ପ୍ରସଙ୍ଗରେ ୧୦୦୦ କୋଟି ଡ଼ିଲ୍ ହୋଇଛି। ତେବେ ଏହି ଡିଲ୍ କାହା ସହ ହୋଇଥିଲାଓ ଡିଲ୍‌ର ମାଷ୍ଟରମାଇଣ୍ଡ କିଏ ସେ ନେଇ କିଛି କହି ନାହାନ୍ତି। ତାଙ୍କ କଥାରୁ ସ୍ପଷ୍ଟ ଅନୁମାନ କରାଯାଇ ପାରେ ଯେ ଶଙ୍କର ଏହି ଡିଲ୍ ବିଷୟରେ ସବୁକିଛି ଜାଣିଛନ୍ତି।

## ପରଲୋକରେ ମସଲା ସମ୍ରାଟ ଶରତ ସାହୁ

■ **କଟକ, ୨।୧୧ (ସମିସ):** ଓଡ଼ିଶାର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ରୁଚି ମସଲା କମ୍ପାନୀର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ଆଜି ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ବୟସାଧିକ୍ୟ କାରଣରୁ ଡ. ସାହୁ ଗତ ଅକ୍ଟୋବର ୩୦ ତାରିଖରେ ଲୀଳାବତୀରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଡ. ସାହୁଙ୍କ ପରଲୋକ ଓଡ଼ିଶାର ଶିଳ୍ପ ଓ ଉଦ୍ୟୋଗ ଜଗତ ପାଇଁ ଅପୂରଣୀୟ କ୍ଷତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରୁଚି ମସଲାକୁ ଘରେ ଘରେ ପରିଚିତ କରାଇଥିବା ଡ. ସାହୁଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଗଭୀର ଶୋକପ୍ରକାଶ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଡ. ସାହୁଙ୍କ ▶ପୃଷ୍ଠା-୭



**'ରୁଚି' ପ୍ରତିଷ୍ଠାତାଙ୍କ ବିୟୋଗରେ ମୋହନ ଓ ନବୀନଙ୍କ ଶୋକ**

**ସୋମବାର ହେବ ଶେଷକୃତ୍ୟ**

### କେନ୍ଦ୍ରର ଦ୍ୱୈତ ନୀତିକୁ ନେଇ ଦ୍ୱନ୍ଦ୍ୱରେ ପହରିଆ ଜାତି

## ଛତିଶଗଡ଼ରେ ଆଦିବାସୀ; ଓଡ଼ିଶାରେ ପଛୁଆ ବର୍ଗ

■ **ସିନାପାଲି,୨।୧୧ (ଶୁଭ୍ରାଂଶୁ ନାଏକ ):** ଘଞ୍ଚ ସବୁଜ ବନାନୀ ଜଙ୍ଗଲର ପ୍ରକୃତି କୋଳରେ କେଉଁ ଆଦିମ ଯୁଗରୁ ରହି ଆସୁଛନ୍ତି ପହରିଆ ଜନଜାତି। ଏହି ଜନଜାତିକୁ କେନ୍ଦ୍ର ସରକାର ଆଦିବାସୀର ମାନ୍ୟତା ଦେଇ ନ ଥିବାରୁ ସେମାନେ ଅନେକ ଜନକଲ୍ୟାଣ ଯୋଜନାରୁ ଏମାନେ ବଞ୍ଚିତ ହେଉଛନ୍ତି ଓ ସୁବିଧା ସୁଯୋଗରୁ ବଞ୍ଚିତ ହେବାରୁ ସେମାନେ ଏବେ ଓଡ଼ିଶା ଛାଡ଼ି ଛତିଶଗଡ଼ମୁହାଁ ହୋଇଛନ୍ତି। ପହରିଆ ବର୍ଗର

**ଜନଜାତି ମାନ୍ୟତା ଦେବାକୁ ପୂର୍ବ ସରକାର ଲେଖିଥିଲା ଚିଠି**

**ବାରମ୍ବାର ଦାବି ସତ୍ତ୍ୱେ ବିଚାର କରୁନାହାନ୍ତି କେନ୍ଦ୍ର ସରକାର**

ଲୋକମାନଙ୍କ ଚାଲିଚଳଣି, ଭାଷା, ବେଶ ଭୂଷା, ଯାନିଯାତ୍ରା, ପର୍ବପର୍ବାଣୀ ସମେତ ଅନ୍ୟାନ୍ୟ ପାରମ୍ପରିକ ନୀତି ଭିନ୍ନ ଓ ଆଦିବାସୀ ମାନ୍ୟତା ପାଇବା ପାଇଁ ସବୁ ସର୍ତ୍ତକୁ ଏହି ବର୍ଗ ପୂରଣ କରିଛି। ମାତ୍ର ଓଡ଼ିଶାରେ ପହରିଆ ସମ୍ପ୍ରଦାୟର ଲୋକମାନେ ପଛୁଆ ବର୍ଗରେ ଥିବାବେଳେ ପଡ଼ୋଶୀ ଛତିଶଗଡରେ ପହରିଆଙ୍କୁ ଅନୁସୂଚୀତ ଜନଜାତି ମାନ୍ୟତା ମିଳିଛି। ଓଡ଼ିଶା ସୀମା ଆରପଟେ ଛତିଶଗଡ଼ରେ ପହରିଆମାନେ ଆଦିବାସୀମାନଙ୍କୁ ଦିଆଯାଇଥିବା ସୁବିଧା ସୁଯୋଗ ପାଉଛନ୍ତି; ମାତ୍ର ସୀମା ଏପଟେ ଥିବା ଓଡ଼ିଶାର ପହରିଆମାନେ ଏହି ସୁବିଧାସୁଯୋଗରୁ ବଞ୍ଚିତ ହୋଇଛନ୍ତି।

ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଏହି ଜନଜାତିର ଲୋକେ ବସବାସ କରିଛନ୍ତି। ସିନାପାଲି ବ୍ଲକର ନଙ୍ଗଲବୋର୍ଡ, ଖଇରପଦର ଘାଟମାଳ, ଝାରବନ୍ଧ, ନୂଆମାଳପଡ଼ା, ମଖାପଦର ସମେତ ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ବଣ ଜଙ୍ଗଲ ଘେରା ଜଙ୍ଗଲ ଅଞ୍ଚଳରେ ବିଶେଷ ଭାବରେ ବସତି ସ୍ଥାପନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି କିଛି ଲୋକ ଜଙ୍ଗଲ ଜମିକୁ ଦଖଲ କରି ସେମାନେ ଚାଷ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ଏହାର ପଟ୍ଟା ମିଳୁନାହିଁ। ଫଳରେ ସେମାନେ ସରକାରୀ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି ଓ ଆବାସ ପରି ଯୋଜନାରୁ ବାଦ୍ ପଡ଼ିଛନ୍ତି। ଜଙ୍ଗଲରୁ ବାଉଁଶ ସଂଗ୍ରହ କରି ବିଭିନ୍ନ ଉପକରଣ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି ଓ ସେଥିରୁ ଲବ୍ଧ ଅର୍ଥରେ ପରିବାର ପ୍ରତିପୋଷଣ କରୁଛନ୍ତି। ବର୍ତ୍ତମାନ ଆଧୁନିକ ଯୁଗରେ ଏହି ଉପକରଣର ସେତେଟା ଚାହିଦା ନ ଥିବା ବେଳେ ପରିବାର ଚଳାଇବା କଷ୍ଟକର ହେବା ସହ କୌଳିକ ବୃତ୍ତି ବୁଡ଼ିବାକୁ ଯାଉଛି ବୋଲି ଏହି ଜନଜାତି ର ଲୋକେ ପ୍ରକାଶ କରିଛନ୍ତି।

ଏହି ସମ୍ପ୍ରଦାୟର ଲୋକମାନେ ଆଦିବାସୀ ମାନ୍ୟତା ପାଇଁ ବହୁବାର କେନ୍ଦ୍ର ସରକାର ଙ୍କ ନିକଟରେ ଦାବି ଜଣାଇ ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ସୁଫଳ ମିଳିନାହିଁ। ଏହି ବର୍ଗକୁ ଆଦିବାସୀ ମାନ୍ୟତା ଦେବାକୁ ତତ୍କାଳୀନ ବିଜେଡି ସରକାର କେନ୍ଦ୍ର ▶ପୃଷ୍ଠା-୭

## ହସ୍ପିଟାଲ କୋଠାରୁ ଡେଇଁ ସିକ୍ୟୁରିଟି ଗାର୍ଡଙ୍କ ଆତ୍ମହତ୍ୟା

■ **ନୂଆପଡ଼ା, ୨।୧୧ (ସମିସ):** ୭ମାସ ହେଲା ଦରମା ନ ମିଳିବାରୁ ୭ ମହଲା ହସ୍ପିଟାଲ କୋଠାରୁ ଡେଇଁ ଜୀବନ ହାରିଲେ ସିକ୍ୟୁରିଟି ଗାର୍ଡ। ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଏପରି ଏକ ଅଭାବନୀୟ ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ, ସ୍ଥାନୀୟ ସାଲେଭଟା ଗାଁର ଲଘୁତମ ସାହୁ(୩୫)। ଏହାକୁ ନେଇ ଘଟଣାସ୍ଥଳରେ ବିଜେଡି ଓ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି।






**ବିଜେଡି, କଂଗ୍ରେସ କର୍ମୀଙ୍କ ଆନ୍ଦୋଳନ**

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

ସୂଚନାନୁସାରେ, ଲଘୁତମ ଦୀର୍ଘଦିନ ଧରି ହସ୍‌ପିଟାଲରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରୁଥିଲେ। କୌଣସି କାରଣରୁ ସିକ୍ୟୁରିଟି ସଂସ୍ଥା ୭ ମାସ ତଳେ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲା। ସେତେବେଳକୁ ସଂସ୍ଥା ତାଙ୍କର ୭ ମାସର ଦରମା ଦେଇନଥିଲା। ତେବେ ବକେୟା ଦରମା ଦେବାକୁ ଲଘୁତମ ବାରମ୍ବାର ସିକ୍ୟୁରିଟି ସଂସ୍ଥାର ଚକ୍କର୍ କାଟୁଥିଲେ ହେଁ କେହି ତାଙ୍କ କଥା ଶୁଣିନଥିଲେ। ଏପଟେ ଚାକିରି ହରାଇଥିବା ଲଘୁତମଙ୍କ ପକ୍ଷେ ଘର ଚଳାଇବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା। ଏଥିରେ ସେ ମାନସିକସ୍ତରରେ ପୂରା ଭାଙ୍ଗି ପଡ଼ିଥିଲେ। ଆଜି ସଂଧ୍ୟାରେ ସେ ହସ୍ପିଟାଲର ୭ମହଲା ▶ପୃଷ୍ଠା-୭

### ବିଶ୍ୱସ୍ତରୀୟ ବରମୁଣ୍ଡା ବସ୍ ଟର୍ମିନାଲ୍

## ୧୫ ମାସରେ ନାରଖାର

■ **ଭୁବନେଶ୍ୱର, ୨।୧୧ (ସମିସ):** ଭୁବନେଶ୍ୱର ବରମୁଣ୍ଡାରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡକୁ ୨୦୨୪ ମସିହାରେ କୋଟିକୋଟି ଟଙ୍କା ବ୍ୟୟରେ ନବକଳେବର କରାଯାଇ ଏହାକୁ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ନାମରେ ନାମିତ କରାଯାଇଥିଲା। ଯାହା ବିଶ୍ୱସ୍ତରୀୟ ବସ୍ ଟର୍ମିନାଲର ମାନ୍ୟତା ହାସଲ କରିଥିଲା। କିନ୍ତୁ ସରକାର ବଦଳିବା ପରେ ବସ୍ ଟର୍ମିନାଲ ପରଚାଳନା ଏବଂ ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଇପାରୁ ନାହିଁ। ଟର୍ମିନାଲ୍ ଭିତରେ ଏସି କାମ କରୁ ନ ଥିବା ବେଳେ ପାଣି ଟ୍ୟାପ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ସେହିଭଳି ଭିତରେ ପଡ଼ିଥିବା ବିଶ୍ରାମ ଚେୟାରଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗିରୁଜି ଗଲାଣି।

ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲରୁ ପ୍ରତିଦିନ ଦୈନିକ ୩ ହଜାର ବସ୍‌ରେ ୨୦ ହଜାରରୁ ଅଧିକ ଯାତ୍ରୀ ବିଭିନ୍ନ ଜିଲ୍ଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟାତ








କରିଥାନ୍ତି। ଟର୍ମିନାଲ ଭିତରେ ଏସି ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ଦୀର୍ଘଦିନ ହେଲା ଅଚଳ ହୋଇପଡୁଛି। ଖରାଦିନ ତ ଖରାଦିନ ରାତି ଏବଂ ବର୍ଷା ଦିନେ ମଧ୍ୟ ଭିତରେ ଗୁଳୁଗୁଳି ଅନୁଭୂତ ହେଉଛି। ବିଡିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ୫ ବର୍ଷ ପାଇଁ କଣ୍ଟ୍ରାକ୍ଟ ଦିଆଯାଇଥିଲା। ହେଲେ ଏହି କମ୍ପାନୀ ଅନ୍ୟ ଏକ ଡ଼ାଇକିନ୍ କମ୍ପାନୀକୁ ଏସି ଲଗାଇବା ପାଇଁ ସୁପାରିଶ କରିଥିଲେ। କିନ୍ତୁ ବାହାଘର ପରେ ବେଦି ମୁହଁ ପୋଡ଼ା ଭଳି ଏସିର ୱାରେଣ୍ଟି ସରିବା ପରେ ପ୍ରାୟ ବର୍ଷେ ହୋଇଯିବ ଠିକ୍ ଭାବେ ପରିଚାଳନା କରା ନ ଯିବାରୁ ବାରମ୍ବାର ଏସି ସମସ୍ୟା ଦେଖାଦେଉଛି। ସେହିଭଳି ଟର୍ମିନାଲ ଭିତରେ ପିଲାଙ୍କ ପାଇଁ ଗେମ୍ ଜୋନ୍ ରହିଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଭାଙ୍ଗିରୁଜି ଗଲାଣି। ▶ପୃଷ୍ଠା-୭

## ରାଜସ୍ଥାନରେ ଟ୍ରକ୍-ବସ୍ ଧକ୍କା, ୧୮ ମୃତ

**ଯୋଧପୁର,୨।୧୧(ଏଜେନ୍ସି):** ରାଜସ୍ଥାନର ଯୋଧପୁର ନିକଟସ୍ଥ ଫାଲେଦି ଜିଲ୍ଲାର ମତୋଡ ଅଞ୍ଚଳରେ ରବିବାର ଭାରତ ମାଲା ରୋଡ୍‌ରେ ଏମ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ଉପରେ ଠିଆ ହୋଇଥିବା ଟ୍ରକ୍‌କୁ ଏକ ଟୁରିଷ୍ଟ ବସ୍ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଫଳରେ ୧୮ ଜଣ ଯାତ୍ରୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୩ରୁ ୪ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ପରେ ଏହି ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବିକାନେରର କୋଲାୟାଟ ମନ୍ଦିର ଦର୍ଶନ କରି ଶ୍ରଦ୍ଧାଳୁମାନେ ଯୋଧପୁରର ସୁରସାଗରକୁ ଫେରିଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଟ୍ରକ୍‌କୁ ବସ୍ ଏତେଜୋରରେ ଧକ୍କା ଦେଇଥିଲା ଯେ, ବସର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ରୂପେ ଚୂରମାର ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଆହତଙ୍କୁ ଉଦ୍ଧାର କରିଥିଲେ। ଏହି ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିବା ସହିତ ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପତ୍ନୀ-ଝିଅ, ଶାଳୀଙ୍କୁ ହତ୍ୟାକରି ଆତ୍ମହତ୍ୟା


**ହାଇଦରାବାଦ୍,୨।୧୧ (ଏଜେନ୍ସି):** ତେଲଙ୍ଗାନାର ବିକାରାବାଦ ଜିଲ୍ଲାରେ ପାରିବାରିକ ବିବାଦ କାରଣରୁ ଜଣେ ବ୍ୟକ୍ତି ବିଭତ୍ସ କାଣ୍ଡ ଘଟାଇଛନ୍ତି। ଶନିବାର ରାତିରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ନିଜ ପତ୍ନୀ, ୧୦ ବର୍ଷର ଝିଅ ଓ ଶାଳୀଙ୍କୁ ହତ୍ୟା କରି ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା କୁଲକାଚେରଲେ ମଣ୍ଡଳରେ ରାତି ୨ରୁ ୩ଟା ମଧ୍ୟରେ ଘଟିଥିଲା ଓ ପୁଲିସ ଏ ନେଇ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ପତି ଓ ପତ୍ନୀଙ୍କ ମଧ୍ୟରେ ଲାଗାତର ପାରିବାରିକ ବିବାଦ ଚାଲୁଥିଲା ଓ ଏଥିପାଇଁ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ଅଭିଯୁକ୍ତ ବଡ଼ ଝିଅ ଉପରେ ମଧ୍ୟ ଆକ୍ରମଣ କରିଥିଲା। କିନ୍ତୁ ସେ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ରାତିରେ ବାପା ଓ ମାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ବଡ଼ ଝିଅ କହିଛି। ଏହାପରେ ମା ଘର ଛାଡି ଚାଲିଯାଇଥିଲେ। କିନ୍ତୁ ମାଉସୀ ସହିତ ମା ଘରକୁ ଫେରିଥିଲେ। ରାତିରେ ସବୁ ଶୋଇଥିବା ବେଳେ ବାପା ଏହି କାଣ୍ଡ ଘଟାଇଥିଲେ। କୌଣସି ମତେ ବାହାରକୁ ଆସି ଜୀବନ ବଞ୍ଚାଇଥିଲି ବୋଲି ସେ କହିଛି। ପୁଲିସ ଆକ୍ରମଣରେ ବ୍ୟବହୃତ ହୋଇଥିବା ଅସ୍ତ୍ର ଜବତ କରିଛି। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଆଗକୁ ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଛି।

## ଲାଇଟ୍ ବନ୍ଦ କରିବାକୁ ନେଇ ହତ୍ୟା

**ବେଙ୍ଗାଲୁରୁ,୨।୧୧(ଏଜେନ୍ସି):** ବେଙ୍ଗାଲୁରୁର ଗୋବିନ୍ଦରାଜ ନଗରରେ ଏକ କାର୍ଯ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ଜଣେ ସାଧାରଣ କର୍ମଚାରୀ ଡମ୍ବେଲରେ ନିଜ ମ୍ୟାନେଜରଙ୍କୁ ପିଟି ପିଟି ହତ୍ୟା କରିଛି। ଏମ୍‌ସି ଲେଆଉଟ ନିକଟରେ ଥିବା ଏକ ଡିଜିଟାଲ ଭଲ୍ଟ ଓ ଫଟୋ ଏଡିଟିଂ ଫାର୍ମରେ ଏହି ଘଟଣା ଘଟିଛି। ୨୪ ବର୍ଷୀୟ କର୍ମଚାରୀ ସୋମଲା ଭାମ୍‌ସୀ ଲାଇଟ୍ ବନ୍ଦ କରିବା ନେଇ ଏକ ମାମୁଲି କାରଣ ପାଇଁ ନିଜ ମ୍ୟାନେଜର ୪୧ ବର୍ଷୀୟ ଭିମେଶ ବାବୁଙ୍କୁ ପିଟି ପିଟି ହତ୍ୟା କରିଛି। ଅଭିଯୁକ୍ତ ସୋମଲା ଜଣେ ଟେକ୍ନିକାଲ ଏକଜିକ୍ୟୁଟିଭ ଭାବେ କାର୍ଯ୍ୟ କରୁଥିଲା। ପୁଲିସ ଏହି ଘଟଣା ହତ୍ୟା ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ପୁଲିସ ସୋମଲାକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମୃତକ ଭିମେଶଙ୍କୁ ଅତ୍ୟଧିକ ଆଲୋକ ନେଇ ସମସ୍ୟା ଥିଲା। ଅତି ଆବଶ୍ୟକ ନହେଲେ ସେ ନିଜ କର୍ମଚାରୀଙ୍କୁ ଲାଇଟ୍ ନ ଜଳାଇ ବନ୍ଦ କରିବାକୁ କହିଥାନ୍ତି। କିନ୍ତୁ ଶୁକ୍ରବାର ରାତି ୧ଟାରେ ସେ ଭିମେଶ ସୋମଲାଙ୍କୁ ଲାଇଟ୍ ବନ୍ଦ କରିବାକୁ କହିଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟ କରିଥିବାରୁ ସୋମଲାଙ୍କ ସହ ତାଙ୍କ ବିବାଦ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୋମଲା ଡମ୍ବେଲରେ ଭିମେଶଙ୍କ ଛାତି, ମୁହଁ, ମୁଣ୍ଡ ଉପରେ ଏକାଧିକ ବାର ଆକ୍ରମଣ କରିଥିଲା। ଫଳରେ ଭିମେଶ ବେହୋଶ ହୋଇ ତଳେ ପଡିଯାଇଥିଲେ। ଏହାପରେ ସେମଲା ଡରିଯାଇ ବ୍ୟସ୍ତ ହୋଇଥିଲା। ନିଜ ବନ୍ଧୁମାନଙ୍କୁ ଡାକି ସେ ଆମ୍ବୁଲାନ୍ସ ଡକାଇଥିଲା। କିନ୍ତୁ ଆମ୍ବୁଲାନ୍ସ କର୍ମଚାରୀ ଭିମେସଙ୍କୁ ମୃତ ବୋଲି ଘୋଷିତ କରିଥିଲେ।

## ସ୍କୁଟିକୁ ଧକ୍କା ଦେଲା ଆମ୍ବୁଲାନ୍ସ: ଦମ୍ପତି ମୃତ

**ବେଙ୍ଗାଲୁରୁ,୨।୧୧(ଏଜେନ୍ସି):** ଦ୍ରୁତଗତିରେ ଯାଉଥିବା ଏକ ଆମ୍ବୁଲାନ୍ସ ନାଲି ବତୀ ପାରକରି ଏକ ସ୍କୁଟିକୁ ଧକ୍କା ଦେବା ଫଳରେ ବେଙ୍ଗାଲୁରୁର ସଡ଼କ ରକ୍ତରଞ୍ଜିତ ହୋଇଛି। ସାଧାରଣ ଲୋକଙ୍କ ଜୀବନ ବଞ୍ଚାଉଥିବା ଆମ୍ବୁଲାନ୍ସ ହିଁ ଏହି ଘଟଣା ଘଟାଇଛି। ଟ୍ରାଫିକ୍ ନିୟମ ମାନି ଏକ ଦମ୍ପତି ସ୍କୁଟିରେ ରେଡ୍ ଲାଇଟ୍‌ରେ ରହିଥିଲେ। କିନ୍ତୁ ପଛପଟୁ ଆମ୍ବୁଲାନ୍ସ ଦ୍ରୁତଗତିରେ ଆସି ନିୟନ୍ତ୍ରଣ ହରାଇ ଅନ୍ୟ ଗାଡିଗୁଡିକୁ ଧକ୍କା ଦେବା ସହ ସ୍କୁଟି ଉପରେ ଚଢ଼ିଯାଇଥିଲା। ଫଳରେ ସ୍କୁଟିରେ ବସିଥିବା ଦମ୍ପତି ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଆଉ ଦୁଇଜଣ ଆହତ ହୋଇଛନ୍ତି ଓ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବେଙ୍ଗାଲୁରୁ ରିଚମଣ୍ଡ ସର୍କଲରେ ଶନିବାର ରାତି ୧୧ଟାରେ ଏହି ଘଟଣା ଘଟିଛି। ଧକ୍କା ଦେଇ ଆମ୍ବୁଲାନ୍ସ କିଛି ବାଟ ଯିବା ପରେ ଏକ ପୁଲିସ ପୋଷ୍ଟରେ ଧକ୍କା ଦେଇ ରହିଯାଇଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ୱିଲସନ ଗାର୍ଡେନ ଟ୍ରାଫିକ ପୁଲିସ ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦୁର୍ଘଟଣା ନେଇ ତଦନ୍ତ ଆରମ୍ଭ ହୋଇଛି।



# ଇଜିପ୍ଟରେ ବିଶ୍ୱର ସର୍ବବୃହତ୍ ମ୍ୟୁଜିୟମ ଖୋଲିଲା

**କାଏରୋ,୨।୧୧(ଏଜେନ୍ସି):** ଉତ୍ତର ଆଫ୍ରିକୀୟ ଦେଶ ଇଜିପ୍ଟର ଗିଜାର ପିରାମିଡ୍ ନିକଟରେ ବିଶ୍ୱର ସର୍ବବୃହତ୍ ମ୍ୟୁଜିୟମ୍ 'ଗ୍ରାଣ୍ଡ ଇଜିପ୍ଟିଆନ୍ ମ୍ୟୁଜିୟମ' (ଜିଇଏମ୍) ଖୋଲାଯାଇଛି। ଶନିବାର ସର୍ବସାଧାରଣଙ୍କ ପାଇଁ ମ୍ୟୁଜୟମକୁ ଆନୁଷ୍ଠାନିକ ଭାବେ ଖୋଲାଯାଇଛି। ମ୍ୟୁଜିୟମର ଉଦ୍‌ଘାଟନୀ ଉତ୍ସବକୁ ଭବ୍ୟ କରାଯିବା ପାଇଁ ସବୁ ପ୍ରକାର ପ୍ରୟାସ କରାଯାଇଥିଲା। ଏଥିରେ ଇଜିପ୍ଟ ରାଷ୍ଟ୍ରପତି ଅବଡେଲ ଫତା

### ପ୍ରତିବର୍ଷ ଆସିବେ ୮୦ ଲକ୍ଷ ଲୋକ

ଏଲ-ସିସିଙ୍କ ସମେତ ବିଶ୍ୱର ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଯୋଗ ଦେଇଥିଲେ। ଏକ ବିଲିଅନ ଆମେରିକୀୟ ଡଲାର ଅର୍ଥାତ ୮୮, ୭୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହି ମ୍ୟୁଜିୟମ ନିର୍ମାଣ କରାଯାଇଛି। ଏହି ମ୍ୟୁଜିୟମର ସ୍ୱତନ୍ତ୍ରତା ହେଉଛି ଯେ, ଏଠାରେ ବାଳକ ରାଜା ଟୁଟାନଖାମୁନଙ୍କ ସମାଧି ରହିଛି। ବ୍ରିଟିସ୍ ପ୍ରତ୍ନତତ୍ତ୍ୱବିତ୍ ହାୱାର୍ଡ କାର୍ଟର ୧୯୨୨ରେ ଏହି ସମାଧିକୁ ଆବିଷ୍କାର କରିଥିଲେ। ଟୁଟାନଖାମୁନ ମାତ୍ର ୯ ବର୍ଷରେ ଇଜିପ୍ଟର ସିଂହାସନ ଆରୋହଣ କରିଥିଲେ ଓ ୧୮-୧୯ ବର୍ଷରେ ମୃତ୍ୟୁବରଣ କରିଥିଲେ। ଖ୍ରୀଷ୍ଟପୂର୍ବ ୧୩୩୨ରୁ -୧୩୨୩ ପର୍ଯ୍ୟନ୍ତ ସେ ଶାସନ କରିଥିଲେ। ତାଙ୍କର ଏହି କବର ୩,୦୦୦ ପର୍ଯ୍ୟନ୍ତ ଦବି ରହିଥିଲା। ପଥର ଓ ଅବର୍ଜନା କାରଣରୁ ଏହି ସମାଧି ଲୁଚି ରହିଥିଲା। ଏବେ ଏହି ମ୍ୟୁଜିୟମରେ ୫୦ ହଜାରରୁ ଊର୍ଦ୍ଧ୍ୱ ଐତିହାସିକ ବସ୍ତୁ ପ୍ରଦର୍ଶିତ ହୋଇଛି। ଏଠାରେ ୪୫୦୦ ବର୍ଷ ପୁରୁଣା ଖୁପୁଙ୍କ ନୌକା, ୩୨୦୦ ବର୍ଷ ପୁରୁଣା ରାମେସେସ-୨ଙ୍କ ମୂର୍ତ୍ତି ଦେଖିବାକୁ ମିଳିବ। ଏଥିରେ ୫୫୦୦ରୁ ଅଧିକ କଳାକୃତି ମିଳିଥିଲା। ଏବେ ପ୍ରଥମଥର ପାଇଁ ଏସବୁ ସାଧାରଣ ଦର୍ଶକଙ୍କ ପାଇଁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ ହେଉଛି। ଏଠାରେ ଏକ ଲକ୍ଷ ପ୍ରାଚୀନ କଳାକୃତି ରହିଛି। ଏହା ଇଜିପ୍ଟର ୭,୦୦୦ ବର୍ଷ ପୁରୁଣା ଇତିହାସକୁ ପ୍ରଦର୍ଶିତ କରୁଛି। ଏହାକୁ ଆଧୁନିକ ଯୁଗର ସର୍ବବୃହତ ସାଂସ୍କୃତିକ ଓ ଗବେଷଣା କେନ୍ଦ୍ର ଭାବେ ବିବେଚନା କରାଯାଉଛି।

# ଭାରତୀୟଙ୍କ ପାଇଁ କାଳ ଟ୍ରମ୍ପଙ୍କ ଦ୍ୱିତୀୟ ଇନିଂସ



**ୱାସିଂଟନ,୨।୧୧(ଏଜେନ୍ସି):**

### ଭାରତୀୟଙ୍କ ପ୍ରତି ହେଟ୍ କ୍ରାଇମ୍ ୯୧ ପ୍ରତିଶତ ବୃଦ୍ଧିପାଇଛି

### ମନ୍ଦିର ଉପରେ ଆକ୍ରମଣ ବୃଦ୍ଧି ପାଇଛି

### ଏଚ୍-୧ବି ଭିସା ନେଇ ଧମକ ମିଳୁଛି

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକାର ରହୁଥିବା ଭାରତୀୟଙ୍କ ବିରୋଧରେ ହେଟ୍ କ୍ରାଇମ୍ ଅର୍ଥାତ ଘୃଣାର ଅପରାଧ ୯୧ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଦକ୍ଷିଣ ଏସୀୟ ଲୋକଙ୍କ ବିରୋଧରେ ଅନଲାଇନ୍ ଘୃଣା ସୀମିତ ଥିଲା। ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ୪୬,୦୦୦ ଟ୍ରୋଲିଂ ଓ ୮୮୪ଟି ଧମକ ମିଳିଥିଲା। କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ହିଁ ସ୍ଥିତି ଆହୁରି ବିଗିଡି ଯାଇଛି। ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ଟ୍ରୋଲିଂ ୮୮,୦୦୦ରେ ପହଞ୍ଚିଛି। ଅର୍ଥାତ ଏଥିରେ ୯୧ ପ୍ରତିଶତ ବୃଦ୍ଧି ହୋଇଛି। ଡିସେମ୍ବରରେ ଟ୍ରମ୍ପ-ମସ୍କ- ରାମାସ୍ୱାମୀ ଯୁକ୍ତିତର୍କ ପରେ ୭୬ ପ୍ରତିଶତ ଧମକ ଚାକିରି ଛାଡିବାକୁ ଦିଆଯାଇଛି। ରାଷ୍ଟ୍ରପତି ଟ୍ରମ୍ପ ଏଚ୍-୧ବି ଭିସାର ଫି' ବଢ଼ାଇବା ଓ ୧୦୪ ଭାରତୀୟଙ୍କୁ ଆମେରିକାକୁ ବିଦା କରିବା ପରେ ସ୍ଥିତି ଆହୁରି ସଙ୍ଗୀନ ହୋଇଥିଲା। ଏହାପରେ ଟେକ୍ସାସ, ଭିର୍ଜିନିଆ ଓ କାଲିଫର୍ଣ୍ଣିଆରେ ମନ୍ଦିର ଉପରେ ଆକ୍ରମଣ ଓ ଗୁଳିମାଡ଼ ଘଟଣା ବୃଦ୍ଧି ପାଇଥିଲା। ୨୦୨୪ ନଭେମ୍ବର ଓ ୨୦୨୫ ଅକ୍ଟୋବର ମଧ୍ୟରେ ଆମେରିକାର ବିଭିନ୍ନ ସହରରେ ଭାରତୀୟଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଆମେରିକାରୁ ଭାରତୀୟଙ୍କୁ ବାହାର କରିବା ନେଇ ସ୍ଲୋଗାନରେ ଯଥେଷ୍ଟ ବୃଦ୍ଧି ଘଟିଛି। ଟ୍ରମ୍ପଙ୍କ କେତୋଟି ବିବାଦୀୟ ନୀତି କରାଣରୁ ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ବୃଦ୍ଧି ପାଇଛି। ଏହିକ୍ରମରେ ସୋସିଆଲ ମିଡିଆରେ ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ପୋଷ୍ଟ, ଅନ୍‌ଲାଇନ୍ ଟ୍ରୋଲିଂ ଯଥେଷ୍ଟ ବୃଦ୍ଧିପାଇଛି। କେବଳ ଭାରତୀୟ ନୁହେଁ ପୂରା ଦକ୍ଷିଣ ଏସିଆର ନାଗରିକଙ୍କୁ ମଧ୍ୟ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଟାର୍ଗେଟ କରାଯାଉଛି।

ଏହି ସମସ୍ୟା ପାଇଁ ମୁଖ୍ୟତଃ ୪ଟି କାରଣ ରହିଛି। ଆମେରିକା ସମେତ ୟୁରୋପ ଓ ଅଷ୍ଟ୍ରେଲିଆରେ ପ୍ରବାସୀଙ୍କ ବିରୋଧରେ ଘୃଣା ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଉଛି।। ଏହି ଭାବନା ସାରା ବିଶ୍ୱରେ ଦେଖାଯାଇଛି ଓ ଏହା ଦକ୍ଷିଣପନ୍ଥୀ ରାଜନୀତିର ମୁଖ୍ୟ ଅସ୍ତ୍ର ମଧ୍ୟ ପାଲଟିଛି। ପ୍ରଥମଟି ହେଲା ଏଚ୍-୧ବି ଭିସା ଉପରେ ଅସନ୍ତୋଷ ଓ ରାଗ ଦେଖିବାକୁ ମିଳିଛି। ଏହି ଭିସା ନେଇ ଭାରତୀୟମାନେ ଅପେକ୍ଷାକୃତ କମ୍ ଯୋଗ୍ୟ ହୋଇଥିଲେ ମଧ୍ୟ ଆମେରିକୀୟଙ୍କ ଚାକିରି ନେଉଛନ୍ତି। ପୁଣି ଗୋରା ଲୋକମାନେ ନିଜର ପଡିଆରା ବୃଦ୍ଧି କରିବାକୁ ଚାହୁଁଛନ୍ତି ଓ ଏହା ଏବେ ଚରମ ସୀମାରେ ପହଞ୍ଚିଛି। ସେହିପରି ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟ ଭାରତୀୟଙ୍କୁ ସମସ୍ୟାରେ ପକାଇଛି। ଏହି ବାଣିଜ୍ୟ ଚୁକ୍ତି ଭାରତୀୟଙ୍କ ବିରୋଧରେ ଘୃଣାକୁ ଦ୍ୱିଗୁଣିତ କରୁଛି। ଫ୍ଲୋରିଡାରେ ଜଣେ ଭାରତୀୟ ଶିଖ ଡ୍ରାଇଭର ଟ୍ରକ୍ ଚଢ଼ାଇଦେବା ଫଳରେ ୩ ଆମେରିକୀୟଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ବଢ଼ାଇ ଚଢ଼ାଇ ଉପସ୍ଥାପନ କରାଯିବା ଫଳରେ ଆମେରିକାରେ ଭାରତୀୟଙ୍କ ପ୍ରତି ଘୃଣାଭାବ ବୃଦ୍ଧି ପାଇଛି।

## ନାଇଜେରିଆ ଆକ୍ରମଣ କରିବାକୁ ଟ୍ରମ୍ପଙ୍କ ଧମକ

**ୱାସିଂଟନ,୨।୧୧(ଏଜେନ୍ସି):** ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆ ଉପରେ ଆମେରିକା ଆକ୍ରମଣ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହି ଦେଶରେ ଯଦି ଖ୍ରୀଷ୍ଟିଆନ ନାଗରିକଙ୍କ ହତ୍ୟା ତଥା ନରସଂହାର ରୋକା ନଯାଏ ତେବେ ଆମେରିକା ଆକ୍ରମଣ କରିବ ବୋଲି ସେ ଚେତାଇ ଦେଇଛନ୍ତି। ପୁଣି ଆମେରିକା ନାଇଜେରିଆକୁ ଆର୍ଥିକ ତଥା ସୈନ୍ୟ ସହାୟତା ରୋକିବ। ଯଦି ଆବଶ୍ୟକ ପଡେ ଆମେରିକା ବନ୍ଧୁକ ସହ ନାଇଜେରିଆ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଖ୍ରୀଷ୍ଟିଆନଙ୍କ ଉପରେ ଆକ୍ରମଣ କରୁଥିବା ଆତଙ୍କବାଦୀଙ୍କୁ ଆମେରିକା ନିପାତ କରିବ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ନାଇଜେରିଆରେ ଗତ ଜାନୁଆରୀରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଧାର୍ମିକ ହିଂସା କାରଣରୁ ୭,୦୦୦ରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟିଆନ ନାଗରିକଙ୍କୁ ହତ୍ୟା କରାଯାଇଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହି ନରସଂହାର ପଛରେ ବୋକୋ ହାରାମ ଓ ଫୁଲାନୀ ଉଗ୍ରବାଦୀ ଭଳି ଆତଙ୍କବାଦୀ ଗୋଷ୍ଠୀକୁ ଦାୟୀ କରାଯାଉଛି। ଯଦି ଆମେରିକା ଆକ୍ରମଣ କରେ ତେବେ ଏହା ଭୟାନକ ଓ କ୍ଷିପ୍ର ହେବ ବୋଲି ଟ୍ରମ୍ପ ଚେତାଇ ଦେଇଛନ୍ତି। ତେବେ ନାଇଜେରିଆରେ ଧାର୍ମିକ ଅସହିଷ୍ଣୁତା ବୃଦ୍ଧି ପାଉଛି ବୋଲି କହିବା ଭୁଲ ହେବ ବୋଲି ନାଇଜେରିଆ ରାଷ୍ଟ୍ରପତି ଅହମ୍ମଦ ଟୁନିବୁ କହିଛନ୍ତି।

# ଭାଇକୁ ମାରି ଭାଉଜଙ୍କୁ ଦୁଷ୍କର୍ମ ପରେ ହତ୍ୟା

**ରାଜକୋଟ, ୨।୧୧ (ଏଜେନ୍ସି):** ଗୁଜରାଟର ଜୁନାଗଡ଼ ସହରରୁ ପାଖାପାଖି ୫୦ କିମି ଦୂରରେ ଶୋଭାଭଦଲା ଗାଁର ଖୋଡିଆର ଆଶ୍ରମରେ ଜଣେ ୧୫ ବର୍ଷୀୟ ନାବାଳକ ଅଜବ କାଣ୍ଡ ଘଟାଇଛନ୍ତି। ଏହି ନାବାଳକ ନିଜ ବଡ଼ଭାଇଙ୍କୁ ମାରିବା ପରେ ନିଜ ଗର୍ଭବତୀ ଭାଉଜକୁ ଦୁଷ୍କର୍ମ କରିବା ପରେ ହତ୍ୟା କରିବା ଭଳି ଘଟଣା ସାମ୍ନାକୁ ଆସିଛି। କେବଳ ସେତିକି ନୁହଁ, ନାବାଳକ ଜଣଙ୍କ ଭାଉଜଙ୍କ ପେଟକୁ ଏତେଜୋରରେ ଗୋଇଠା ମାରିଥିଲେ ଯେ, ୬ ମାସର ଶିଶୁ ତାଙ୍କ ଗର୍ଭରୁ ବାହରକୁ ବାହାରି ଆସିଥିଲା। ଅକ୍ଟୋବର ୧୬ରେ ଏହି ଘଟଣା ଘଟିଥିଲା। ତେବେ ୩୧ ତାରିଖ ଶୁକ୍ରବାର ଏହା ସାମ୍ନାକୁ ଆସିଥିଲା। ଭାଇ ଓ ଭାଉଜଙ୍କ ମୃତଦେହକୁ ନଗ୍ନ କରି ନାବାଳକ ଜଣକ ଘରେ ଭିତରେ ହିଁ ପୋତିଦେଇଥିଲା। ଏହାପରେ ଦୁଇଜଣ ପୋଷାକରେ ନିଆଁ ଲଗାଇ ପୋଡି ଦେଇଥିଲା ଓ



ରକ୍ତର ଛିଟାକୁ ପୋଛିଥିଲା। ତା'ର ମା ବଡ଼ ପୁଅ ଓ ବୋହୂର ମୃତଦେହକୁ ପୋତିବାରେ ନାବାଳକଙ୍କୁ ସାହଯ୍ୟ କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି। ମୃତକ ହେଉଛନ୍ତି ୨୨ ବର୍ଷୀୟ ଶିବମଗିରି ଓ ତାଙ୍କ ପତ୍ନୀ ହେଉଛନ୍ତି ୧୯ ବର୍ଷୀୟା କାଞ୍ଚନ କୁମାରୀ। ଶିବମଗିରି ଜଣେ ଇଲେକଟ୍ରିସିଆନ ଭାବେ କାର୍ଯ୍ୟ କରନ୍ତି। ନାବାଳକ ଜଣକ ଆଶ୍ରମର ଦେଖାଶୁଣା କରିବା ସହ ଗାଇଗୋରୁଙ୍କ ପାଳନ କରନ୍ତି। ଭାଇ ଶୋଇଥିବା ବେଳେ ସେ ଲୁହା ରଡ୍‌ରେ ପିଟି ତାଙ୍କୁ ହତ୍ୟା କରିଥିଲା। ଏହାପରେ ସେ ଭାଉଜଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା କରିଥିଲା। ଅଭିଯୁକ୍ତ ନାବାଳକ ପୁଲିସ ଆଗରେ ନିଜ ଅପରାଧ ସ୍ୱୀକାର କରିଛି। ସେ ନିୟମିତ ମଦ୍ୟପାନ କରୁଥିଲା। ମଦ ଛାଡିବାକୁ ବଡ଼ ଭାଇ ବାରମ୍ବାର କହୁଥିଲେ। ଫଳରେ ସେ ଭାଇକୁ ଘୃଣା କରୁଥିଲା ଓ ଏହି କାରଣରୁ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ବିହାରରୁ ଆସି ଏହି ପରିବାର ଗତ ୨୮ ବର୍ଷ ହେବ ଆଶ୍ରମରେ ରହୁଥିଲେ।

## ମେକ୍ସିକୋରେ ବିସ୍ଫୋରଣ; ୨୩ ମୃତ

**ମେକ୍ସିକୋ ସିଟି,୨।୧୧(ଏଜେନ୍ସି):** ଉତ୍ତର ଆମେରିକୀୟ ଦେଶ ମେକ୍ସିକୋର ସୋନାରା ରାଜ୍ୟରେ ହେର୍ମୋସିଲୋଠାରେ ଥିବା ଏକ ସୁପରମାର୍କେଟ୍‌ରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି। ଏଥିରେ କେତେଜଣ ଛୋଟପିଲାଙ୍କ ସମେତ ୨୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା କରାଯାଉଛି। ଶନିବାର ଅପହରାହ୍ନ ୨ଟାରେ ଏହି ବିସ୍ଫୋରଣ ହୋଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଆଖାପାଖ ଦୋକାନରେ ନିଆଁ ଲାଗିବାର ଆଶଙ୍କା ଥିଲା। ଫଳରେ ଦୋକାନଗୁଡିକୁ ବନ୍ଦ କରିଦିଆଯାଇଥିଲା। ଏହି ବିସ୍ଫୋରଣ ନେଇ ଯାଞ୍ଚ ଆରମ୍ଭ କରାଯାଇଛି ବୋଲି ସୋନାରା ଗଭର୍ନର ଅଲଫୋନସୋ ଦୁରାଜ କହିଛନ୍ତି। ତେବେ ଏହାକୁ ଆତଙ୍କବାଦୀ ଘଟଣା କିମ୍ବା ହିଂସକ ଘଟଣା ବୋଲି କହିବାକୁ ସୁରକ୍ଷା ଏଜେନ୍ସିମାନେ ମନା କରିଛନ୍ତି। ମେକ୍ସିକୋରେ 'ଡେ ଅଫ୍ ଦି ଡେଡ୍' ଉତ୍ସବ ପାଳନ କରାଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ନିଜର ପୂର୍ବ ପୁରୁଷଙ୍କ ମନେ ପକାଇବା ପାଇଁ ଓ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଉତ୍ସବ ପାଳନ କରାଯାଇଥାଏ।

### ଦଳାଚକଟା ନେଇ ପୂଜାରୀଙ୍କ ଅଜବ ଯୁକ୍ତି

# ମୋ ଜମି, ମୋ ମନ୍ଦିର, ପୁଲିସ୍‌କୁ କାହିଁକି ଜଣାଇବି?

**ହାଇଦରାବାଦ୍,୨।୧୧(ଏଜେନ୍ସି):** ୪ ମାସ ତଳେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର କାସବୁଗା ଗାଁରେ ଯେତେବେଳେ ୯୪ ବର୍ଷୀୟ ଭଗବାନ ଭେଙ୍କଟେଶ୍ୱରଙ୍କ ଭକ୍ତ ହରି ମୁକୁନ୍ଦ ପଣ୍ଡା ନିଜ ଜୀବନର ସ୍ୱପ୍ନ ପୂରଣ କରିଥିଲେ, ସେତେବେଳେ କେହି ଭାବି ନଥିଲେ ଯେ ଏଭଳି ମୃତ୍ୟୁର ବିଭୀଷିକା ଘଟିବ। ସେ ଭଗବାନ ଭେଙ୍କଟେଶ୍ୱରଙ୍କ ନାମରେ ଏକ ଛୋଟ ମନ୍ଦିର ନିର୍ମାଣ କରିଥିଲେ। ଏହାକୁ 'ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର'ର ମାନ୍ୟତା ପାଇଥିଲା। ଏହାକୁ ଲୋକ ଶ୍ରଦ୍ଧାରେ 'ଚିନ୍ନା ତିରୁପତୀ' ବା 'ମିନି ତିରୁପତୀ' କହୁଥିଲେ। ତିରୁପତୀଙ୍କ ବୈଭବରେ ପ୍ରେରିତ ହୋଇ ସ୍ଥାନୀୟ ଲୋକ ଏହି ମନ୍ଦିରକୁ ନୂଆ ଅସ୍ଥାର କେନ୍ଦ୍ର ରୂପେ ବିବେଚନା କରିଥିଲେ। ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ ଦର୍ଶନ ପାଇଁ ଏହି ମନ୍ଦିରକୁ ଆସିଥାନ୍ତି। କିନ୍ତୁ ଶନିବାର ଏକାଦଶି ଦିନ ଦଳଚକଟା ଘଟଣା ଘଟିଥିଲା ଓ ଏଥିରେ ୧୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱଲୋକ ଆହତ ହୋଇଥିଲେ।



କିନ୍ତୁ ଏହି ଦୁର୍ଘଟଣା ନେଇ ମନ୍ଦିର ପ୍ରତିଷ୍ଠାତା ହରି ମୁକୁନ୍ଦ ପଣ୍ଡା ଅଜବ ଯୁକ୍ତି ଦେଇଛନ୍ତି। ଏହି ଘଟଣା ପରେ ତାଙ୍କୁ ଯେତେବେଳେ ପ୍ରଶ୍ନ କରାଗଲା ଯେ, ସେ କାହିଁକି ପ୍ରଶାସନକୁ ସୂଚନା ଦେଇ ନଥିଲେ। ସେ କହିଛନ୍ତି ଯେ, ମୁଁ ମନ୍ଦିର ନିଜ ଜମିରେ ନିର୍ମାଣ କରିଛି। ତେଣୁ ପୁଲିସକୁ କାହିଁକି ସୂଚନା ଦେବି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ଏହା ମୋର ଅଧିକାର ବୋଲି ସେ ସ୍ପଷ୍ଟ କରିଛନ୍ତି। ମନ୍ଦିର ସାଧାରଣ ଶାନ୍ତ ରହିଥାଏ। କିନ୍ତୁ ଏକାଦଶୀ ଦିନ ଏତେ ଭିଡ଼ ହେବ ବୋଲି ଆଶା କରି ନଥିଲି। ହଠାତ ଭିଡ ବୃଦ୍ଧି ପାଇଥିଲା। ପ୍ରସାଦ ମଧ୍ୟ ଶେଷ ହୋଇଥିଲା। ଦ୍ୱିତୀୟଥର ପାଇଁ ପ୍ରସାଦ ତିଆରି କରିବାକୁ ଭାବୁଥିଲି, କିନ୍ତୁ ସେତେବେଳକୁ ଏହି ଘଟଣା ଘଟି ସାରିଥିଲା ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାର ନିନ୍ଦା କରିଛନ୍ତି। ଯଦି ପୁଲିସ୍‌କୁ ପୂର୍ବରୁ ସୂଚନା ଦିଆଯାଇଥାନ୍ତା, ତେବେ ଉଚିତ ବ୍ୟବସ୍ଥା ଗ୍ରହଣ କରାଯାଇଥାନ୍ତା ଓ ଏହି ଘଟଣା ଘଟି ନଥାନ୍ତା। ମୃତକଙ୍କୁ ବଞ୍ଚାଇ ଯାଇ ପାରିଥାନ୍ତା ବୋଲି ସେ କହିଛନ୍ତି। ମୃତକଙ୍କ ପରିବାରକୁ ସହାୟତା ଦେବାକୁ ସେ ଘୋଷଣା କରିଛନ୍ତି। ସେ ମଧ୍ୟ ମନ୍ଦିର ପରିଚାଳନା କମିଟିର ବେପରୁଆ ମନୋଭାବକୁ ନିନ୍ଦା କରିଛନ୍ତି।

### ବିହାର ବାହୁବଳୀ ଅନନ୍ତ ସିଂହ ଗିରଫ

# ଧଳା ପୋଷାକ ପଛରେ କଳା ସାମ୍ରାଜ୍ୟ

**ପାଟନା, ୨।୧୧ (ଏଜେନ୍ସି):**

ଅପରାଧୀଙ୍କୁ ରାଜନୀତି ଏକ ସୁରକ୍ଷିତ ସ୍ଥାନ ପ୍ରଦାନ କରୁଛି। ଏହାର ଛତ୍ରଛାୟାରେ ରହି ଅପରାଧୀ ଆପରାଧିକ ସାମ୍ରାଜ୍ୟକୁ ଚଲାଉଛନ୍ତି। ଏମାନଙ୍କ ପାଇଁ ଆଇନ ତା ବାଟରେ ଯାଉଛି। ବିଧାନସଭା ନିର୍ବାଚନକୁ ନେଇ ଚର୍ଚ୍ଚାରେ ଥିବା ବିହାରରୁ ଏହାର ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ଧଳା ପୋଷାକ ତଳେ ଅପରାଧର କଳା ସାମ୍ରାଜ୍ୟ ଚଳାଉଥିବା ଏହି ବ୍ୟକ୍ତି ହେଉଛନ୍ତି ଅନନ୍ତ କୁମାର ସିଂହ ଓରଫ ଛୋଟେ ସରକାର। ସେ କ୍ଷମତାସୀନ ଜେଡିୟୁ ଦଳର ଜଣେ କୁଖ୍ୟାତ ବାହୁବଳୀ। ସରକାରୀ ଦଳର ଛତ୍ରଛାୟାରେ ରହି ଅପରାଧ କରୁଥିବା ଏହି ବାହୁବଳୀ ବେଶି ଦିନ ପର୍ଯ୍ୟନ୍ତ ମଧ୍ୟ ଜେଲ୍‌ରେ ରୁହନ୍ତି ନାହିଁ। ତିନି ମାସ ତଳେ ଏକ ମାମଲାରେ ବେଉର ଜେଲ୍‌ରୁ ମୁକୁଳିଥିବା ଏହି ଅନନ୍ତ ସିଂହ ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟି ଥିବା ଆରଜେଡି ନେତା ଦୁଲାରଚାନ୍ଦ ଯାଦବଙ୍କୁ ହତ୍ୟା କରିଥିବାର ଅଭିଯୋଗ ହୋଇଛି। ଗତ ଗୁରୁବାର ଦିନ ପ୍ରଶାନ୍ତ କିଶୋରଙ୍କ ପାର୍ଟିର ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ଯାଦବ ପ୍ରଚାର କରୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ଅନନ୍ତ ସଂପୃକ୍ତ ଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ମାମଲାରେ ପୁଲିସ ତାଙ୍କୁ ଗତକାଲି ବିଳମ୍ବିତ ରାତିରେ ଗିରଫ କରିଛି। କୋର୍ଟ ତାଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି।।

ସୂଚନା ଅନୁଯାୟୀ ପାଟନା ଏସଏସପି କାର୍ତ୍ତିକେୟ ଶର୍ମା ୧୫୦ ଜଣ ପୁଲିସ କର୍ମୀଙ୍କୁ ନେଇ ଶନିବାର ବିଳମ୍ବିତ ରାତିରେ ବେଢ଼ନାର କାର୍‌ଗିଲ ଛକ ସ୍ଥିତ ଘରୁ ଅନନ୍ତଙ୍କୁ ଗିରଫ କରିଥିଲେ। ପରେ ତାଙ୍କୁ ପାଟନା ନେଇ ଆସିଥିଲେ। ରାତି ୨ଟାରେ ପାଟନା ଜିଲ୍ଲାପାଳ ଏବଂ ଏସ୍‌ଏସ୍‌ପି ସାମ୍ବାଦିକ ସମ୍ମିଳନୀ କରି ସମ୍ପୂର୍ଣ୍ଣ ମାମଲାର ସୂଚନା ଦେଇଥିଲେ।



ଧଳା ପୋଷାକ ସାଙ୍ଗକୁ କଳା ଚଷମା ପିନ୍ଧୁଥିବା ଅନନ୍ତଙ୍କୁ ଯିଏ ଦେଖିବ ସେ ସ୍ୱଚ୍ଛ ଭାବମୂର୍ତ୍ତିର ଭାବିନେବ। କିନ୍ତୁ ବାସ୍ତବରେ ସେ ସେପରି ନୁହନ୍ତି। ପାଟନାରେ ଥିବା ମୋକାମା ତାଙ୍କ ଗଡ଼ ଭାବେ ପରିଚିତ। ଗତ ଦୁଇ ଦଶନ୍ଧି ହେଲା ଅନନ୍ତ ସିଂହ ମୋକାମାରୁ ରାଜନୀତିକୁ ନିୟନ୍ତ୍ରଣ କରୁଛନ୍ତି। ସେ କୌଣସି ନିର୍ବାଚନୀ ସଙ୍କେତ ଚାହାନ୍ତି ନାହିଁ। ସେ ହିଁ ସଙ୍କେତ ପାଲଟି ଯାଆନ୍ତି। ଜେଡିୟୁ ହେଉ କି ଆରଜେଡି କିମ୍ବା ସ୍ୱାଧୀନ ସେ ଜିତିବା ସୁନିଶ୍ଚିତ ହୋଇଥାଏ। କେବଳ ଏହି ବାହୁବଳୀଙ୍କ ସ୍ଲୋଗାନ ବଦଳି ଯାଇଥାଏ। ଅନନ୍ତ ସିଂହଙ୍କ କଳା ସାମ୍ରାଜ୍ୟ ଏବଂ ଅପରାଧର ତାଲିକା ଯିଏ ଶୁଣେ ସେ ଭୟରେ ଥରି ଉଠାଇଥାଏ। ଦୁଲାରଚାନ୍ଦଙ୍କ ହତ୍ୟା ଏହାର ଏକ ଉଦାହରଣ ମାତ୍ର।

ଅନନ୍ତ ସତ୍ୟପାଠରେ କହିଛନ୍ତି ଯେ ତାଙ୍କ ଉପରେ ରେ ୨୮ଟି ମାମଲା ରହିଛି। ଏଗୁଡିକ ମଧ୍ୟରେ ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର, ନିର୍ଯାତନା, ଅପହରଣ ଏବଂ ଆକ୍ରମଣ ଆଦି ସାମିଲ ରହିଛି। ସେହିପରି ଅନନ୍ତଙ୍କ ପାଖରେ ୧୩ କୋଟିର ସ୍ଥାବର ସମ୍ପତ୍ତି ରହିଛି। ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିକୁ ମିଶାଇ ତାଙ୍କ ପାଖରେ ମୋଟ ୩୭.୮୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ଅନନ୍ତଙ୍କ ବିଧାୟିକା ସ୍ତ୍ରୀ ନିଳୀମା ଦେବୀଙ୍କ ପାଖରେ ୬୨.୭୨ କୋଟି ଟଙ୍କାର ସମ୍ପତ୍ତି ମଧ୍ୟ ରହିଛି।

ମୋକାମାର ସରକାର ହେଉଛନ୍ତି ଛୋଟେ ସରକାର। ଏହି ଭୂମିହାର ନେତା ୨୦୦୫ରେ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିଲେ। ୨୦୧୦ରେ ପୁନର୍ବାର ଜିତିବା ସତ୍ତ୍ୱେ ୨୦୧୫ରେ ନୀତୀଶ କୁମାରଙ୍କ ଜେଡିୟୁ ଛାଡ଼ି ସେ ଆରଜେଡିରେ ସାମିଲ ହୋଇଥିଲେ। ଏହି ନିର୍ବାଚନରେ ସେ ସ୍ୱାଧୀନ ଭାବେ ଲଢ଼ି ଜେଡିୟୁ ନେତାଙ୍କୁ ହରାଇ ଥିଲେ। ପୁଣି ୨୦୨୦ ନିର୍ବାଚନ ପୂର୍ବରୁ ସେ ଜେଡିୟୁକୁ ଫେରି ବିଜୟୀ ହୋଇଥିଲେ। ତେବେ ୨୦୨୨ରେ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ ଅନନ୍ତଙ୍କ ବିଧାୟକ ପଦ ଚାଲି ଯାଇଥିଲା। ତେଣୁ ଉପ-ନିର୍ବାଚନରେ ସେ ପତ୍ନୀ ନିଳୀମାଙ୍କୁ ଆରଜେଡି ଟିକଟରେ ଛିଡ଼ା କରାଇ ମୋକାମାକୁ ନିଜ ହାତରେ ରଖିଥିଲେ। ଅନନ୍ତ ଗିରଫ ହେବା ଘଟଣାରୁ ସ୍ପଷ୍ଟ ହୋଇଯାଉଛି ଯେ ବିହାରରେ ସେମାନଙ୍କର ହିଁ ରାଜ ରହିଛି।

ସକାଳ THE SAKALA
ସୋମବାର ୩ ନଭେମ୍ବର, ୨୦୨୫



# ପଞ୍ଚୁକ ଆରମ୍ଭରୁ ଶ୍ରଦ୍ଧାଳୁ କଳବଳ





ପୁରୀ, ୨।୧୧(ସମିସ): ପଞ୍ଚୁକ ଆରମ୍ଭରୁ କଳବଳ ଭକ୍ତ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଆଜି ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। କିନ୍ତୁ, ଦର୍ଶନ ଜନିତ ଅବ୍ୟବସ୍ଥା ଯୋଗୁଁ ବହୁ ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି। ବଡ଼ ଆଖଡ଼ା ମଠ ସମ୍ମୁଖ ବ୍ୟାରିକେଡ୍ ଭିତରେ ଠେଲାପେଲା ଯୋଗୁଁ ଏକାଧିକ ଭକ୍ତ ଆହତ ହୋଇଥିବା ବେଳେ କିଛି ଧୈର୍ଯ୍ୟହରା ଭକ୍ତ ବ୍ୟାରିକେଡ୍ ଠେଲି ଭାଙ୍ଗିଦେବା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।

ଉଦ୍‌ବେଗର ବିଷୟ ହେଲା, ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନଥିବାରୁ ବ୍ୟାରିକେଡ୍‌ରେ ଘଣ୍ଟାଘଣ୍ଟା ଛିଡ଼ା ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଖାଲି ସେତିକି ନୁହେଁ, ସେମାନେ ଆଉ ଦର୍ଶନ କରିବାକୁ ଭିତରକୁ ନ ଯାଇ ଘରକୁ ଫେରିଛନ୍ତି। କେବଳ ସିଂହଦ୍ୱାରରେ ପ୍ରବେଶ ନିୟମ ଯୋଗୁଁ ଏଭଳି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ କରି ପ୍ରଶାସନ ଓ ପୁଲିସ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ଶ୍ରଦ୍ଧାଳୁ। ସ୍ଥିତି ଏମିତି ଅଣାୟତ୍ତ ହୋଇଥିଲା ଯେ ପୁଲିସ ନିରୁପାୟ ହୋଇ ସିଂହଦ୍ୱାର ସମ୍ମୁଖରେ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ଭକ୍ତଙ୍କୁ ଛାଡ଼ିବାକୁ ବାଧ ହୋଇଥିଲା। ସେହିପରି ଶେଡ୍ ଭିତରେ ଅପେକ୍ଷାରତ ଶ୍ରଦ୍ଧାଳୁଙ୍କୁ ପିଇବା ପାଣି ମିଳି ନ ଥିବା ବେଳେ ଏକାଧିକ ଜାଗାରେ ଫ୍ୟାନ ମଧ୍ୟ ଚାଲୁନଥିଲା। ଏମିତି ନାନାପ୍ରକାର ଅବ୍ୟବସ୍ଥା ଫଳରେ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି ଶହଶହ ଶ୍ରଦ୍ଧାଳୁ।

- ଠେଲାପେଲାରେ ଏକାଧିକ ଭକ୍ତ ଆହତ
- ଘଣ୍ଟାଘଣ୍ଟା ଛିଡ଼ା ହୋଇ ଫେରିଗଲେ ଅନେକ
- ଧୈର୍ଯ୍ୟ ହରାଇ ବ୍ୟାରିକେଡ୍ ଭାଙ୍ଗିଲେ
- ଆନନ୍ଦ ବଜାରରେ ବି ଚରମ ବିଶୃଙ୍ଖଳା

ପଞ୍ଚୁକ ପୂର୍ବରୁ କୁହାଯାଇଥିଲା ଯେ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ସେ ଦିଗରେ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସମନ୍ୱୟ ରଖି ସମସ୍ତ ପଦକ୍ଷେପ ନେଇଛନ୍ତି। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି କେବଳ ଗୋଟିଏ ଦ୍ୱାର(ସିଂହଦ୍ୱାର)ରେ ପ୍ରବେଶ ହେବ ଏବଂ ବାକି ତିନିଦ୍ୱାରରେ ଶ୍ରଦ୍ଧାଳୁ ପ୍ରସ୍ଥାନ କରିବେ ବୋଲି କୁହାଯାଇଥିଲା। ହେଲେ ଠିକଣା ବେଳକୁ ସବୁ ଫେଲ୍ ମାରିଛି। କେବଳ ସିଂହଦ୍ୱାରରେ ପ୍ରବେଶ ଅନୁମତି ଥିବାରୁ ଧାଡ଼ି ମାର୍କେଟ୍ ଛକ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ସ୍ଥିତିକୁ ଦେଖି ଅପରାହ୍ନରେ ବ୍ୟାରିକେଡ୍‌କୁ ଆହୁରି ବଢ଼ାଇଥିଲା ପ୍ରଶାସନ। ଫଳରେ ଅସ୍ଥାୟୀ ବ୍ୟାରିକେଡ୍‌ରେ ଘଣ୍ଟାଘଣ୍ଟା ଧରି ଚିପିଚାପି ହୋଇ ଠିଆ ହୋଇଥିଲେ ବୃଦ୍ଧବୃଦ୍ଧା, ମହିଳା, ଶିଶୁ।

ଆନନ୍ଦବଜାରରେ ବି ଚରମ ବିଶୃଙ୍ଖଳା ଦେଖିବାକୁ ମିଳିଥିଲା। ଅବଢ଼ା ଏବଂ ଶୁଖିଲି ଭୋଗ ବିକ୍ରେତାମାନେ ଅବ୍ୟବସ୍ଥିତ ଢଙ୍ଗରେ ବସିଥିଲେ। ଫଳରେ ବୋଝିଆମାନେ ମହାପ୍ରସାଦ ନେଇ ଯିବା ବେଳେ ରଖିବା ପାଇଁ ନାକେଦମ୍ ହୋଇପଡୁଥିଲେ।

ଏହି ଅବ୍ୟବସ୍ଥାକୁ ନେଇ ଜଣେ ବରିଷ୍ଠ ନାଗରିକ ଗଣମାଧ୍ୟମ ସମ୍ମୁଖରେ ସରକାରଙ୍କ ଉପରେ ଅସନ୍ତୋଷ ଝାଡ଼ିଥିଲେ। କହିଥିଲେ, ଛି... ଏ ସରକାର ଛି...। ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ପ୍ରକାର ସୁବିଧା ହୋଇନି। ଧାଡ଼ିରେ ୫ଘଣ୍ଟା ଛିଡ଼ା ହେବା ପରେ ଆମେ ଦର୍ଶନ ନ କରି ଫେରିଯାଉଛୁ। ସରକାରଙ୍କ କ'ଣ ଏଇଥିପାଇଁ ଜିତାଇଥିଲୁ, ଆମ ଜୀବନ ଧିକ୍ କହି ଘରକୁ ପଳାଇଥିଲେ।

ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାବାହୁ

## ଆଜି ରତ୍ନସିଂହାସନରେ ତ୍ରିବିକ୍ରମ ବେଶ

ପୁରୀ, ୨।୧୧ (ସମିସ): ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ପ୍ରଥମ ଦିନ (ରବିବାର) ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ବେଶ ଦର୍ଶନ ଲାଗି ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥିଲା। ସୋମବାର କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କ ଡାଳିକିଆ ବା ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେବ। ଏହି ଦିନ ଗରୁଡ଼ ଉତ୍‌ଥାପନ ନୀତି ମଧ୍ୟ ରହିଛି। ସେହିପରି, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷଦିନ ଅର୍ଥାତ୍ ୫ ତାରିଖରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ।

ଶନିବାର ରାତିରେ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ରାତ୍ର ୧ଟା ୪୦ରେ ପହୁଡ଼ ହୋଇଥିବା ବେଳେ ରବିବାର ଭୋର୍ ୪ଟା ୧୦ରେ ଦ୍ୱାର ଫିଟି ଶ୍ରୀମନ୍ଦିରରେ ଭିତର ଶୋଧ ଓ ମଙ୍ଗଳ ଆଳତି କରଯାଇଥିଲା। ପରେ ମଇଲମ ଓ ତଡ଼ପଲାଗି କରାଯାଇ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଲକ୍ଷ୍ମୀନାରାୟଣ ବେଶ କରାଯାଇଥିଲା। ପୁଷ୍ପାଳକମାନେ ତିନି ଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ବିଭିନ୍ନପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଇଥିଲା। କୀରିଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗାଯାଇଥିଲା। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ, ବାଳଧୂପ ସରିବା ପରେ ତିନିବାଡ଼ରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଆରମ୍ଭ ହେଲା ଶୁଭକାଳ

ପୁରୀ,୨।୧୧(ସମିସ): ରଥଯାତ୍ରା ପରେ ହରିଶୟନ ଏକାଦଶୀରେ ନିଦ୍ରା ଯାଇଥିଲେ ମହାପ୍ରଭୁ। ଚାରିମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଛନ୍ତି। ଏହି କାର୍ତ୍ତିକ ଶୁକ୍ଳ ଏକାଦଶୀକୁ ହରି ଉତ୍‌ଥାପନ ଏକାଦଶୀ କୁହାଯାଏ। ଶ୍ରୀମନ୍ଦିରରେ ରବିବାର ହରି ଉତ୍‌ଥାପନ ନୀତି ସମ୍ପନ୍ନ ହୋଇଛି। ଠାକୁରଙ୍କ ଏହି ଶୟନ ଚାରିମାସକୁ ଚତୁର୍ମାସ୍ୟା

### ନିଦରୁ ଉଠିଲେ ମହାପ୍ରଭୁ

ବୋଲି କୁହାଯାଏ। ଏହି ସମୟରେ ଶୁଭ କାର୍ଯ୍ୟ କରାଯାଏ ନାହିଁ। ମହାପ୍ରଭୁ ନିଦରୁ ଉଠିବା ପରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଶୁଭ କାଳ ଓ ଶୁଭ କର୍ମ। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀନାରାୟଣ, ବଳଭଦ୍ରଙ୍କ ପ୍ରତିନିଧି ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ମା' ଭୁବନେଶ୍ୱରୀ ଶୟନ ଯାଇଥିଲେ।

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ହରି ଉତ୍‌ଥାପନ ଏକାଦଶୀ ଅନ୍ୟତମ। ଶ୍ରୀମନ୍ଦିରରେ ବଡ଼ସିଂହାର ଭୋଗ ସରିବା ପରେ ହରି ଉତ୍‌ଥାପନ ନୀତି ଆରମ୍ଭ ହୋଇଥିଲା। ରତ୍ନସିଂହାସନ ତଳେ ମହାସ୍ନାନ ପୂଜା ପରେ ମୁଦିରସ୍ତ ଓ ପଣ୍ଡା ତିନିଜଣ ଖଟଶେଯ ଘର ଉପରକୁ ଯାଇ ତଡ଼ାଉ ଶୟନ ପେଡ଼ି ମୁଦ ଭାଙ୍ଗିଥିଲେ। ମୁଦିରସ୍ତ ଶୟନ ପେଡ଼ି ଖୋଲି କର୍ପୂର, ଆଳତି, ଅଞ୍ଜଳି କରାଇ ୩ଟି ରୂପା ଥାଳିରେ ତିନିଦିଅଁଙ୍କୁ ବିଜେ କରାଇ ପଣ୍ଡାଙ୍କୁ ସମର୍ପଣ କରିଥିଲେ। ପୂଜାପଣ୍ଡାମାନେ ତିନିଠାକୁରଙ୍କୁ ଖଟୁଲିରେ ବିଜେ କରାଇ ମହାସ୍ନାନ କରାଇଥିଲେ। ମହାସ୍ନାନ ପରେ ଠାକୁରମାନେ ସିଂହାସନକୁ ବିଜେ କରିଥିଲେ। ପରେ ତିନିଠାକୁରଙ୍କ ସର୍ବାଙ୍ଗ ଲାଗି, ନୂଆ ଲୁଗା, ମାଳ ଫୁଲ ଲାଗି ହେବା ସହ ୬ ମୂର୍ତ୍ତି ଅଳଙ୍କାର ବେଶ ହୋଇଥିଲେ। ବଲ୍ଲଭ ବସିଂହାର ଭୋଗ ପଟୁଆରରେ ଆସିଥିଲା। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ପରେ ଠାକୁରମାନେ ଶୟନ ଘରକୁ ବିଜେ କରିଥିଲେ।

## କାର୍ତ୍ତିକ ପରେ ଶ୍ରୀମନ୍ଦିରରେ ଗଣତିମଣତି: ମନ୍ତ୍ରୀ

ଭୁବନେଶ୍ୱର, ୨।୧୧(ସମିସ): ଆସନ୍ତା ୫ତାରିଖରେ କାର୍ତ୍ତିକ ମାସ କରିବ। ପରେ ରତ୍ନଭଣ୍ଡାରରେ ଗଣତିମଣତି ଏବଂ ଧାଡ଼ିଦର୍ଶନ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଆଇନମନ୍ତ୍ରୀ କହିଛନ୍ତି ଯେ ଗଣତିମଣତି ରତ୍ନଭଣ୍ଡାର ମଧ୍ୟରେ ହେବ। ଏଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଗଣତିମଣତି ପାଇଁ ଏସଓପିର ବର୍ତ୍ତମାନ ଡ୍ରାଫ୍ଟିଂ ଚାଲିଛି। ଖୁବ୍‌ଶୀଘ୍ର ଏସଓପି ଡ୍ରାଫ୍ଟିଂ ପ୍ରକ୍ରିୟା ସରିବ। କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଭିଡ଼କୁ ଦୃଷ୍ଟିରେ ରଖି ଉଭୟ ଗଣତିମଣତି ଏବଂ ଧାଡ଼ି ଦର୍ଶନକୁ ବନ୍ଦ ରଖାଯାଇଥିଲା ବୋଲି ସେ କହିଛନ୍ତି। ସେହିପରି ଆଗାମୀ ୧୧ ତାରିଖରେ ଶ୍ରୀମନ୍ଦିର ବିକାଶ ନେଇ ସମୀକ୍ଷା ବୈଠକ ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ସଂରକ୍ଷଣ ତଥା ମରାମତି ପରେ ନୂଆରୂପ ପାଇଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ସମସ୍ତ ବହୁମୂଲ୍ୟ ଅଳଙ୍କାର ତଥା ସାମଗ୍ରୀ ସ୍ଥାୟୀ ଭାବରେ ନିଆଯାଇଥିଲା। ତେବେ ରତ୍ନଭଣ୍ଡାରରେ ମୂଲ୍ୟବାନ ରତ୍ନ ଓ ଅଳଙ୍କାରର ଗଣତିମଣତି ହେଉ ନଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିଲା।

## ୭ରେ ନୂଆପଡ଼ା ଆସିବେ ରେବନ୍ତ ରେଡ୍ଡୀ

ଭୁବନେଶ୍ୱର,୨।୧୧(ସମିସ): ଆସନ୍ତା ୭ ତାରିଖରେ ନୂଆପଡ଼ା ଆସିବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ରେବନ୍ତ ଭୋଟ୍ ମାଗିବେ। ପୂର୍ବରୁ ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାରେ ରେବନ୍ତଙ୍କ ନାମ ରହିଥିବା ବେଳେ ଆସନ୍ତା ୭ ତାରିଖରେ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗସ୍ତରରେ ନୂଆପଡ଼ା ସାଲେଭଟାଠାରେ କଂଗ୍ରେସ ପକ୍ଷରୁ ବିରାଟର ସମାବେଶ ଆୟୋଜନ କରାଯିବାକୁ ଯୋଜନା ହୋଇଛି। ଏହି ଜନସଭାକୁ ଶ୍ରୀ ରେଡ୍ଡୀ ସମ୍ବୋଧିତ କରିବେ। ଏହା ପୂର୍ବରୁ ରବିବାର ସାଲେଭଟାଠାରେ ଆୟୋଜିତ ହେବାକୁ ଥିବା ସମାବେଶସ୍ଥଳ ପରିଦର୍ଶନ କରି ପିସିସି ସଭାପତି ଭକ୍ତ ଚରଣ ଦାସ ସମସ୍ତ ବିଷୟର ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସମୟରେ ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ବିଧାୟକ ଅଶୋକ ଦାସ, ପୂର୍ବତନ ଆଇଏଏସ ତଥା କଂଗ୍ରେସର ଜାତୀୟ ମୁଖପାତ୍ର ଅମିତ ହୁସେନ ଏବଂ ଆଲୋକ ବାବୁ ପ୍ରମୁଖ ଉପସ୍ଥିତ ରହି ସଭା ହେବାକୁ ଥିବା ସ୍ଥାନର ଯାଞ୍ଚ କରିଛନ୍ତି। ନୂଆପଡ଼ା ଉପନିର୍ବାଚନ ପାଇଁ ଏବେ ୩ ଦଳର ପ୍ରଚାର ସରଗରମ ହୋଇଛି। ୭ ତାରିଖରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କର ମଧ୍ୟ ଏକ ବିରାଟ୍ ରୋଡ୍ ଶୋ' କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସ ମଧ୍ୟ ଏହି ଆସନରେ କିପରି ନିଜର ସମର୍ଥକ ଓ ନୂଆପଡ଼ାବାସୀଙ୍କ ମନ ଜିଣିବ ସେନେଇ ଜୋରଦାର ଉଦ୍ୟମ କରୁଛି।

## ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ିଲା ଇ-କେୱାଇସି ଅବଧି

ଭୁବନେଶ୍ୱର,୨।୧୧(ସମିସ): ରାସନ୍ କାର୍ଡ ଇ-କେୱାଇସି ଅପଡେଟ୍ ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଅକ୍ଟୋବର ୩୧ ତାରିଖକୁ ଇ-କେୱାସି ଅପଡେଟ୍‌ର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହି ସମୟସୀମା ମଧ୍ୟରେ ଆହୁରି ୧୫ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଇ-କେୱାସି କରି ପାରି ନଥିବାରୁ ରାଜ୍ୟ ସରକାର ଏହି ଅବଧିକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିଷ୍ପତ୍ତି ଅନୁଯାୟୀ, ଯେଉଁମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଇ-କେୱାଇସି କରି ନାହାନ୍ତି, ସେମାନେ ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏଁ ଇ-କେୱାଇସି ଅପଡେଟ୍ କରିପାରିବେ।

ଏଥିପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡିଏସ୍ ହିତାଧିକାରୀଙ୍କୁ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡିଏସ୍ ହିତାଧିକାରୀଙ୍କ ଆଧାର ଭିତ୍ତିକ ଇ-କେୱାସି ପ୍ରକ୍ରିୟା ଜାରି ରହିଛି। ଏହା ସମସ୍ତ ୧୧,୮୨୭ଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ ଓ ୬୪ ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଜାରି ରହିଛି। ଏହାସହ ଅଦ୍ୟାବଧି ଇ-କେୱାସି କରାଇ ପାରି ନ ଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡିଏସ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇ ନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଯଦି ଏ ପର୍ଯ୍ୟନ୍ତ କୌଣସି କାରଣରୁ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରିନାହାନ୍ତି, ତାହାଲେ ସେମାନେ ଡିସେମ୍ବର ୩୧ ତାରିଖ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଇ-କେୱାଇସି କରାଇପାରିବେ ବୋଲି ବିଭାଗ କହିଛି।

ସୂଚନାଥାଉ କି, ଗତ ୧୪ ତାରିଖ ସୁଦ୍ଧା ରାଜ୍ୟରେ ୧୬ଲକ୍ଷ ୩୦ ହଜାର ୩୭୧ ଜଣ ହିତାଧିକାରୀ ଇ-କେୱାଇସି କରିନଥିଲେ। ତେଣୁ ସମସ୍ତ ଜିଲ୍ଲାପାଳଙ୍କୁ ଏହା ତ୍ୱରାନ୍ୱିତତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଗତ ୧୫ଦିନ ଭିତରେ ମାତ୍ର ୭୩ ହଜାର ୧୦୬ ଜଣ ଇ-କେୱାସି କରାଇଛନ୍ତି। ଏହାପରେ ମଧ୍ୟ ଆହୁରି ୧୫ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଇ-କେୱାଇସି କରାଇନାହାନ୍ତି।

## ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ନିଯୁକ୍ତ ହେବେ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୨।୧୧(ସମିସ): ରାଜ୍ୟର ଏକାଧିକ ବିଶ୍ୱବିଦ୍ୟାଳୟରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନାହାନ୍ତି। ପରୀକ୍ଷା ପରିଚାଳନାରେ ବିଳମ୍ବ ହେବା ସହ ବହୁ ସମୟ ପରେ ଯାଇ ପରୀକ୍ଷା ଫଳ ପ୍ରକାଶ ପାଉଛି। ପିଲାଙ୍କ ଶିକ୍ଷାରେ ଏହା ସିଧାସଳଖ ପ୍ରଭାବ ପକାଉଛି। ଏପରିକି, ବିଳମ୍ବିତ ପରୀକ୍ଷା ଫଳ ପାଇଁ ନାମ ଲେଖାଇନପାରି ଗୋଟିଏ ଶିକ୍ଷାବର୍ଷ ଧୋଇ ଯାଉଛି। ଏସବୁକୁ ବ୍ୟବସ୍ଥିତ କରିବା ପାଇଁ ଯୋଜନା କରିଛି ଉଚ୍ଚଶିକ୍ଷା ବିଭାଗ। ସମସ୍ତ ବିଶ୍ୱବିଦ୍ୟାଳୟରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି କରିବା ପାଇଁ ପଦକ୍ଷେପ ନେଇଛି। ଆସନ୍ତା ସପ୍ତାହରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ୧୩ଟି ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି କରିବ ବୋଲି ଜଣାପଡ଼ିଛି।

ରାଜ୍ୟର ପ୍ରଥମ ଓ ସର୍ବପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନାହାନ୍ତି। ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ଥିବା କାରଣରୁ ପରୀକ୍ଷା ପରିଚାଳନା ବିଳମ୍ବ ହେଉଛି। ୨୦୨୪-୨୫ ଶିକ୍ଷାବର୍ଷରେ ପିଜି ଦ୍ୱିତୀୟ

### ୩ବର୍ଷ ଲେଖାଏଁ ରହିବ କାର୍ଯ୍ୟକାଳ

ସେମିଷ୍ଟାର ପରୀକ୍ଷାଫଳ ବିଳମ୍ବ ହେବା କାରଣରୁ ବ୍ୟାକ୍ ପେପର୍ ପରୀକ୍ଷା ଦେଇଥିବା ଅନେକ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇପାରି ନ ଥିଲେ। ଫଳରେ ଉଚ୍ଚଶିକ୍ଷା ପାଇଁ ଆଉ ବର୍ଷେ ଅପେକ୍ଷା କରିବାକୁ ପଡ଼ିଥିଲା। ଅନୁରୂପ ଭାବେ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ବିଶେଷଜ୍ଞଙ୍କୁ ମଧ୍ୟ ସେମାନଙ୍କ ପ୍ରାପ୍ୟ ଠିକ୍ ସମୟରେ ମିଳୁ ନଥିବା ଅଭିଯୋଗ ରହିଛି। ଫଳରେ ପ୍ରଶ୍ନପତ୍ର ପ୍ରସ୍ତୁତିରେ ସେମାନେ ଆଗ୍ରହ ପ୍ରକାଶ କରୁନଥିବାରୁ ପରୀକ୍ଷା ବିଳମ୍ବିତ ହେଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପରି ସମସ୍ତ ବିଶ୍ୱବିଦ୍ୟାଳୟରେ ସମଦଶା ଲାଗି ରହିଛି। ଏହାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁତ୍ୱର ସହ ନେଇ ନିୟମିତ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି କରିବାକୁ ଅଣ୍ଟା ଭିଡ଼ିଛି। ସମସ୍ତ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ପାଇଁ ୧୩ଜଣ ବରିଷ୍ଠ ଅଧ୍ୟାପକଙ୍କ ନାମ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯାଇଛି। ଏପରିକି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ସବୁଜ ସଙ୍କେତ ମିଳିଥିବା ଜଣାପଡ଼ିଛି। ସମସ୍ତଙ୍କ କାର୍ଯ୍ୟକାଳ ତିନି ବର୍ଷ ଲେଖାଏଁ ରହିବ। ଆସନ୍ତା ସପ୍ତାହରେ ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇପାରେ ବୋଲି ଜଣାପଡ଼ିଛି।

## ଆଖିବୁଜିଲା ଅସୁସ୍ଥ ମାଈହାତୀ



ଜଳେଶ୍ୱର, ୨।୧୧ (ସମିସ): ପାଖାପାଖି ୨୦ଦିନ ଧରି ରାଇବଣିଆରେ ଉପଦ୍ରବ ଚଳାଇଥିବା ୩୦ ଟିକିଆ ଶିମିଳିପାଳ ହାତୀପଲ ମଧ୍ୟରୁ ଆଜି ଗୋଟିଏ ମାଈହାତୀର ମୃତ୍ୟୁ ଘଟିଛି। ୨ଦିନ ତଳେ ହାତୀଟି ସୁକଯୋଡ଼ି ଜଙ୍ଗଲରେ ବିଚରଣ କରୁଥିବା ବେଳେ ଅସୁସ୍ଥ ଥିବା ଜଣାପଡ଼ିଥିଲା। ବେଶୀ ଚଳପ୍ରଚଳ କରୁନଥିବା ବେଳେ ଖାଦ୍ୟ ମଧ୍ୟ ଖାଉ ନଥିଲା। ବନବିଭାଗ ଶନିବାର ତାକୁ ଠାବ କରି ଚିକିତ୍ସା ଲାଗି ପ୍ରୟାସ ଆରମ୍ଭ କରିଥିଲା। ପ୍ରାଣୀ ଚିକିତ୍ସକ ଗତକାଲି ହାତୀର ଫଟୋ ଉଠାଇ ଚାଲି ଯାଇଥିଲେ। ଆଜି ସକାଳେ ତା'ର ଚିକିତ୍ସା କରାଯାଇଥିଲା। ମାତ୍ର ଆଜି ଅପରାହ୍ନ ୫ଟାରେ ଶ୍ୟାମନଗର ପଞ୍ଚାୟତର ଧାନଘେରା ନିକଟ ପଞ୍ଚାୟତ ଅଫିସ୍ ନିକଟ ଜଙ୍ଗଲରେ ହାତୀଟି ମରି ପଡ଼ିଥିବା ଦେଖାଯାଇଥିଲା।

ଖବର ପାଇ ଜଳେଶ୍ୱର ରେଞ୍ଜର୍ ଜୟଶ୍ରୀ ମୁର୍ମୁ, ଫରେଷ୍ଟର୍ ପ୍ରହଲ୍ଲାଦ ନାୟକ, ବନ କର୍ମଚାରୀ, ରାଇବଣିଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଆସନ୍ତାକାଲି କୁଲଡିହାରୁ ଟିମ୍ ଆସିବା ପରେ ହାତୀଟିର ବ୍ୟବଚ୍ଛେଦ ହେବ ବୋଲି ଏସିଏଫ୍‌ଓ ଜୟଶ୍ରୀ ମୁର୍ମୁ କହିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳର ଏହି ହାତୀପଲ ୩ରୁ ୪ଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ଜଙ୍ଗଲରେ ଘୂରି ବୁଲୁଥିଲେ। ଦିନ ବେଳେ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଜନବସତି ଆଡ଼କୁ ମାଡ଼ି ଆସୁଥିଲେ। ଚାଷଜମିରେ ପଶି ଫସଲ ଖାଇବା ସହ ନଷ୍ଟ କରୁଥିଲେ। ବନବିଭାଗ ପକ୍ଷରୁ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ହାତୀପଲଙ୍କଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଥିଲା।

■ ଚର୍ଚ୍ଚାରେ ବ୍ରହ୍ମପୁର ମଣ୍ଡଳ କାରାଗାର...

## କାରାଗାରର ପ୍ରଥମ କଏଦୀ ଭାବେ ଏମଜେଏମସି ପାସ୍ କଲେ ବିମଳ

ବ୍ରହ୍ମପୁର,୨।୧୧(ସମିସ): ଶିକ୍ଷା ଲାଭ କ୍ଷେତ୍ରରେ ମନୁଷ୍ୟର ପରିସ୍ଥିତି ଏବଂ ବିଭିନ୍ନ ସମସ୍ୟା ବାଧା ସୃଷ୍ଟି କରୁନଥିବା ବହୁ ସମୟରେ ନଜିର ରହିଛି। ଶିକ୍ଷା ଲାଭ କରିଥିବା ବ୍ୟକ୍ତିର ସଂକଳ୍ପ ଓ ଇଚ୍ଛାଶକ୍ତି ସମ୍ମୁଖରେ ବହୁ ବାଧାବିଘ୍ନ ହାର ମାନିଛି। ସମାଜରେ ଏଭଳି ଅନେକ ଉଦାହରଣ ରହିଥିବା ବେଳେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ସମାନ ଘଟଣା ଦେଖିବାକୁ ମିଳିଛି। ଏକ ନିର୍ଦ୍ଦିଷ୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ସଜା କାଟୁଥିବା ବିମଳ କୁମାର ମିଶ୍ର ସାମ୍ବାଦିକତା ଓ ଗଣଯୋଗାଯୋଗ (ଏମଜେଏମସି)ର ସ୍ନାତକୋତ୍ତର ଡିଗ୍ରୀ ପାଠ୍ୟକ୍ରମରେ ପାସ୍ କରିଛନ୍ତି। ସେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଏହି ପାଠ୍ୟକ୍ରମରେ ୭.୪୯ ସିଜିପିଏ ସହ ପ୍ରଥମ ସ୍ଥାନରେ ପାସ କରିଛନ୍ତି। ବ୍ରହ୍ମପୁର କାରାଗାରର ପୂର୍ବରୁ କୌଣସି କଏଦୀ ଏମଜେଏମସି ପାଠ୍ୟକ୍ରମ ପାସ୍ କରିନଥିବା ବେଳେ ପ୍ରଥମଥର ନିମନ୍ତେ ୫୧ବର୍ଷୀୟ ବିମଳ ଉକ୍ତ ସ୍ନାତକୋତ୍ତର ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିଛନ୍ତି। ମଣ୍ଡଳ କାରାଗାରରେ ରହୁଥିବା ଅନ୍ତେବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ମୁକ୍ତ ବିଶ୍ୱବିଦ୍ୟାଳୟରେ ମାଗଣା ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ସହ ସମସ୍ତ ପ୍ରକାର ପାଠ୍ୟପୁସ୍ତକ ସହାୟତା ପ୍ରଦାନ କରାଯାଉଛି। ଯାହାର ଫଳସ୍ୱରୂପ ବିମଳ ଏହି କୃତିତ୍ୱ ହାସଲ କରିବାବା ସହ ଡିଗ୍ରୀ ହାସଲ ସକ୍ଷମ ହୋଇଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ମଣ୍ଡଳ କାରାଗାରରେ ଦୀର୍ଘ ୯ବର୍ଷ ହେବ ଏକ ନିର୍ଦ୍ଦିଷ୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ କୋଦଳା ଥାନା ଅଞ୍ଚଳର ବିମଳ କୁମାର ମିଶ୍ର (୫୧) ଆଜୀବନ ସଜା କାଟୁଛନ୍ତି। ବର୍ତ୍ତମାନ୍ ସେ ମଣ୍ଡଳ କାରାଗାରରେ ପାରାଲିଗାଲ ଭାଲ୍ୟୁଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ସେ ନିୟମିତ ଶିକ୍ଷକ କାରଗାରରେ ରହିଥିବା ଶ୍ରେଣୀଗୃହକୁ ପରିଭ୍ରମଣ କରି ଅନ୍ୟାନ୍ୟ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରୁଛନ୍ତି। ଏହିକ୍ରମରେ ନିକଟରେ ପ୍ରକାଶିତ ପରୀକ୍ଷାଫଳରେ ବିମଳ ପ୍ରଥମ ସ୍ଥାନରେ ପାସ କରିଥିବା ବ୍ରହ୍ମପୁର ମଣ୍ଡଳ କାରାଗାର ବରିଷ୍ଠ ଅଧୀକ୍ଷକ ଧିରେନ୍ଦ୍ର ନାଥ ବାରିକ କହିଛନ୍ତି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ଲାଭ କରିବା ସହ ଉଚ୍ଚଶିକ୍ଷିତ ଲକ୍ଷ୍ୟରେ ଅନ୍ତେବାସୀଙ୍କୁ ନିୟମିତ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଉତ୍ସାହିତ କରାଯାଉଥିବା ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ଶାଖାର ସଂଯୋଜିକା ଶୀତଲ ପୂର୍ଣ୍ଣିମା କହିଛନ୍ତି। ଗତ ୨୦୨୨ ମସିହାରେ ଏହି ପାଠ୍ୟକ୍ରମରେ ୧୧ଜଣ ଅନ୍ତେବାସୀ ନାମ ଲେଖାଇଥିଲେ। ତନ୍ମଧ୍ୟରୁ ପ୍ରଥମ ବିଦ୍ୟାର୍ଥୀ ରୂପେ ବିମଳ ଶିକ୍ଷା ଶେଷ କରିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ଅନେକ ଅନ୍ତେବାସୀ ଏଠାରେ ଶିକ୍ଷାବର୍ଷ ଶେଷ କରିଥିଲେ ମଧ୍ୟ ପିଜି ପାଠ୍ୟକ୍ରମ ଶେଷ କରିବାରେ ବିମଳ ପ୍ରଥମ ବୋଲି ସେ କହିଛନ୍ତି।

## ଗୁଣିଗାରେଡ଼ି ସନ୍ଦେହ ନେଲାଣି ୧୨୨୧ ଜୀବନ

ଭୁବନେଶ୍ୱର,୨।୧୧(ସମିସ): ରାଜ୍ୟରେ ପ୍ରତିଦିନ ଗୁଣିଗାରେଡ଼ି ପାଇଁ ଏକାଧିକ ଜୀବନ ଯାଉଛି। ଲୋକ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକଙ୍କୁ ହତ୍ୟା କରୁଛନ୍ତି। ଏହାକୁ ରୋକିବାକୁ ପୁଲିସ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିଥିଲେ ମଧ୍ୟ ସଫଳ ହୋଇପାରୁନି। ଯେଉଁଥି ପାଇଁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆରସି) ଅନ୍ୟ ରାଜ୍ୟ ଭଳି ବ୍ଲାକ୍ ମ୍ୟାଜିକ୍ ଆଇନ୍ ଆଣିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ହେଲେ ରାଜ୍ୟ ସରକାର ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି।

ଗୁଣିଗାରେଡ଼ି ଯୋଗୁଁ ୨୦୦୧ରୁ ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୧ହଜାର ୨୨୧ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହି ତାଲିକାରେ ଗଞ୍ଜାମ,ମୟୂରଭଞ୍ଜ, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି ଆଗରେ ଥିବା ଜଣାପଡିଛି। ଏହି ଅଞ୍ଚଳରେ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଯୋଗୁଁ ସର୍ବାଧିକ ହତ୍ୟାକାଣ୍ଡ ଘଟୁଛି। ଗୁଣିଗରାରେଡ଼ି, ଖଟବୁଲା, କୁଲାବୁଲା, ନଖଦର୍ପଣ ଆଦି କଳାଯାଦୁକୁ ଧର୍ତ୍ତବ୍ୟ ଅପରାଧ ଦର୍ଶାଇ ୨୦୧୩ ମସିହାରେ ଗୁଣି ଗାରେଡ଼ି ବିଲୋପ ପାଇଁ ସରକାର ତିଆରି କରିଥିଲେ 'ଓଡ଼ିଶା ପ୍ରିଭେନ୍ସନ୍ ଅଫ୍ ଉଇଚ୍ ହଣ୍ଟିଂ' ଆଇନ୍। ମାତ୍ର ତାହା ଏବେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହୋଇପାରୁନି। ଏହି ଆଇନ୍ ଅନୁସାରେ ଡାହାଣୀ କହି କାହାରିକୁ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ।

ନିକଟରେ ୨୦୧୫ ମାସରେ ଗଜପତି ଜିଲ୍ଲାରେ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ୧୪ଜଣ ମିଶି ହତ୍ୟା କରିଥିଲେ। ଏପରିକି ଶରୀରର ବିଭିନ୍ନ ଅଂଶକୁ

- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ସର୍ବାଧିକ ପ୍ରଭାବିତ
- ଗୁଣିଗାରେଡ଼ି ରୋକିବାକୁ ଆଇନ ଆହୁରି କଠୋର ହେଉ

କାଟି ହରଭାଙ୍ଗି ଡ୍ୟାମ୍‌ରେ ଫିଙ୍ଗି ଦେଇଥିଲେ। ୨୦୨୪ ଅଗଷ୍ଟ ମାସରେ ଯାଜପୁର ଜିଲ୍ଲାରେ ସଲୁକୁ ହାଁସଦା ନାମକ ଜଣେ ୬୫ ବର୍ଷିୟ ବ୍ୟକ୍ତିଙ୍କୁ ୬ଜଣ ମିଶି ହତ୍ୟା କରିଥିଲେ। ଗୁଣି ପାଇଁ ଗାଁରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟୁଥିବା ସନ୍ଦେହ କରିଥିଲେ ଅଭିଯୁକ୍ତମାନେ। ସେହିଭଳି ୨୦୨୪ରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଇଚ ଗାଁରେ ଜଣେ ଯୁବତୀଙ୍କ ପରିବାର ଲୋକ ଗୁଣିଆ ପାଖକୁ ନେଇଥିଲେ। ସେ ତାଙ୍କୁ ଭଲ କରିବା ଆଳରେ ତାଙ୍କ ମୁଣ୍ଡରେ ୭୩ଟି ଛୁଞ୍ଚି ଭୁସିଥିଲେ। ୨୦୨୪ ଜୁଲାଇରେ ଗତ ୪ତାରିଖରେ ବାଲେଶ୍ୱର ଔପଦ ଥାନା ଅଧୀନ ବରପଦା ଗ୍ରାମରେ ଗୁଣି ଗାରେଡ଼ି ପାଇଁ ୩ଜଣଙ୍କୁ ହତ୍ୟା କରାଯାଇଥିଲା।

ଅନ୍ୟପଟରେ ମହାରାଷ୍ଟ୍ର ଭଳି ରାଜ୍ୟରେ ବ୍ଲାକ୍ ମ୍ୟାଜିକ୍ ଆଇନ୍ ଆଣିବା ପାଇଁ ଦାବି ହେଉଛି। ୨୦୧୩ ମସିହାରେ ମହାରାଷ୍ଟ୍ର ବିଧାନସଭାରେ ଏହି ଆଇନ୍ ପାରିତ ହେବା ପରେ ଆଇନ୍ କାର୍ଯ୍ୟକାରୀ ହେଉଛି। ବ୍ଲାକ୍ ମ୍ୟାଜିକ୍ କଲେ ୭ ବର୍ଷ ଜେଲ ଦଣ୍ଡ ସହ ୫ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାର ନିୟମ ରହିଛି। ତେଣୁ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟ ପରି ଓଡ଼ିଶାରୁ ଏହି ଆଇନ୍ ଲାଗୁ କରାଯିବାକୁ ଅନେକ ମାନବାଧିକାର ଆୟୋଗ ଏବଂ ସାମାଜିକ ଅନୁଷ୍ଠାନ ଦାବି କରୁଛନ୍ତି। ଏଭଳି ଆଇନ୍ ଆଣିବା ପାଇଁ ଏନେଇ ମାନାବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଆୟୋଗଙ୍କ ନିକଟରେ ପିଟିସନ୍ କରିଛନ୍ତି। ଆୟୋଗ ଏହି ପିଟିସନର ଆଗାମି ଦିନରେ ଶୁଣାଣି କରିବେ ବୋଲି ଜଣାପଡ଼ିଛି।

**ବ୍ୟବସାୟୀ ଶିବଦୟାଲ ଜୈନଙ୍କୁ ହତ୍ୟା ଷଡଯନ୍ତ୍ର ଘଟଣା**

# ପୁଣି ନିରାଶ ହେଲେ ବିଜେପି ନେତା ଅଙ୍କୁର

ଟିଟିଲାଗଡ଼, ୨।୧୧(ସମିସ)

ଟିଟିଲାଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ଶିବଦୟାଲ ଜୈନଙ୍କୁ ହତ୍ୟା ଷଡଯନ୍ତ୍ର ମାମଲାରେ ଅଭିଯୁକ୍ତ ଅଙ୍କୁର ଅଗ୍ରୱାଲ ପୁଣି ନିରାଶ ହୋଇଛନ୍ତି। ତାଙ୍କ ଜାମିନ ଆବେଦନ ପୁଣି ଥରେ ଅଦାଲତ ଖାରଜ କରିଛନ୍ତି। ଅଙ୍କୁରଙ୍କ ପକ୍ଷରୁ ଦାଖଲ ହୋଇଥିବା ଜାମିନ ଆବେଦନକୁ ରବିବାର ଟିଟିଲାଗଡ଼ ଅତିରିକ୍ତ ଜିଲା ଓ ଦୌରା ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ ଖାରଜ କରିଛନ୍ତି।

ସେପ୍ଟେମ୍ବର ୨୮ ରାତି ୧୦ଟାରେ ଟିଟିଲାଗଡ଼ ରେଳ ଜଙ୍କସନ ସମ୍ମୁଖରେ ଥିବା ନିଜ ହୋଟେଲରୁ ଶିବଦୟାଲ ଘରକୁ ଏକ ସ୍କୁଟିରେ ଫେରୁଥିବା ବେଳେ ତାଙ୍କୁ ଗାଡି ଚପାଇ ହତ୍ୟା ଉଦ୍ୟମ ହୋଇଥିଲା। ଏହାକୁ ନେଇ ସେ ସମୟରେ ଶିବଦୟାଲ ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ ହେଲେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏହାପରେ ସେ ବଲାଙ୍ଗିର ଏସପିଙ୍କ ଦ୍ୱାରସ୍ଥ ହୋଇ ତାଙ୍କୁ ହତ୍ୟା ଉଦ୍ୟମ ହୋଇଥିବା ଅଭିଯୋଗ କରିଥିଲେ। ତେବେ ଷଡଯନ୍ତ୍ରକାରୀ ଅଙ୍କୁର ଅଗ୍ରୱାଲ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ଅତ୍ୟନ୍ତ ଘନିଷ୍ଠ ଲୋକ ହୋଇଥିବାରୁ ଟିଟିଲାଗଡ଼ ପୁଲିସ ମାମଲା ରୁଜୁ କରି ନ ଥିବା ସେ ସମୟରେ ଅଭିଯୋଗ ହୋଇଥିଲା। ଶିବଦୟାଲ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ପରେ ଅକ୍ଟୋବର ୪ରେ ମାମଲା ରୁଜୁ ହୋଇଥିଲା। ୫ ତାରିଖ ବିଳମ୍ବିତ ରାତିରେ ଏସପି ଅଭିଲାଷ ଜି ଏବଂ ଏଏସପି ଆଲୋକ ଜେନାଙ୍କ ନେତୃତ୍ୱରେ ପୁଲିସ ଅଙ୍କୁର ଏବଂ ତାଙ୍କ ୫ ଜଣ ସହଯୋଗୀଙ୍କୁ ଉଠାଇ ନେଇଥିଲା। ପ୍ରଥମେ ଟିଟିଲାଗଡ଼ ସବ୍‌ଜଜ୍



ଏବଂ ପରେ ଅତିରିକ୍ତ ଜିଲା ଓ ଦୌରା ଜଜ୍, ବଙ୍ଗୋମୁଣ୍ଡା ଜେଏମଏଫସି, କଣ୍ଟାବାଞ୍ଜି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ କ୍ରମାନ୍ୱୟରେ ଅଙ୍କୁରଙ୍କ ଜାମିନ

**ପଞ୍ଚମ ଥର ପାଇଁ ମିଳିଲାନି ଜାମିନ**

ଆବେଦନ ନାକଚ କରିଛନ୍ତି। ଉଭୟ ଟିଟିଲାଗଡ଼ ଏବଂ ସିନ୍ଧେକେଲା ଥାନା ପୁଲିସ ଜେଲରୁ ଅଙ୍କୁରଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚୁରା କରିଥିଲା।

ଶିବଦୟାଲଙ୍କ ହତ୍ୟା ଷଡଯନ୍ତ୍ର ମାମଲା ନେଇ ଅନେକ ଜାଲ ମୋବାଇଲ ସିମ୍ ବ୍ୟବହାର ଅଭିଯୋଗରେ ଅଙ୍କୁରଙ୍କ ନାମରେ ସିନ୍ଧେକେଲା ଥାନାରେ ରୁଜୁ ଅନ୍ୟ ଏକ ମାମଲା ନେଇ ମଧ୍ୟ ଜାମିନ ମିଳିନି। ତେବେ ବିବାଦ ଯୋଗୁଁ ପଡୋଶୀ ନୂଆପଡ଼ା ଜିଲ୍ଲାରେ ଅନୁଷ୍ଠିତ ଉପ ନିର୍ବାଚନରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କୁ ସାମିଲ କରା ନ ଯିବା ଆଲୋଚନାର ବିଷୟ ହୋଇଛି। ପୂର୍ବରୁ ବଡ଼ମାଲ ଫାଣ୍ଡି ଅଧିକାରୀ, ଟିଟିଲାଗଡ଼ ଅଞ୍ଚଳର ସାମ୍ବାଦିକଙ୍କୁ ଆକ୍ରମଣ, ମିଥ୍ୟା କେଶ୍ ମାମଲା ରୁଜୁ, ବ୍ୟବସାୟୀ ଶିବଦୟାଲ ଜୈନଙ୍କୁ ହତ୍ୟା ଉଦ୍ୟମ ନେଇ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ପୃଥକ ପୃଥକ ସାମ୍ବାଦିକ ସମ୍ମିଳନୀ ଡାକି ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସମସ୍ତ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲା। ଶନିବାର ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ବିନେକେଲାରେ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୂର୍ବତନ ମନ୍ତ୍ରୀ ଟୁକୁନା ସାହୁ ଟିଟିଲାଗଡ଼ ଅଞ୍ଚଳରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଗାଡିବା ନେଇ ବିଧାୟକ ନବୀନ ଜୈନଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଅଭିଯୋଗ କରିଥିଲେ।

**● ୭୬ ତମ ବଲାଙ୍ଗିର ଦିନ୍**

## ବିଳମ୍ବିତ ରାତି ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ



ବଲାଙ୍ଗିର, ୨।୧୧(ସମିସ): ବଲାଙ୍ଗିର କୋଶଳ କଳା ମଣ୍ଡପ ପଡ଼ିଆରେ ୭୬ତମ ଜିଲ୍ଲା ପ୍ରତିଷ୍ଠା ଉତ୍ସବ ବା ବଲାଙ୍ଗିର ଦିନ ପାଳିତ ହୋଇଛି। ଶନିବାର ରାତିରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ, ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ଗୌରଭ ଶିବାଜୀ ଇସାଲୱର, ଏସ୍‌ପି ଅଭିଲାଷ ଜି. ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବଲାଙ୍ଗିର ଦିନ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସକାଳୁ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଗଣ୍ଡାବଜା ଉପରେ ଆଲୋଚନା



ବଲାଙ୍ଗିର, ୨।୧୧(ସମିସ): ଏନ୍ତୁଡ଼ିଶାଳରୁ ଶ୍ମଶାନକୁ ଯିବା ପର୍ଯ୍ୟନ୍ତ ମଣିଷର ସମସ୍ତ ପ୍ରକାର ସଂସ୍କାରରେ ଯେଉଁ ବାଜା ବ୍ୟବହାର ହୋଇଥାଏ ତାହା ହେଉଛି ଗଣ୍ଡାବଜା। ଏହି ବାଜା ବାଜିଲେ ମଣିଷ ଦେହରେ ଦେବତା ଆସେ। ରୋମାଞ୍ଚିତ ହୁଏ ତନୁମନ। ପୁଲକିତ ହୁଏ ପ୍ରାଣ। ଏକଦା ଗଣ୍ଡାବଜାକୁ ନିଜର ପେଶା ଏବଂ ନିଶା ରୂପେ ବରିନେଇ ଏହି ବାଜାକୁ ହଜାର ହଜାର ବର୍ଷରୁ ବଂଶାନୁକ୍ରମିକ ଭାବରେ ଏହାର ମୌଳିକତାକୁ ବଞ୍ଚାଇ ରଖିଆସୁଥିବା ଏହି ବାଜା ଏବଂ ବଜନିଆମାନେ ଆଜି ସଂକଟରେ। ଏହା ମଧ୍ୟକୁ ଅନ୍ୟମାନଙ୍କ ଅନୁପ୍ରବେଶ ଯୋଗୁଁ ଏହା ବିକୃତି ଆଡ଼କୁ ଠେଲି ହୋଇଯାଉଛି। ଏଣୁ ଏହାର ମୌଳିକତାକୁ ବଞ୍ଚାଇ ରଖିବା ପାଇଁ ପ୍ରକୃଷ୍ଟ ସମୟ ଉପନୀତ ବୋଲି ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଗଁଡ଼ାବଜା ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଲୋଚନା ଚକ୍ରରେ ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର ଏବଂ କଳାହାଣ୍ଡିର ବହୁ କଳାକାର, ଗବେଷକ ଏବଂ ସଙ୍ଗୀତଜ୍ଞଙ୍କ ସହ ଗଁଡ଼ାବଜା ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ଭିବିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଗ ଯୋଗ ଦେଇଥିଲେ। ମାଧବ କୁମ୍ଭାର, ଦିଲୀପ ବାଗ, ଓମ୍ ପ୍ରକାଶ କୁମ୍ଭାର, ତରଣି ବାରିକ, ଅର୍ଜୁନ ମୁଗ୍ରୀ, ଗଦାଧର ନିଆଲ, ବ୍ରହ୍ମା କୁମ୍ଭାର, କାଳିଚରଣ ବାଗ, ତରଣିସେନ ଦୀପ, ନିଳାଚଳ ନନ୍ଦ, ଅଶୋକ ନାଗ, ଶାନ୍ତନୁ ବାରିକ, ଚୌଧୁରୀ ବିଭାର, ମନୋଜ ବାଗ, ଭରତ ନାଗ, ନେପାଳ ବାଗ, ଲକ୍ଷ୍ମଣ ନନ୍ଦ, କେଶନ ମହାନନ୍ଦ ପ୍ରମୁଖ ଏଥିରେ ଯୋଗ ଦେଇ ଆଲୋଚନା କରିଥିଲେ। ଗଣ୍ଡାବାଜାକୁ ସରକାରୀ ମାନ୍ୟତା ସହ ଗଣ୍ଡା ବଜନିଆମାନଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ପ୍ରଦାନ ନିମନ୍ତେ ଖୁବ୍ ଶୀଘ୍ର ଏକ ସମିତି ଗଠନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜଗଦୀଶ ବିଭାରଙ୍କ ସଭାପତିତ୍ୱ ଏବଂ କ୍ଷେତ୍ରମଣି ବିଭାରଙ୍କ ସଞ୍ଚାଳନାରେ ଏହା ଆୟୋଜିତ ହୋଇଥିଲା। ପାଟଣାଗଡ଼ କୁତମୁଣ୍ଡାର ମୁହୁରୀ କଳା ପରିଷଦ ତରଫରୁ ଆହୂତ ଏହି ଆଲୋଚନା ଚକ୍ରରେ ପରିଷଦର ସମ୍ପାଦକ ଭେଲାରାମ କୁମ୍ଭାର ସ୍ୱାଗତ ଭାଷଣ ଦେଇଥିବା ବେଳେ ମୂରଲୀ ଶିକା ଧନ୍ୟବାଦ ଅର୍ପଣ କରିଥିଲେ।

## ତୁର୍ଲାକୁ ପରାସ୍ତ କରି ବଡ଼ପତ୍ରାପାଲି ବିଜୟୀ



ମୁରିବାହାଲ, ୨।୧୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଲଦୀ ପଞ୍ଚାୟତ ତେନ୍ତୁଲୀଖୁଣ୍ଟି ଗ୍ରାମରେ ସୁନ୍ଦର ଯାନୀ କ୍ରିକେଟ କ୍ଲବ୍ ପକ୍ଷରୁ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ଗ୍ରାମର ଉମାକାନ୍ତ ଛତ୍ରିଆ, ସୁଦର୍ଶନ ମହାକୁର, କବିନ୍ଦ ବାଗ, ମତିରାମ ଯାନୀ, ଚୂଡ଼ାମଣି ଦୀପ, ମଧୁ ବାଗ, ମତିନ୍ଦ୍ର ବାଗ, ବସନ୍ତ ଯାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ଦିନରେ ମ୍ୟାଚରେ ତୁର୍ଲାକୁ ପରାସ୍ତ କରି ବଡ଼-ପତ୍ରାପାଲି ବିଜୟ ହୋଇଥିଲା। ଜଗମୋହନ ଯାନୀ, କୁନା ନାୟକ, ସମ୍ପାଦକ କିଷାନ ଯାନୀ ସହଯୋଗ କରୁଛନ୍ତି।

## ୨୫ରେ ମଠଖାଇ ମହୋତ୍ସବ




ବଲାଙ୍ଗୀର, ୨।୧୧(ସମିସ): ସ୍ଥାନୀୟ ପତିତପାବନ ବିଦ୍ୟାଳୟରେ ଭୂମିକା ଓ ମଠଖାଇ ମହୋତ୍ସବ କମିଟି ସଦସ୍ୟଙ୍କ ଉପସ୍ଥିତିରେ ୧୭ତମ ମାଠଖାଇ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ୫ ଦିନ ଧରି ନାଟ୍ୟ ପ୍ରେମୀ ନାଟକ ଉପଭୋଗ କରିବେ। ଓଡ଼ିଶାରୁ ୩ଟି ଓ ବାହାର ରାଜ୍ୟରୁ ୨ଟି ନାଟକ ପରିବେଷଣ କରାଯିବ। ମଠ ଖାଇ ମହୋତ୍ସବର ଅଧ୍ୟକ୍ଷ ନରସିଂହ ମିଶ୍ର ଯୋଗଦେଇ ନାଟକ ସମାଜକୁ ସବୁବେଳେ ମନୋରଞ୍ଜନ କରି ନ ଥାଏ। ଏହା ପ୍ରେରଣାଦାୟୀ ହୋଇ ସଚେତନ ମଧ୍ୟ କରିଥାଏ ବୋଲି ମତ ପୋଷଣ କରିଥିଲେ।

ବୈଠକରେ ଭୂମିକାର ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସଭାପତି ବୀରେନ୍ଦ୍ର ବନଛୋର ଓ ସମ୍ପାଦକ ଜିତେନ୍ଦ୍ରିୟ ତ୍ରିପାଠୀ ମଞ୍ଚାସିନ ଥିଲେ। ଏହି ସଭାରେ ମଠଖାଇ ମହୋତ୍ସବର ସଦସ୍ୟ ସନାତନ ଠାକୁର, ସୁଧାଂଶୁ ପଟ୍ଟନାୟକ, ଘାସିରାମ ମିଶ୍ର, ଅବଦୁଲ ଜମାଲ ଖାନ, ବୀରେନ୍ଦ୍ର ଝାଙ୍କର, ବଳରାମ ମିଶ୍ର, ନରେନ୍ଦ୍ର ସାହୁ, ଚନ୍ଦ୍ରଭାନୁ ମୋଲାନା, ଭବାନୀ ଶତପଥୀ, ମୁରଲୀଧାରୀ ପତି, ଗୌରକିଶୋର ମହାପାତ୍ର, ଶ୍ରୀମନ୍ତ ପଣ୍ଡା, ବାସୁଦେବ ସା, ଡ ଲଳିତ ସାହୁ, ସୁରୁଲାଲ ମଟାରୀଙ୍କ ସମେତ ଓ ଭୂମିକା ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ରୋତ କଲେଜରେ ସାଇବର ସୁରକ୍ଷା ସଚେତନତା ଅଭିଯାନ



ବଲାଙ୍ଗିର, ୨।୧୧(ସମିସ): ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଆଗଲପୁର ଥାନା ତରଫରୁ ଏକ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଗଲପୁରର ତହସିଲଦାର ନବୀନ ପାଢ଼ୀ ମୁଖ୍ୟଅତିଥି, ବଲାଙ୍ଗୀର ସାଇବର ଥାନାର ଆଇଆଇସି ଭାରତୀ ନାୟକ ମୁଖ୍ୟବକ୍ତା, ଆଗଲପୁର ଥାନାର ଆଇଆଇସି ବାସୁଦେବ ଭୋଇ, ଏସ୍‌ଆଇ ସୁଚିସ୍ମିତା ଜେନା, ଅତିରିକ୍ତ ତହସିଲଦାର ଫାଲଗୁନି ଶବର, ଇଂରାଜୀ ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେର ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସଚେତନ ହେଲେ ହିଁ ସାଇବର ରାକ୍ଷସକୁ ଜୟକରିହେବ ବୋଲି ଅତିଥିଗଣ କହିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନଏସ୍‌ଏସ୍, ଯୁବ ରେଡକ୍ରସ, ଏନସିସିର ସ୍ୱେଚ୍ଛାସେବୀ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ଅଞ୍ଚଳର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମାହେଶ୍ୱରୀ ସଂଗଠନ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ସଦସ୍ୟ ଯୋଗ ଦେଇଥିଲେ। ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ସଭାରେ ସଂଯୋଜନା କରିଥିବା ବେଳେ ଇଂରାଜୀ ଅଧ୍ୟାପକ ମାନସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସଚେତନତା ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଜାଗୃତି ବିଦ୍ୟାପୀଠ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ

କଣ୍ଟାବାଞ୍ଜି, ୨।୧୧(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ରେଲୱେ ଉପ୍ରା ବିଦ୍ୟାଳୟରେ ଚଳିତ ମାସର ମାସିକ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ କଣ୍ଟାବାଞ୍ଜି ସହରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଜଣାଇ ତାଲିମ ଆରମ୍ଭ କରିଥିଲେ। ସରକାରଙ୍କ ଦ୍ୱାରା ଚଳିତ ବର୍ଷ ସମସ୍ତ ସରକାରୀ ବିଦ୍ୟାଳୟରେ ପିଲାଙ୍କୁ ବହୁ ଶ୍ରେଣୀ ଶିକ୍ଷାଦାନ କଲାବେଳେ କି କୌଶଳ ଶିକ୍ଷକ ଅବଲମ୍ବନ କରିବେ ସେ ବିଷୟରେ ଆଲୋଚନା ହେଇଥିଲା। ତତ୍ ସହିତ ନୂତନ ଶିକ୍ଷା ଅଧିକାରୀ ଅନୁଯାୟୀ ପିଲାଙ୍କ ସାମଗ୍ରିକ ମୂଲ୍ୟାୟନ କିପରି ହେବ ସେ ବିଷୟଗତ ଆଲୋଚନ ହେଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପଢ଼ିବା ଗଢ଼ିବା ଓଡ଼ିଶା ଯାହା ମାର୍ଚ୍ଚ ୨୦୨୬ ପ୍ରଜନ୍ତ ପିଲାଙ୍କ ପଢ଼ିବା ଅଭ୍ୟାସକୁ ବଢେଇବାର ଅଭିନବ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ସ୍ୱର୍ଣ୍ଣଲତା ଦାସ, ନିରୁପମା ମିଶ୍ର, ସୁଭାଷିନୀ ମେହେର, ଅଞ୍ଜଳି ମାଝୀ, ସୁଜାତା ଧରୁଆ, ଯଶୋଦା ବିଡ଼ିକା, ନମିତା ପାଣିଗ୍ରାହୀ, ଭାରତୀ ଦାସ, ସବିତା ପାଣିଗ୍ରାହୀ, ମୁକ୍ତା ବେଜ୍, ସୁନନ୍ଦା ପୁରୋହିତ, ଭାରତୀ ସାହୁ, ସୁନୀତା ମେହେର, ଅଞ୍ଜଳି ନାୟକ, ସୁଜାତା ସାହୁ, ଅଞ୍ଜଳି ନାୟକ, ପ୍ରତିଭା ବାରିକ, ଦୀପା ନାୟକ ଯୋଗ ଦେଇଥିବା ବେଳେ ଶିକ୍ଷକ ଲଳିତ ବିଶି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ମୁରିବାହାଲ:** ତେନ୍ତୁଲୀଖୁଣ୍ଟି ପଞ୍ଚାୟତ ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର ନାଗଙ୍କ ସଭାପତିତ୍ୱରେ ହୋଇଥିଲା। ତେନ୍ତୁଲୀଖୁଣ୍ଟି ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ କୁମ୍ଭାର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ଆରପି କେଶରୀ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଏହି ବୈଠରେ ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷକମାନଙ୍କ ଦ୍ୱାରା ବହୁ ଶ୍ରେଣୀ ପାଠଟିକା ଓ ଶିକ୍ଷକଙ୍କ ଗତିବିଧି ଯୋଜନା ପ୍ରସ୍ତୁତି ଓ ଉପସ୍ଥାପନା, ପ୍ରଧାନ ଶିକ୍ଷକଙ୍କ ଭୂମିକା କଣ ହେବା ଉଚିତ, ସିଆରସିସିଙ୍କ ବିଦ୍ୟାଳୟ ପରିଦର୍ଶନ, ନିପୁଣ ଓଡ଼ିଶା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ତେନ୍ତୁଳୀଖୁଣ୍ଟି ଶିକ୍ଷୟତ୍ରୀ ଜସ୍ମିନ ମିଶ୍ର ବହୁଶ୍ରେଣୀ ଶିକ୍ଷାଦାନ ଓ ପରିଚାଳନା ଉପରେ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସଫଳା ମିଶ୍ର, ଜୟମାଳିନୀ ପଟ୍ଟନାୟକ, ସରୋଜିନୀ ମିଶ୍ର, ପ୍ରିୟଦର୍ଶିନୀ ସ୍ୱାଇଁ, ଗୌରଚନ୍ଦ୍ର ଭୋଇ, ନୀଳମଣି ଦୀପ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୪ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓଏଫ୍‌ଏଲ୍‌ଏନ୍ ଗ୍ରେଡ୍ ଶିକ୍ଷକ ଯୋଗ ଦେଇଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ଆଞ୍ଚଳିକ ସାଧନକେନ୍ଦ୍ରର ପଞ୍ଚମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ସରକାରୀ ଉନ୍ନିତ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଧନକର୍ମୀ ମଣ୍ଟୁ ସାମଲ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପରିଶେଷରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଧକ୍କାରେ ବାଇକ୍‌ଆରୋହୀ ମୃତ



ପାଟଣାଗଡ଼, ୨।୧୧(ସମିସ): ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନା ଜୁରିଆ ଗାଁରେ କାର୍ ଧକ୍କାରେ ଜଣେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଆରୋହୀ ଜଣକ ହେଲେ ଜୁରିଆର ଗାଁର ଡୋଲାମଣି




ମେହେର (୫୨)। ସେ ଭୁଲିଆବନ୍ଧ ପୋଖରୀକୁ ରବିବାର ପାହାନ୍ତିଆରେ ବାଇକ୍ ନେଇ ଶୌଚ ପାଇଁ ଯାଉଥିଲେ। ଏହି ସମୟରେ ପଦ୍ମପୁର ପଟରୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଏହାଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଲରମ୍ଭା ଥାନା ପୁଲିସ ତଦନ୍ତ କରି କାର୍ ଚାଳକକୁ ଗିରଫ କରିଛି।

## ଟିକ୍ରାପଡ଼ା ଅହୋରାତ୍ର ନାମଯଜ୍ଞର ଶୁଭାରମ୍ଭ



ବଲାଙ୍ଗିର, ୨।୧୧(ସମିସ): ୫୨ତମ ଟିକ୍ରାପଡ଼ା ଅହୋରାତ୍ର ନାମଯଜ୍ଞର ଶୁଭାରମ୍ଭ ହୋଇଛି। ଶ୍ରୀକୃଷ୍ଣ ଚୈତନ୍ୟ ସେବା ସଂସ୍ଥାନର ସଭାପତି ପ୍ରକାଶ ନେପାକ, ସମ୍ପାଦକ ଅଙ୍କୁଶ ହୋତା, କୋଷାଧ୍ୟକ୍ଷ କୁନୁ ପାତ୍ର, ନାମଯଜ୍ଞ ସମ୍ପାଦକ ସଞ୍ଜୟ ଶତପଥୀ, ତୁଫାନ ସାହୁ, ଶରତ ଷାଣ୍ଢ, ବାବୁ ସା, ପିଙ୍କୁ ପଣ୍ଡା, ଦୁର୍ଗା ସାହୁ, ଟିଙ୍କୁ ପଣ୍ଡା, କଲୁ ମହାନ୍ତି ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ବରିଷ୍ଠ ସଭ୍ୟ ଭଗବାନ ବଗର୍ତ୍ତି, ଶିବ ରଥ, ରାଜେନ୍ଦ୍ର ମିଶ୍ର, ପ୍ରଦୀପ ସାହୁ, ରବି ଅଗ୍ରୱାଲ, ରାଜୁ ଅଗ୍ରୱାଲ, ମହେନ୍ଦ୍ର ବାଗ, ଅଶୋକ ମିଶ୍ର, ସତ୍ୟନାରାୟଣ ମହାକୁଡ, ସୁନାଧର ବନଛୋର, ଦିଜରାଜ ମିଶ୍ର, ଦୁଲିଚନ୍ଦ ଅଗ୍ରୱାଲ, ସନ୍ତକ ବହିଦାର, କୁନା ବେହେରା, ଭରତ ପୋଢ, ଶ୍ରୀବତ୍ସ ମହାରଣା ସହଯୋଗ କରୁଛନ୍ତି। ବନେଶ୍ୱରୀ ବେହେରା, ଲିନା ମହାନ୍ତି, ସବିତା ବେହେରା, ଦମୟନ୍ତି ବାଗ, ସୁଶୀଳା ସା, ସୁଚରିତା ଶତପଥୀ, ରେବତୀ ସାହୁ, ଲିଲି ବେହେରା, ମଞ୍ଜୁଳା ମିଶ୍ର ପ୍ରମୁଖଙ୍କ ସହଯୋଗରେ ଏହା ଆୟୋଜିତ ହୋଇଛି। ଦୁର୍ଗା ସାହୁ ଓ ପତ୍ନୀ ସରିତା ସାହୁ ମୁଖ୍ୟ ଯଜ୍ଞ କର୍ତ୍ତା ଅଛନ୍ତି। ମୁଖ୍ୟ ପୂଜକ ଭାବେ ଶୁକଦେବ ତ୍ରିପାଠୀ ଦାୟିତ୍ୱ ନିର୍ବାହ କରୁଛନ୍ତି।

**ବଲାଙ୍ଗିରରେ ବଢୁଛି ଅପରାଧିକ ମାମଲା**

# ପୁଲିସ ଉପରେ ଖପ୍ପା ସାଧାରଣ ଜନତା

- ବିଶୃଙ୍ଖଳା ଓ ଅପରାଧ ପଛରେ ପୁଲିସ ଅବହେଳା
- ଅଠଗାଁ ଉତ୍ତେଜନା, ପାଟଣାଗଡ଼ ଯୁବତୀ ମୃତ୍ୟୁ ମାମଲା ଉଦାହରଣ
- ପୁଲିସର ନୀରବତା ଅସାମାଜିକଙ୍କ ପାଇଁ ସୁଯୋଗ

ବଲାଙ୍ଗିର, ୨।୧୧(ସମିସ)

ବଲାଙ୍ଗିର ଜିଲ୍ଲାରେ ବିଗିଡିବାରେ ଲାଗିଛି ଆଇନ ଶୃଙ୍ଖଳା ପରିସ୍ଥିତି। ଲୋକଙ୍କ ଆସ୍ଥା ଭାଜନ ହେବାରେ ବିଫଳ ହେଉଛି ପୁଲିସ। ଶନିବାର ଜିଲ୍ଲାରେ ଘଟିଥିବା ଏକାଧିକ ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ତାହା ପାଟଣାଗଡ଼ ମହିଳାଙ୍କୁ ହତ୍ୟା ମାମଲା ହେଉ କି ଆଠଗାଁରେ ଉ୍‌ତ୍ତେଜନା ଘଟଣା ହେଉ ପ୍ରାୟ ସମସ୍ତ ଘଟଣା ପଛରେ କେଉଁଠି ନା କେଉଁଠି ସ୍ଥାନୀୟ ପୁଲିସ ବାବୁମାନଙ୍କ ଅବହେଳାର ଚିତ୍ର ସାମ୍ନାକୁ ଆସିଛି। ଶନିବାର ବଲାଙ୍ଗିର ଜିଲ୍ଲାରେ ଦୁଇଟି ମାମଲା ସାମ୍ନାକୁ ଆସିଥିଲା। ସକାଳୁ ସକାଳୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ସନ୍ଧ୍ୟାରେ ଏକ ହତ୍ୟା ଉଦ୍ୟମ ଘଟଣା ସାମ୍ନାକୁ ଆସିଥିଲା। ପୁଇଁନ୍ତଲା ଥାନା ଆଠଗାଁରୁ ସାମ୍ନାକୁ ଅସିଥିବା ହତ୍ୟା ଉଦ୍ୟମ ଘଟଣାରେ ପୁଇଁନ୍ତଲା ପୁଲିସର ବିଫଳତା ସ୍ପଷ୍ଟ ବାରି ହେଉଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁଲିସ ସହ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ସେହିପରି ପାଟଣାଗଡ଼ର ଯୁବତୀ ନିଖୋଜ ହେବା ପରେ ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ; କିନ୍ତୁ ପୁଲିସ ଅବହେଳା କରିଥିଲା। ପରିଣାମ ସ୍ୱରୂପ ଶନିବାର ସକାଳୁ ଯୁବତୀଙ୍କ ମୃତଦହ ଉଦ୍ଧାର ଘଟିଥିଲା।

ଶନିବାର ପୁଇଁନ୍ତଲା ଥାନା ଆଠଗାଁରେ ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଥିଲା। ଗାଁର ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ସେହି ଗାଁ ହରିଜନପଡ଼ାର କିଛି ଯୁବକ ହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ମହିଳାମାନେ ଘେରିଯାଇ ଯୁବକମାନଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଆସି ସମ୍ପୃକ୍ତ ଯୁବକମାନଙ୍କୁ ନେଇ ଘରେ ଛାଡିଦେଉଥିବା ବେଳେ ମହିଳାମାନେ ଉତ୍ତେଜିତ ହୋଇ ଉଭୟ ପୁଲିସ ଓ ଅଭିଯୁକ୍ତମାନଙ୍କୁ ଅଟକ ରଖିଥିଲେ। ଥାନା ଅଧିକାରୀ ଅନିତା ପ୍ରଧାନ ଓ ଏସଡିପିଓ ସରୋଜ ଉପାଧ୍ୟାୟ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ଏପରିକି ପୁଲିସ ଉପରେ ଗ୍ରାମବାସୀ ଖପ୍ପା ଥିବା ଏସଡିପିଓ ସ୍ୱୀକାର ମଧ୍ୟ କରିଥିଲେ।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ଗାଁର ହରିଜନ ବସ୍ତିର କେତେକ ଯୁବକ ନିଶାଖୋର ହୋଇ ଉତ୍ପାତ ଚଳାଇଛନ୍ତି। ସ୍କୁଲ ରାସ୍ତା, ଗାଁ ମୁଖ୍ୟ ରାସ୍ତାରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ପୁଲିସକୁ ସୂଚାଇ ଆସୁଥିଲେ; କିନ୍ତୁ ପୁଲିସ ଗୁରୁତ୍ୱ ଦେଉ ନ ଥିଲା। ଗାଁର ହରିଜନ ବସ୍ତିର କିଛି ଲୋକ ଥାନାରେ କାମ କରୁଥିବାରୁ ପୁଲିସ ସମ୍ପୃକ୍ତ ଯୁବକମାନଙ୍କ ପ୍ରତି କଠୋର ହୋଇ ନ ଥିଲା। ପୁଲିସ ଉପରୁ ଭରସା ତୁଟିବା ପରେ ମହିଳାମାନେ ନିଜ ସୁରକ୍ଷା ନିଜ ହାତକୁ ନେଇଥିଲେ। ଗାଁରେ ବୈଠକ କରିଥିଲେ। ଗାଁରେ ଯିଏ ହେଉ ବିଶୃଙ୍ଖଳା ସୃଷ୍ଟି କଲେ ମହିଳାମାନେ ସାବାଡ କରିବେ ବୋଲି ଶୁଣାଇ ଦେଇଥିଲେ। କିନ୍ତୁ ତାହା କିଛି ଯୁବକ ହଜମ କରି ନ ପାରି ଅନ୍ୟବସ୍ତିର ଯୁବକମାନଙ୍କ ସହ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଯାହାର ଶିକାର ହୋଇଥିଲା ସୁମନ୍ତ ମାଝି। ତେବେ ଲୋକଙ୍କ ଅଭିଯୋଗ ଅନୁସାରେ ପୁଲିସର ବିଫଳତା ଓ ଅଣଦେଖା ଯୋଗୁଁ ଗାଁରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ରାତିରେ ଅଭିଯୁକ୍ତମାନଙ୍କୁ ପୁଲିସ ଆଣି ଅଟକ ରଖିଥିବା ବେଳେ ହରିଜନ ବସ୍ତି ବାସିନ୍ଦା ମଧ୍ୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ଆଗକୁ ଗାଁରେ ଆହୁରି ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ପୁଲିସ ଯଦି ଚାହିଁଥାନ୍ତା ଏହାକୁ ପୂର୍ବରୁ ସମାଧାନ କରିପାରିଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

ସେହିପରି ପାଟଣାଗଡ଼ ପୁଲିସର ଅବହେଳା ଯୋଗୁଁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ରତାଖଣ୍ଡି ଗାଁରେ ସୁନୀତା ଷାଣ୍ଢ (୨୨) ଗତ ୮ ତାରିଖରୁ ନିଖୋଜ ହୋଇଥିଲେ। ପରିବାର ଲୋକେ ୯ ତାରିଖରେ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ଏହାକୁ ପୁଲିସ ପ୍ରେମ ଜନିତ ଘଟଣା ଭାବି ଅବହେଳା କରିଥିଲା। ନିଖୋଜ ହେବାର ପ୍ରାୟ ତିନି ସପ୍ତାହ ପରେ ଯୁବତୀଙ୍କ ମୃତଦେହ ଗାଁ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର ହୋଇଛି। ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଏହି ମାମଲାରେ ପୁଲିସ ନୀରବ ରହିଛି। ପରିବାର ଲୋକଙ୍କ କହିବା ଅନୁସାରେ ଯଦି ପୁଲିସ ଗୁରୁତ୍ୱ ଦେଇ ଖୋଜାଖୋଜି କରିଥାନ୍ତା ହୁଏତ ଯୁବତୀଙ୍କ ଜୀବନ ବଞ୍ଚିଯାଇଥାନ୍ତା। ଏହି ମାମଲାକୁ ବି ପୁଲିସ ଦେଓଗାଁ ମହିଳା ମୃତ୍ୟୁ ମାମଲା ଢଙ୍ଗରେ ଚପାଇବା ପାଇଁ ଉଦ୍ୟମ ଚଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହିଭଳି ଅନେକ ମାମଲା ରହିଛି ଯେଉଁଠି ପୁଲିସ ଅଧିକାରୀମାନଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

## ସୌନ୍ଦର୍ଯ୍ୟ ହରାଉଛି ଖଣ୍ଡି କନପା

# ପ୍ରଶାସନିକ ପ୍ରତିଶ୍ରୁତି ପାଣିର ଗାର





**ଶଗଡ଼ା,୨ ।୧୧(ସମିସ)**

ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ଶଗଡ଼ା ପଞ୍ଚାୟତ ଖଣ୍ଡି କନପା ପର୍ଯ୍ୟଟନ ସ୍ଥଳ ଦିନକୁ ଦିନ ସୌନ୍ଦର୍ଯ୍ୟ ହରାଉଛି। ଏହାର ଭିତ୍ତିଭୂମିର ବିକାଶ, ଗମନାଗମନ, ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହା ଫଳରେ କେବଳ ନିଜସ୍ୱ ପ୍ରାକୃତିକ ଶୋଭାରେ ଆକୃଷ୍ଟ ହୋଇ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ଏପରିକି ଖଣ୍ଡି କନପା ସ୍ଥଳକୁ ଭଲ ରାସ୍ତା ଖଣ୍ଡେ ନାହିଁ। ଏହା ଫଳରେ ପର୍ଯ୍ୟଟକ ବହୁ ଅସୁବିଧାରେ ଯାତାୟାତ କରିଥାନ୍ତି।

ବୌଦ୍ଧ ଜିଲ୍ଲାର ଶଗଡା ପଞ୍ଚାୟତ ଅଧୀନ ବାଘ ନଦୀ କୂଳରେ ଥିବା ଖଣ୍ଡି କନପା ଏକ ଅନନ୍ୟ ପର୍ଯ୍ୟଟନ ସ୍ଥଳ ଭାବେ ବେଶ୍ ଜଣାଶୁଣା। ବଣ ପାହାଡ଼ ଘେରା ପ୍ରାକୃତିକ ପରିବେଶ। ବାଘ ନଦୀର କୁଳୁକୁଳୁ ନାଦ ସହ ଝୁଲା କାଠ ପୋଲ। ଅପର ପାଶ୍ୱର୍ରେ ଥିବା କାଠ ପୋଲ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ପର୍ଯ୍ୟଟନ ଋତୁରେ ଏଠାକୁ ହଜାର ହଜାର ପର୍ଯ୍ୟଟକ ବୁଲିବା ସହ ବଣଭୋଜି ପାଇଁ ଆସିଥାନ୍ତି। ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିଲେ ସୁଦ୍ଧା ଏହାର ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ହୋଇ ପାରି ନାହିଁ। ଏହା ଫଳରେ ପ୍ରତିବର୍ଷ ଆଶାତୀତ ଭାବରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉନାହିଁ। ଅନ୍ୟପଟେ ଖଣ୍ଡିକନପାସ୍ଥିତ ବାଘ ନଦୀ ଅପର ପାଶ୍ୱର୍ରେ ଥିବା ପର୍ଯ୍ୟଟନ ସ୍ଥଳ ଗୁପ୍ତେଶ୍ୱର ମନ୍ଦିର ପୀଠକୁ ଯିବା ପାଇଁ ଏକ ଝୁଲା ପୋଲ ରହିଛି। ପ୍ରତି ବର୍ଷ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ କ୍ରମେ କାଠ ସାହାଯ୍ୟରେ ଏହା ତିଆରି କରାଯାଏ; ହେଲେ ପ୍ରଶାସନ ପକ୍ଷରୁ ଏକ ସ୍ଥାୟୀ ପୋଲ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ଏଠାକୁ ଜିଲ୍ଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ ଆସି ଟ୍ରି କଟେଜ, ବୋଟିଂ, ଶୌଚାଳୟ, ପାର୍କ ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦିଅନ୍ତି। ପରେ ସବୁ ପ୍ରତିଶ୍ରୁତି ସତେ ଯେମିତି ପାଣିର ଗାର ପାଲଟିଯାଏ। ଉନ୍ନୟନ କାମ କେବଳ ପ୍ରତିଶ୍ରୁତିରେ ରହିଯାଏ। କିଛି ବର୍ଷ ପୂର୍ବେ ଏଠାରେ ପର୍ଯ୍ୟଟକଙ୍କ ପାଇଁ ଏକ ପାର୍କ ସହ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଥିଲା; ହେଲେ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରିବର୍ତ୍ତେ ବର୍ତ୍ତମାନ ଭାଙ୍ଗି ମାଟିରେ ମିଶି ଗଲାଣି। ଆଲୋକ, ଶୌଚାଳୟ ସହ ରାତିରେ ପର୍ଯ୍ୟଟକଙ୍କ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହା ଫଳରେ ସନ୍ଧ୍ୟା ପୂର୍ବରୁ ପର୍ଯ୍ୟଟକ ଚାଲି ଯାଉଛନ୍ତି। ସରକାର ପର୍ଯ୍ୟଟନ ଶିଳ୍ପର ବିକାଶ ସହ ରୋଜଗାର ସୃଷ୍ଟି କରିବା ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରଛନ୍ତି; ହେଲେ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ଖଣ୍ଡି କନପା ଭଳି ଏକ ପର୍ଯ୍ୟଟନ ସ୍ଥଳ ଏଥିରୁ ବଞ୍ଚିତ ହେବା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ଆନୁଷଙ୍ଗିକ ସମସ୍ତ ଭିତ୍ତିଭିମିର ସୁବ୍ୟବସ୍ଥା କରିବାକୁ ପ୍ରଶାସନ କେବେହେଲେ ଚିନ୍ତା କରୁନି। ପ୍ରଶାସନର ଏହି ମନଭାବ ପାଇର୍ ଖଣ୍ଡିକନପା ପର୍ଯ୍ୟଟନ ମାନଚିତ୍ରରୁ ଲିଭିଯିବାର ତିଳେମାତ୍ର ସନ୍ଦେହ ନାହିଁ।

# ଧନୁଯାତ୍ରା ପାଇଁ ମଶାଲ ଶୋଭାଯାତ୍ରା



**ବଙ୍ଗୋମୁଣ୍ଡା,୨ ।୧୧(ସମିସ):** ବଙ୍ଗୋମୁଣ୍ଡା ଖେଳପଡ଼ିଆରେ ୩୯ତମ ଧନୁଯାତ୍ରା ମହୋତ୍ସବ ପାଇଁ ଶନିବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଇଷ୍ଟଦେବୀ ମାଁ ଦ୍ୱାରସେନ୍ନିଙ୍କ ପୀଠରେ ପୂଜାର୍ଚ୍ଚନା ପରେ ବିଶାଳ ଶୋଭାଯାତ୍ରାରେ ମଶାଲ ଧନୁଯାତ୍ରା ପଡ଼ିଆକୁ ଆଣି ସ୍ଥାପିତ କରାଯାଇଥିଲା। ଚଳିତ ବର୍ଷ ୩୯ତମ ଧନୁଯାତ୍ରା ପାଳିତ ହେଉଛି। ରଙ୍ଗମଞ୍ଚରେ ପୌରାଣିକ କଥାବସ୍ତୁ ଆଧାରିତ ନାଟ୍ୟାଭିନୟ ପରିବେଷିତ ହେବ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ୫ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଆୟୋଜିତ ହେଉଛି। ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତୁଳସିରାମ ହଂସ, କାର୍ଯ୍ୟକାରୀ ସଭାପତି ଆନନ୍ଦ ଅଗ୍ରୱାଲ, ଉପସଭାପତି ଜମିଦାର ଶରତ ଚନ୍ଦ୍ର ସିଂ ଭୋଇ, ଉପସଭାପତି ଡ଼ ନାରାୟଣ ମିଶ୍ର, ସାଧାରଣ ସମ୍ପାଦକ ରଶ୍ମିରଂଜନ ପୁଟେଲ, ସାଂସ୍କୃତିକ ସମ୍ପାଦକ ଘନଶ୍ୟାମ ମନହିରା, ଅର୍ଥ କମିଟି ସମ୍ପାଦକ ବିଦ୍ୟା ଜୈନ, ଗୋପପୁର କମିଟି ସଭାପତି ବିନୋଦ ମେହେର, ଜିପିଡ଼ିଓ ପୁରୁଷୋତ୍ତମ ମାଝୀ, ପିଇଓ ପୀତବାସ ଜାନୀ, ସାମ୍ବାଦିକ ଦୀପକ ଦାସ ଯାଦବ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ହୁଲେଶ୍ୱର ହଂସ, ଅଶୋକ ନାରାୟଣ ଭୋଇ, ରାଧେଶ୍ୟାମ ମେହେର, ଗୋପୀ ସା, ପ୍ରତୀକ ପୁଟେଲ, ବୈକୁଣ୍ଠ ସା, ଦିଗସନ ମଲ୍ଲିକ, ପ୍ରେମରାଜ ଚୌଧୁରୀ ପ୍ରମୁଖଙ୍କ ସହ ଆୟୋଜକ କମିଟିର କାର୍ଯ୍ୟକର୍ତ୍ତା ତଥା ଗ୍ରାମବାସୀ ବଜାଗଜା ସହିତ ମନ୍ଦିରରୁ ମଶାଲ ନେଇ ଧନୁଯାତ୍ରା ପଡିଆରେ ସ୍ଥାପିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ବିଶ୍ୱଜିତ ସ୍ୱାଇଁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମାଝୀ, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, ଥାନା ଅଧିକାରୀ ସଂଜୀବ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଶାଲ ସ୍ଥାପିତ ସହ ମହୋତ୍ସବର ଶୁଭାରମ୍ଭ କରିଥିଲେ। ଉତ୍ସାହ ଓ ଉଦ୍ଦୀପନା ସହିତ ଧନୁଯାତ୍ରା ମହୋତ୍ସବ ପାଳିତ ହେଉଛି। ଶାନ୍ତି ଶୃଙ୍ଖଳା ପାଇଁ ବଙ୍ଗୋମୁଣ୍ଡା ପୋଲିସ ମୁତୟନ ହୋଇଛି।

# ଏବିଇଓଙ୍କ ଅବସରଗ୍ରହଣ

**କର୍ଲାମୁଣ୍ଡା,୨ ।୧୧(ସମିସ):**କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ କଅଁସିଲ ସରକାରୀ ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ରୋହିତ କୁମାର ରଣା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। କଅଁସିଲ ସ୍କୁଲରେ ଛାତ୍ରଛାତ୍ରୀ କମିଟି ଓ ଗ୍ରାମବାସୀ ପକ୍ଷରୁ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ତାଙ୍କୁ ଶୋଭାଯାତ୍ରାରେ ରିଷିଡା ସ୍ଥିତ ବାସଭବନକୁ ଅଣାଯିବା ପରେ ସେଠାରେ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ,ଶୁଭେଚ୍ଛୁ ଭବ୍ୟ ସ୍ୱାଗତ ଜଣାଇଥିଲେ।ଗୋଷ୍ଠୀଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା,ଏବିଇଓ ଗୋପମଣି ସାହୁ,ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ସଂପାଦକ ସଞ୍ଜୟ କୁମାର ଦାସ, ଶିକ୍ଷକ କୁମାର ତରୁଣ ଗହୀର, ତେରେସିଂହା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗରୁଡ଼ଧ୍ୱଜ ଗହୀର, ଅଭିମନ୍ୟୁ ରଣା, ପ୍ରତାପ ପଧାନ, ତରୁଣ ଭୋଇ, ନବୀନ ସାହୁ, ଦୁଷ୍ମନ୍ତ ଲେଙ୍କା,ରିଷିଡା ସରପଞ୍ଚ ସେବତୀ ରଣା,ପ୍ରେସ୍ କ୍ଲବ୍ ସଭାପତି ନରୋତ୍ତମ ସେଲମା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟରେ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳା

**ଖପ୍ରାଖୋଲ,୨ ।୧୧(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇସପାଳ ସୁନା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଏବିଇଓ ରୁଦ୍ର ଦେବ ଷଡଙ୍ଗୀ ଓ ସିଆରସିସି ଶ୍ରୀପତି କୁମ୍ଭାର ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ୨୭ଟି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ କରିଥିଲେ। ତନ୍ମଧ୍ୟରୁ ୭ଟି ପ୍ରକଳ୍ପ ବ୍ଲକ୍‌ସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନୀତ କରାଯାଇଛି। ଏହି ପ୍ରକଳ୍ପ ଚୟନ ପ୍ରକିୟାରେ ଦେଦର୍ହ ଉଚ୍ଚ ବିଦ୍ୟାଳୟର ପ୍ରଧାଶିକ୍ଷକ ନବିନ୍ଦ୍ର ରଣା ଓ ନାନ୍ଦୁପଲା ବିଦ୍ୟାଳୟର ପ୍ରଧାନଶିକ୍ଷକ ଥବିର ନାଗ ସହଯୋଗ କରିଥିଲେ।

## ● ଅବ୍ୟବସ୍ଥାରେ ଲାଖବାହାଲି ଅଙ୍ଗନବାଡ଼ି କେନ୍ଦ୍ର

# ୬ ମାସ ହେଲା ଶିଶୁଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ




**ଲାଞ୍ଜିଗଡ଼,୨ ।୧୧(ସମିସ):** ଲାଞ୍ଜିଗଡ଼ ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଆଦିବାସୀଙ୍କ ପାଇଁ ଉଭୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ସେଥିମଧ୍ୟରୁ ମହିଳା ଓ ଶିଶୁଙ୍କ ବିକାଶ ପାଇଁ ସମ୍ମନିତ ଶିଶୁ ବିକାଶ ଯୋଜନା ରହିଛି ହେଲେ ଲାଖବାହାଲି ଗାଁର ଅଙ୍ଗନୱାଡ଼ି କର୍ମୀ ଅବସର ନେଇଁ ୬ମାସ ବିତିଯାଇଥିଲେ ମଧ ଏବେ ଯାଏଁ ଖାଲି ପଡ଼ିଥିବା ଅଙ୍ଗନୱାଡ଼ି ପଦବୀ ପୂରଣ ହୋଇପାରିନାହିଁ। ଯାହାଦ୍ୱାରା ଶିଶୁଙ୍କ ପ୍ରାକପ୍ରାଥମିକ ଶିକ୍ଷା ସମେତ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଅଣ୍ଡା ଛତୁଆ ଭଳି ବିଭିନ୍ନ ପୃଷ୍ଟିକର ଖାଦ୍ୟ ମିଳୁ ନ'ଥିବା ଅଭିଯୋଗ ହେଉଛି ।ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମହିଳା ଓ ଶିଶୁ ବିକାଶ ଯୋଜନା ଅଧୀନରେ ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ପ୍ରସୂତି ମହିଳା ଅଥବା ଜନ୍ମରୁ ତିନି ବର୍ଷ ଓ ତିନି ବର୍ଷରୁ ଛଅ ବର୍ଷର ଶିଶୁଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧା ରହିଥିବାବେଳେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଅବସର ନେବାପରେ ଦୀର୍ଘ ଛଅ ମାସ ହେବ ହିତାଧିକାରୀଙ୍କୁ ଠିକ ଭାବରେ ଉପଯୁକ୍ତ ସୁବିଧା ସେବା ମିଳୁ ନଥିବା ଅଭିଯୋଗ ହେଉଥିବା ବେଳେ ଦୀର୍ଘ ବର୍ଷ ହେବ ଅଙ୍ଗନୱାଡ଼ି କେନ୍ଦ୍ର ବିପଦ ସଂକୁଳ ଅବସ୍ଥାରେ ରହିଛି। କେତେବେଳେ କାହା ଉପରେ ଛାତ ଖସିପଡ଼ିବ ତାହା କହିହେବ ନାହିଁ। ଅଳ୍ପ ବର୍ଷା ହେଲେ ପାଣି ଝରିବା ସହ ଛାତଉପରୁ ଖସଡ଼ା ଖଣ୍ଡଖଣ୍ଡ ହୋଇ ତଳେ ଖସି ପଡୁଛି ।ହେଲେ ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନି ଯାହାଦ୍ୱାରା ବିପଦ ପୂର୍ଣ୍ଣ ଛାତ ତଳେ ଶିଶୁଙ୍କ ଭବିଷ୍ୟତ ଗଢ଼ାହେଉଛି। ତେବେ ଯଥା ଶୀଘ୍ର ନୂତନ କୋଠା ସହ ଖାଲି ପଡିଥିଲା ଅଙ୍ଗନୱାଡି ପଦବୀ ପୂରଣ କରାଯାଉ ବୋଲି ନିବାସୀ ନିଆଲ,ମାର୍କଣ୍ଡ ସୁନା,ଦଶମୀ ନିଆଲ,ଅର୍ଜୁ ମାଝୀ,ଲାଞ୍ଜି ମାଝୀ,ଇନ୍ଦ୍ର ମାଝୀ,ଅର୍ଜୁନ ନିଆଲ,ସୁରମା ବାଗ,ସସ୍ମିତା ନାଏକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଆମେ ଲାଞ୍ଜିଗଡ଼ ସମ୍ମନିତ ଶିଶୁ ବିକାଶ ଅଧିକାରୀଣୀ ନିରୁପମା ପଟ୍ଟନାୟକଙ୍କୁ ପଚାରିବାରୁ ଅନ୍ୟ ଗାଁର ଅଙ୍ଗନୱାଡ଼ି ସିଲେକସନ ଗୁଡ଼ାକ ଚାଲିଛି ସେଇଟା ସରିଲା ପରେ ସେହି ଗାଁ ପାଇଁ ମୁଁ ନୂତନ ଅଙ୍ଗନୱାଡ଼ି କର୍ମୀ ବିଜ୍ଞପ୍ତି ଜାରି କରିବି ।ଏହି ବିଷୟରେ ମତେ ସେହି ଗାଁ ଲୋକମାନେ ଫୋନ୍ କରୁଛନ୍ତି। ସେଥିପାଇଁ ଖାଲି ପଡ଼ିଥିବା ପଦ ପୂରଣ ପାଇଁ ଆମେ ଚେଷ୍ଟିତ ଅଛୁ। ଆଉ କିଛି ଦିନ ଭିତରେ ହୋଇଯିବ ବୋଲି ପ୍ରକାଶ କରିଛନ୍ତି।

<u>**Format C-2**</u>

(For political party to publish in website, newspapers, TV)

**<u>Declaration about criminal antecedents of candidates set up by the Party</u>**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**


| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ସମ୍ପାଦକୀୟ



ଦୁର୍ନୀତି ଯେକୌଣସି ଦେଶର ବିକାଶରେ ସବୁଠାରୁ ବଡ଼ ବାଧକ।
-ଲାଲ ବାହାଦୁର ଶାସ୍ତ୍ରୀ

ସକାଳ THE SAKALA

## ଭାରତ ପାଖରେ ସୁଯୋଗ

ଆକ୍ରମଣାତ୍ମକ ଆଭିମୁଖ୍ୟ ପାଇଁ ପରିଚିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ରକ୍ଷଣାତ୍ମକ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ଚପଳମତି ଟ୍ରମ୍ପଙ୍କ ଏହି ସ୍ୱଭାବ ପରିବର୍ତ୍ତନ ପଛର କାରଣ ହଠାତ୍ ଠଉରାଇବା କଷ୍ଟକର ହୋଇଥିଲେ ମଧ୍ୟ ଦୁଇଟି କାରଣକୁ କୂଟନୀତିଜ୍ଞମାନେ ଅନୁମାନ କରୁଛନ୍ତି। ପ୍ରଥମତଃ, ଦଣ୍ଡ-ଭେଦ ସାମରିକ ନୀତିରେ ନୋବେଲ ଶାନ୍ତି ପୁରସ୍କାର ପାଇବାରେ ବିଫଳ ହେବା ପରେ ଏବେ ଟ୍ରମ୍ପ ବାଣିଜ୍ୟ ସହଯୋଗର ସାମ-ଦାମ ନୀତି ଆପଣେଇଛନ୍ତି। ଏଣୁ କଠୋର ଶୁଳ୍କ ଯୁଦ୍ଧକୁ ପରିହାର କରି ଚୀନ୍ ପାଇଁ କୋହଳ ବାଣିଜ୍ୟ ନୀତି ଘୋଷଣା କରିଛନ୍ତି। ସେହିପରି ଭାରତ ସମ୍ପର୍କରେ ଆମେରିକାର ଆଭିମୁଖ୍ୟ ହଠାତ୍ ବଦଳି ଯାଇଛି। ଟ୍ରମ୍ପ ସବୁଠାରୁ ଉଚ୍ଚା ଦରରେ ଭାରତର ଉତ୍ପାଦ ଉପରେ ଶୁଳ୍କ ଲଦିଥିବା ବେଳେ ଚବାହାର ବନ୍ଦର ପରିଚାଳନାରେ ଲଗାଇଥିବା କଟକଣାକୁ ଛଅମାସ ପାଇଁ କୋହଳ କରିଛନ୍ତି। ନିକଟରେ ଆମେରିକା ଭାରତ ସହିତ ଦଶବର୍ଷିଆ ପ୍ରତିରକ୍ଷା ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଛି। ଏହାଦ୍ୱାରା ସବୁରାଷ୍ଟ୍ର ସହିତ ସୁସମ୍ପର୍କ ସ୍ଥାପନ ଜରିଆରେ ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ଆଗ୍ରହୀ ଥିବା ଟ୍ରମ୍ପ ପ୍ରମାଣିତ କରିବାକୁ ଚାହୁଁଥିବେ। ଯଦି ଟ୍ରମ୍ପଙ୍କ ଏହି ଉଦ୍ଦେଶ୍ୟ ମହତ୍, ସ୍ଥାୟୀ ଓ ବାସ୍ତବ ହୋଇଥାଏ ତେବେ ବିଶ୍ୱ ପାଇଁ ମଙ୍ଗଳକର। ଅପରପକ୍ଷରେ ବନ୍ଧୁତ୍ୱ ଓ କୋହଳ ନୀତିର ହାତ ବଢ଼ାଇ ଚୀନ୍ ଓ ଭାରତକୁ ରୁଷଠାରୁ ଅଲଗା କରିବାରେ ଟ୍ରମ୍ପଙ୍କ ମସୁଧାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଟ୍ରମ୍ପଙ୍କ ସ୍ୱଭାବ ଓ ନୀତି ପରିବର୍ତ୍ତନ ପଛରେ ଯାହା ବି କାରଣ ଥାଉ ନା କାହିଁକି ଏଥିରେ କିନ୍ତୁ ଭାରତ ପାଇଁ ଏକ ବଡ଼ ସୁଯୋଗ ରହିଛି, ଯାହାକୁ କେନ୍ଦ୍ର ସରକାର ହାତଛଡ଼ା କରିବେ ନାହିଁ ବୋଲି ବିଶ୍ୱାସ। ଆଣବିକ ପରୀକ୍ଷଣ ବିରୋଧରେ ଆମେରିକା ଯେଉଁ ବୈଶ୍ୱିକ କଟକଣା ଲାଗୁ କରିଥିଲା ତାହାକୁ ପ୍ରତ୍ୟାହାର କରିବା ସହିତ ୧୯୯୨ ମସିହା ପରେ ପ୍ରଥମ ଥର ପାଇଁ ପୁଣି ଥରେ ନିଜେ ଆଣବିକ ପରୀକ୍ଷଣ କରିବ ବୋଲି ଟ୍ରମ୍ପ ପ୍ରଶାସନ ଘୋଷଣା କରିଛି। ତେଣୁ ଦଶବର୍ଷିଆ ପ୍ରତିରକ୍ଷା ଚୁକ୍ତି ସମ୍ପାଦନ ଅବସରରେ ଏହି ଦିଗଟିକୁ ଅଧିକ ଗୁରୁତ୍ୱ ଦେଲେ ଭାରତ ପ୍ରତିରକ୍ଷା ଓ ସବୁଜ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆହୁରି ସଶକ୍ତ ହୋଇପାରିବ। ବିଶେଷକରି ୧୯୯୮ ମେ ୧୧ ତାରିଖରେ ପୋଖରାନ୍ ୨ ଆଣବିକ ପରୀକ୍ଷଣ ପରେ ଭାରତ ଉପରେ ଆମେରିକା ଲଗାଇଥିବା କଟକଣାକୁ ଆଂଶିକ ପ୍ରତ୍ୟାହାର କରିଥିଲେ ମଧ୍ୟ ଅଣୁ ଅସ୍ତ୍ର ଉତ୍ପାଦନ ଉପରେ କଟକଣା ବଳବତ୍ତର ରହିଛି।

୨୦୦୭ ରେ ଭାରତ ଆମେରିକା ସହିତ ସ୍ୱାକ୍ଷର କରିଥିବା '୧୨୩ ଚୁକ୍ତିନାମା'ର ସର୍ତ୍ତ ଅନୁଯାୟୀ ଆମେରିକା ସହିତ ପୂର୍ଣ୍ଣ ସହଯୋଗ କଲେ ଯାଇ ଭାରତକୁ ଆଣବିକ ଅସ୍ତ୍ର ପରୀକ୍ଷଣର ଅନୁମତି ମିଳିବ। ତେଣୁ ଏବେ ସୁଯୋଗକୁ ହାତଛଡ଼ା ନ କରି ଅଣୁଅସ୍ତ୍ରର ଅଧିକ ପରୀକ୍ଷଣ କରିବା ଲାଗି ଭାରତ ଆମେରିକାକୁ ମନାଇବାକୁ ପଡ଼ିବ। କାରଣ ଏବେ ଉଭୟ ଚୀନ୍ ଓ ପାକିସ୍ତାନ ପଟରୁ ଯେଭଳି ଆଣବିକ ଆକ୍ରମଣ ଆଶଙ୍କା ବଢ଼ୁଛି, ତାହାକୁ ପ୍ରତିହତ କରିବା ଲାଗି ଭାରତର ଅଣୁ ଅସ୍ତ୍ର କ୍ଷମତା ପର୍ଯ୍ୟାପ୍ତ ନୁହେଁ। ଭାରତ ପ୍ରଥମେ ନିଜ ଆଡୁ ଅଣୁ ଅସ୍ତ୍ର ପ୍ରୟୋଗ କରିବ ନାହିଁ ବୋଲି ସଂକଳ୍ପ ନେଇଛି; କିନ୍ତୁ ଶକ୍ତି ପ୍ରଦର୍ଶନ ଜରିଆରେ ଶତ୍ରୁ ପକ୍ଷକୁ ଭୟଭୀତ କରିବା ପାଇଁ ଅଣୁ ଅସ୍ତ୍ରର ଅଧିକ ପରୀକ୍ଷଣ ଆଜିର ଆବଶ୍ୟକତା।

## ଆପଣା କଲା କର୍ମମାନ

ନିଜେ କରୁଥିବା କର୍ମର ପରିଣତି ପ୍ରତି ସାବଧାନ ନ ହେଲେ ତା'ର ଫଳ ନିଜେ ହିଁ ଭୋଗ କରିବାକୁ ପଡ଼େ। ବାରମ୍ବାର ତାଗିଦ, ଅନୁରୋଧ, ପରାମର୍ଶ ସତ୍ତ୍ୱେ ଆସୁରିକ ଆନନ୍ଦ ଉପଭୋଗ ପାଇଁ ଲଗାମହୀନ ବାଣ ଫୁଟାଇବା ପରେ ଦିଲ୍ଲୀ ଏକ ବିଷାକ୍ତ ଗ୍ୟାସ୍ ଚାମ୍ବରରେ ପରିଣତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ସ୍ୱର୍ଶକାତର ରୋଗୀମାନେ ଦିଲ୍ଲୀ ଛାଡ଼ି କିଛିଦିନ ବାହାରେ ରହିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଅଦୂରଦର୍ଶିତା ଓ ବେପରୁଆ ମାନସିକତା ନିଜ ପାଇଁ କିଭଳି ବିପତ୍ତି ଓ ପରିଣତି ଆଣିପାରେ ତାହା ଦିଲ୍ଲୀ ବାୟୁ ସ୍ଥିତି ପୁଣି ଥରେ ସମସ୍ତଙ୍କୁ ଚେତାବନୀ ଦେଇଛି।

ଉଦ୍‌ବେଗଜନକ କଥା ହେଉଛି ଦିଲ୍ଲୀ ସ୍ଥିତି ଦେଖିବା ଓ ଶୁଣିବା ପରେ ମଧ୍ୟ କେହି ଚେତୁନାହାନ୍ତି। ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ନ୍ୟାୟରେ କଟକଣାକୁ ଉଲ୍ଲଙ୍ଘନ କରି ବାଣ ଫୁଟାଇ ପରିବେଶକୁ ପ୍ରଦୂଷିତ କରୁଛନ୍ତି। ପୁରାଣ ଶାସ୍ତ୍ରକାରମାନେ କହିଛନ୍ତି ଏ ହାତରେ କଲା କର୍ମ ଫଳ ସେ ହାତରେ ନେବ। କିନ୍ତୁ ଦିଲ୍ଲୀ ଭଳି ପ୍ରଦୂଷିତ ସହରମାନଙ୍କର ସଂଖ୍ୟାବହୁଳ ଆସୁରିକ ଆନନ୍ଦଭୋଗୀଙ୍କ ଯୋଗୁଁ ସୃଷ୍ଟ ପ୍ରଦୂଷିତ ପରିବେଶ ସଂଖ୍ୟାଲଘୁ ନିରୀହ ଲୋକଙ୍କୁ ଯନ୍ତ୍ରଣା ଦେଉଛି। ଏକ ସର୍ବେକ୍ଷଣ ଅନୁଯାୟୀ, ଦିଲ୍ଲୀ ରାଜଧାନୀ ଅଞ୍ଚଳରେ ପ୍ରାୟ ୭୫ ପ୍ରତିଶତ ପରିବାର ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ବେଳେ ପ୍ରତି ପରିବାରର ଏକାଧିକ ସଦସ୍ୟ ଶ୍ୱାସ, ଚର୍ମ, କିଡ୍‌ନୀ, ଥଣ୍ଡା, କାଶ, ଜ୍ୱର ଭଳି ରୋଗରେ ପୀଡ଼ିତ। ଏସବୁ ସଂକ୍ରମଣ ଓ ରୋଗ ପଛରେ କେବଳ ବାଣ ଜନିତ ପ୍ରଦୂଷଣ ହିଁ ଦାୟୀ ବୋଲି ବିଶେଷଜ୍ଞମାନେ ଏକମତ ହୋଇଛନ୍ତି। କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଯେପରି ଉଠାଇବା ପ୍ରୟାସ ନିରର୍ଥକ, ବାଣ ନ ଫୁଟାଇବାକୁ ପରାମର୍ଶ ସେପରି ମୂଲ୍ୟହୀନ ପ୍ରମାଣିତ ହୋଇଛି।

ଇତିମଧ୍ୟରେ ଦିଲ୍ଲୀ ସରକାର କୃତ୍ରିମ ବର୍ଷା ଜରିଆରେ ବାୟୁପ୍ରଦୂଷଣକୁ କିଛିମାତ୍ରାରେ ହ୍ରାସ କରିବାର ପ୍ରୟାସ କରିଛନ୍ତି; ଯାହା ପୂର୍ଣ୍ଣମାତ୍ରାରେ ସଫଳ ହୋଇପାରିନାହିଁ। କିନ୍ତୁ ଏଥିପାଇଁ ଯେଉଁ ଖର୍ଚ୍ଚ ହେଲା ତାହା ଭରଣା କରିବ କିଏ? ଏଭଳି କ୍ଷେତ୍ରରେ ସରକାର କିମ୍ବା ପ୍ରଶାସନ ଚାହିଁଲେ ମଧ୍ୟ କିଛି କରିପାରିବେ ନାହିଁ। ଯଦି ଜଣେ ନିଜ ହାତରେ ନିଜ ଜିଭକୁ କାଟି ବସିବ ତାକୁ ବା ଜଗିବ କିଏ ଓ କାହିଁକି? ସହର ଗାଁ ଛାଡ଼ି ଚାଲିଯିବା ସମସ୍ୟାର ସମାଧାନ ନୁହେଁ। ଏଭଳି ଘଟଣାର ପୁନରାବୃତ୍ତି ମଧ୍ୟ ଅବାଞ୍ଛନୀୟ। ଯିଏ ସମସ୍ୟା ସୃଷ୍ଟି କରୁଛି ତା' ପାଖରେ ହିଁ ସମାଧାନ ଅଛି। କିନ୍ତୁ ଏଥିପାଇଁ ଅଙ୍ଗୀକାରବଦ୍ଧତା କାହିଁ?

# ଓଡ଼ିଶାରେ ଶୀତଳଭଣ୍ଡାର: ସମସ୍ୟା ଓ ସମ୍ଭାବନା

ବିଦ୍ୟାଧର ମହାରଣା

ପ୍ରଥମ ଭାଗରେ ଆମେ ଆଲୋଚନା କରିଥିଲେ ଶୀତଳଭଣ୍ଡାର ଅଭାବ ସମସ୍ୟା କିପରି ଓଡ଼ିଶାର କୃଷି ବିକାଶ ପାଇଁ ଅନ୍ତରାୟ ସୃଷ୍ଟି କରୁଛି ଏବଂ ଆଳୁ, ପିଆଜ ଓ ଅନ୍ୟାନ୍ୟ ପଚନଶୀଳ ସାମଗ୍ରୀ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ୨୦୧୫ରେ ଆରମ୍ଭ କରାଯାଇଥିବା ଆଳୁ ମିଶନ୍ ଅସଫଳ ହେବାର ଅନ୍ୟ ଏକ ମୁଖ୍ୟ କାରଣ ହେଉଛି ଶୀତଳଭଣ୍ଡାର ଅଭାବ, ଯାହାକି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏବେ ରାଜ୍ୟରେ ୩୬ଟି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ରହିଛି। ଅପରପକ୍ଷରେ ଡେରାସ, ଏରସମା ଓ ରଙ୍ଗେଇଲୁଣ୍ଡାଠାରେ ଥିବା ଶୀତଳଭଣ୍ଡାର ଖାଲିପଡ଼ିଛି। ପର୍ଯ୍ୟାପ୍ତ ଶୀତଳୀକରଣ ଅଭାବରୁ ପଚନଶୀଳ ସାମଗ୍ରୀର ଅତିକମ୍‌ରେ ୩୦% ଅପଚୟ ହେଉଛି।

ଏବେ ଆମ ରାଜ୍ୟରେ ଶୀତଳଭଣ୍ଡାର ଅଭାବ ପଛରେ ଥିବା କାରଣ ଓ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରିବା। ପ୍ରଥମ ସମସ୍ୟା ହେଉଛି ଶୀତଳଭଣ୍ଡାରଗୁଡ଼ିକର ଅତ୍ୟଧିକ ପରିଚାଳନା ଖର୍ଚ୍ଚ। ୫୦୦୦ ଟନ୍ କ୍ଷମତାବିଶିଷ୍ଟ ଶୀତଳଭଣ୍ଡାର ପାଇଁ ଜମିର ମୂଲ୍ୟ ବ୍ୟତୀତ ଖର୍ଚ୍ଚ ଟନ୍ ପ୍ରତି ୭୦୦୦ ଟଙ୍କା ହିସାବରେ ୩.୫ କୋଟି ଟଙ୍କା ହେବ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୦% ରିହାତି ମିଳିଲେ ମଧ୍ୟ ଅବଶିଷ୍ଟ ପୁଞ୍ଜିନିବେଶ ବ୍ୟକ୍ତିଗତ ସ୍ତରରେ କଷ୍ଟସାଧ୍ୟ। ଏଥିସହିତ ବିଦ୍ୟୁତ ଓ ପରିଚାଳନା ଖର୍ଚ୍ଚ ଅଲଗା। ଏହି ବିପୁଳ ଖର୍ଚ୍ଚକୁ ଚାଷୀମାନେ ବହନ କରିବାକୁ ଅମଙ୍ଗ ହେବା ସ୍ୱାଭାବିକ। ଦ୍ୱିତୀୟରେ ଘରୋଇ ଶୀତଳଭଣ୍ଡାରଗୁଡ଼ିକ ବର୍ଷସାରା ପନିପରିବା ସାଇତି ନରଖି କେବଳ ୪-୫ ମାସ ଆଳୁ ରଖିବା ଫଳରେ ଏବଂ ଅଧିକ ବିଦ୍ୟୁତଖର୍ଚ୍ଚ ଯୋଗୁଁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଖର୍ଚ୍ଚ ଭରଣା କରିବାକୁ କେତେକ ତେନ୍ତୁଳି ମଞ୍ଜି ଇତ୍ୟାଦି ଜଙ୍ଗଲଜାତ ଦ୍ରବ୍ୟ ରଖିବାକୁ ବାଧ୍ୟ ହେଉଛନ୍ତି।

ତୃତୀୟ ସମସ୍ୟା ହେଲା, ରାଜ୍ୟର ପନିପରିବା, ଫଳ ଓ ଅଣ୍ଡା ଇତ୍ୟାଦି ଉତ୍ପାଦନ ସ୍ଥଳ ଓ ଶୀତଳଭଣ୍ଡାର ସ୍ଥଳ ମଧ୍ୟରେ ସମନ୍ୱୟର ଅଭାବ। ବର୍ତ୍ତମାନ ସମ୍ବଲପୁର ଜିଲ୍ଲାରେ ୬, କଟକ ଜିଲ୍ଲାରେ ୩, ଖୋର୍ଦ୍ଧା ଜିଲ୍ଲାରେ ୫, କୋରାପୁଟ ଜିଲ୍ଲାରେ ୩, ବାଲେଶ୍ୱର, ବଲାଙ୍ଗୀର, ମୟୂରଭଞ୍ଜ ଓ ପୁରୀରେ ୨ଟି ଲେଖାଏଁ ଏବଂ ଅନୁଗୁଳ, ବରଗଡ଼, ଭଦ୍ରକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ। ଅନ୍ୟ ୧୧ ଟି ଜିଲ୍ଲାରେ ଶୀତଳଭଣ୍ଡାର ଆଦୌ ନାହିଁ। ଏହାର ଅର୍ଥ ହେଲା ଉତ୍ପାଦନ କ୍ଷେତ୍ର ଅନୁସାରେ ରାଜ୍ୟରେ ଶୀତଳଭଣ୍ଡାର ସ୍ଥାପନ ହୋଇନାହିଁ। ରାଜ୍ୟରେ ଯେଉଁ ଅଞ୍ଚଳରେ ଆଳୁ ଓ ପନିପରିବା ଅଧିକ ଉତ୍ପାଦନ ହୁଏ ସେଇଠି ଶୀତଳ ଭଣ୍ଡାର ଅଧିକ ଆବଶ୍ୟକ। ଆମେ ଦେଖିଛୁ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଇନ୍ଦୋର ଅଞ୍ଚଳରେ ଫସଲ କ୍ଷେତ୍ର ନିକଟରେ ଶୀତଳଭଣ୍ଡାର ନିର୍ମାଣ କରାଯାଇଛି। ଏହାଫଳରେ ବର୍ଷସାରା ଶୀତଳଭଣ୍ଡାରଗୁଡ଼ିକ କାର୍ଯ୍ୟକରୁଛି ଏବଂ ପରିବହନ ଖର୍ଚ୍ଚ କମ୍ ହେଉଛି। ଆମ ରାଜ୍ୟରେ କିନ୍ତୁ ବାସ୍ତବ ଚିତ୍ର ଅଲଗା।

ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରାଳୟ ଦେଶରେ ୩୯୪ ଶୀତଳୀକରଣ ପ୍ରକଳ୍ପ ପାଇଁ ସହାୟତା ଦେଇଥିଲେ ମଧ୍ୟ ଓଡ଼ିଶାକୁ କଟକ, ବାଲେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର ଓ ବଲାଙ୍ଗିର ପାଇଁ ମାତ୍ର ୮ ଗୋଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରୁ ଏଯାଏଁ ୪ଟି ନିର୍ମାଣ ହୋଇସାରିଛି। ଏପରି ଭୌଗୋଳିକ ଦୂରତ୍ୱ ଯୋଗୁଁ ଚାଷୀମାନେ ଶୀତଳଭଣ୍ଡାରରେ ନିଜର ଉତ୍ପାଦ ସାଇତିବା ପାଇଁ ବହୁ ଦୂରକୁ ଯିବାକୁ ହେବ। ଏପରିକି ଚାଷୀମାନେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଉତ୍ତରପ୍ରଦେଶରେ ୨୪୮୮, ଗୁଜରାଟରେ ୧୦୨୩, ପଞ୍ଜାବରେ ୭୭୦, ମହାରାଷ୍ଟ୍ରରେ ୬୬୫, ପଶ୍ଚିମବଙ୍ଗରେ ୫୧୭ ଓ ବିହାରରେ ୩୧୬ ଶୀତଳ ଭଣ୍ଡାର ଥିବା ବେଳେ ଓଡ଼ିଶାରେ ମାତ୍ର ୩୬ଟି ରହିଛି। କାର୍ଯ୍ୟକ୍ଷମ ଥିବା ୩୬ ଶୀତଳଭଣ୍ଡାରରେ ପ୍ରାୟ ୧୭୨୦୦୦ ଟନ୍ ଆଳୁ ସାଇତି ରଖିହେବ।

ଚତୁର୍ଥ ସମସ୍ୟା ହେଉଛି ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିବା ଯୋଗୁଁ ଶୀତଳଭଣ୍ଡାର କ୍ଷତିଗ୍ରସ୍ତ ହୁଏ। ଆବଶ୍ୟକ ଜେନେରେଟର ନଥିଲେ ବହୁ ଅସୁବିଧା ଲାଗିରହେ। ଶେଷ ସମସ୍ୟାଟି ହେଉଛି ସଚେତନତା ଏବଂ ସରକାରୀ ସହଯୋଗ ଅଭାବରୁ ବହୁ ଘରୋଇ ଉଦ୍ୟୋଗୀ ଶୀତଳଭଣ୍ଡାର ପାଇଁ ଆଉ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ବଢୁଥିବାରୁ ସେମାନେ ଅଧିକ ବିଦ୍ୟୁତ୍ ରିହାତି ପାଇଁ ଦାବି କରୁଛନ୍ତି।

ବର୍ତ୍ତମାନ ଆଲୋଚନା କରିବା ସମ୍ଭାବନାର ବିଭିନ୍ନ ଦିଗ ଉପରେ। ରାଜ୍ୟ ସରକାର ଇତିମଧ୍ୟରେ ରାଜ୍ୟର ଶୀତଳଭଣ୍ଡାର ଅଭାବ ପୂରଣ ପାଇଁ ୨୫୨ କୋଟି ଟଙ୍କାର ବ୍ୟୟ ଅଟକଳ ସହିତ ଏକ ନୂତନ ନୀତି ପ୍ରଣୟନ କରିଛନ୍ତି। ଏହାଦ୍ୱାରା ଆଗାମୀ ୫ ବର୍ଷରେ ୫୮ ଶୀତଳଭଣ୍ଡାର ପ୍ରତି ସବଡିଭିଜନରେ ସ୍ଥାପନ କରାଯିବ। ରାଜ୍ୟର କୃଷକ ତଥା ଉଦ୍ୟୋଗୀମାନେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଋଣ ଓ ରିହାତି ପାଇବାର ବ୍ୟବସ୍ଥା କରିଛନ୍ତି। ଉଦ୍ୟୋଗୀ ଗୋଟିଏ ୫୦୦୦ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ଜମିମୂଲ୍ୟ ବ୍ୟତୀତ ୫.୮୫ କୋଟି ଟଙ୍କା ବ୍ୟୟ କରିବେ। ୧୦୦୦ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ପ୍ରାୟ ୨.୭୫ କୋଟି ଟଙ୍କା ଆବଶ୍ୟକ। ଏଥିପାଇଁ ସେମାନେ ପ୍ରକଳ୍ପ ଉପରେ ବ୍ୟାଙ୍କ ଋଣ ନେଇପାରିବେ। ସାଧାରଣ ବର୍ଗ ୬ କୋଟି ସ୍ଥାୟୀ ଖର୍ଚ୍ଚ ପର୍ଯ୍ୟନ୍ତ ୫୦% ରିହାତି ଏବଂ ମହିଳା ଓ ଅନୁସୂଚିତ ବର୍ଗ ୬.୫ କୋଟି ସ୍ଥାୟୀ ଖର୍ଚ୍ଚ ପର୍ଯ୍ୟନ୍ତ ୬୦% ରିହାତି ପାଇପାରିବେ। ଶୀତଳଭଣ୍ଡାର ପାଇଁ ୧୨୦ କିଲୋୱାଟ୍ ବିଦ୍ୟୁତ ଶକ୍ତି ବାବଦରେ ଯାହା ଖର୍ଚ୍ଚ ହେବ ତାହାର ୫୦% ତାରିଫ ସାତବର୍ଷ ପର୍ଯ୍ୟନ୍ତ ଦେବେ। କୃଷି ଉଦ୍ୟୋଗୀ ଶୀତଳଭଣ୍ଡାର ସ୍ଥାପନ ପାଇଁ ବ୍ୟାଙ୍କଋଣ ନେଲେ ସୁଧ ଉପରେ ୬% ଛାଡ଼। ଦୁଇ କୋଟି ଋଣ ପର୍ଯ୍ୟନ୍ତ କେନ୍ଦ୍ରୀୟ କୃଷି ଭିତ୍ତିଭୂମି ପାଣ୍ଠିରୁ ଏବଂ ରାଜ୍ୟ ସରକାରଙ୍କଠାରୁ ମିଳିବାର ବ୍ୟବସ୍ଥା ରହିଛି। ଅଚଳାବସ୍ଥାରେ ଥିବା ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା ମଧ୍ୟ ରହୁଛି। ରାଷ୍ଟ୍ରୀୟ ଉଦ୍ୟାନ ବୋର୍ଡ ମଧ୍ୟ ୫୦୦୦-୧୦୦୦୦ ଟନ୍ ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ବ୍ୟାଙ୍କ୍ ଋଣ ଉପରେ ୩୫-୫୦% ରିହାତି ଦେଉଛନ୍ତି।

ବହୁମୁଖୀ ଶୀତଳଭଣ୍ଡାରଗୁଡ଼ିକରେ ପନିପରିବା ହିସାବରେ ଆଳୁ, କୋବି, ପିଆଜ, କାକୁଡି, ଟମାଟୋ, ତରଭୁଜ, ଛତୁ; ଫଳ ହିସାବରେ ଆମ୍ବ, କମଳା, ଡାଳିମ୍ବ; ଦୁଗ୍ଧ ଜାତ ଦ୍ରବ୍ୟ ହିସାବରେ କ୍ଷୀର, ଛେନା, ଦହି ଓ ଆଇସ୍‌କ୍ରିମ ଏବଂ ମାଛ, ମାଂସ, ଅଣ୍ଡା ଇତ୍ୟାଦି ରଖାଯାଇପାରିବ। ଏଥିପାଇଁ ତାପମାନ ୨୫ ଡିଗ୍ରୀରୁ ବିଯୁକ୍ତ ୨୫ ଡିଗ୍ରୀ ସେଲସିୟସ ନିୟନ୍ତ୍ରଣ କରିବାକୁ ହେବ। ଏପରି ବହୁମୁଖୀ ଶୀତଳଭଣ୍ଡାର ବର୍ଷସାରା କାର୍ଯ୍ୟକ୍ଷମ ରହିବ। କିନ୍ତୁ କେବଳ ଆଳୁ ସାଇତା ପାଇଁ ନିର୍ମିତ ଶୀତଳଭଣ୍ଡାର ବର୍ଷରେ ମାତ୍ର ୪-୫ ମାସ କାର୍ଯ୍ୟକ୍ଷମ ରହୁଥିବାରୁ ଏହା ଗ୍ରହଣୀୟ ନୁହେଁ।

ଆଳୁ ଓ ପନିପରିବା ଚାଷ ସହିତ ଶୀତଳଭଣ୍ଡାରଗୁଡ଼ିକର ସମନ୍ୱୟ ରହିବା ଜରୁରୀ। ଆମ ରାଜ୍ୟରେ କନ୍ଧମାଳ, ସୁନ୍ଦରଗଡ଼, କୋରାପୁଟ, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରେ ପ୍ରାୟ ୧୨, ୪୪୪ ହେକ୍ଟର ଜମିରେ ଆଳୁ ଚାଷ ହୋଇ ୨୬୩୦୦୦ ଟନ୍ ଅମଳ ହୁଏ। ଅନୁଗୁଳ, ବଲାଙ୍ଗୀର, କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ୩୬୨୦୦ ହେକ୍ଟର ଜମିରୁ ପ୍ରାୟ ୪.୧୯ ଲକ୍ଷ ଟନ୍ ପିଆଜ ଅମଳ ହୁଏ। ଅନୁଗୁଳ, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାୟ ୭.୬୫ ଲକ୍ଷ ହେକ୍ଟର ଜମିରେ ପନିପରିବା ଚାଷ ହୋଇ ୧୦୮.୮୪ ଟନ୍ ଅମଳ ହୁଏ। ଉପକୂଳ ଜିଲ୍ଲାମାନଙ୍କରେ କ୍ଷୀର, ଅଣ୍ଡା ଓ ମାଛ ଉତ୍ପାଦନ ବେଶୀ ହୁଏ। ସୁତରାଂ ଉକ୍ତ ଜିଲ୍ଲାଗୁଡ଼ିକରେ ସମ୍ପୃକ୍ତ ଉତ୍ପାଦକୁ ବିଚାର କରି ଶୀତଳଭଣ୍ଡାର ସ୍ଥାପନ କରାଯିବା ଆବଶ୍ୟକ।

ପ୍ରତି ଜିଲ୍ଲା ପାଇଁ ଗୋଟିଏ ଉତ୍ପାଦ କଥା ସରକାର ଚିନ୍ତା କରୁଛନ୍ତି। ଶୀତଳଭଣ୍ଡାର ନିକଟରୁ ସହରାଞ୍ଚଳଗୁଡ଼ିକୁ ଏହିସବୁ ଦ୍ରବ୍ୟ ଯୋଗାଣ ପାଇଁ ଶୀତଳୀକରଣ ଶୃଙ୍ଖଳ ବ୍ୟବସ୍ଥା କରାଯିବା ମଧ୍ୟ ଜରୁରୀ। ପଞ୍ଚାୟତ ସ୍ତରରେ କ୍ଷୁଦ୍ର ସୌରଶକ୍ତି ଚାଳିତ ଶୀତଳଭଣ୍ଡାର କରି ଏକୀଭୂତ ଶୀତଳୀକରଣ ଶୃଙ୍ଖଳ ମାଧ୍ୟମରେ ବିଭିନ୍ନ ଜାଗାକୁ ପରିବହନ କରାଯାଇ ପାରିବ। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ୫ ଟନ୍ କ୍ଷମତା ବିଶିଷ୍ଟ ମିନି ଶୀତଳଭଣ୍ଡାର ପ୍ରାୟ ୭.୯୦ ଲକ୍ଷ ଟଙ୍କାରେ ଏବଂ ୧ ଟନ୍ କ୍ଷମତା ବିଶିଷ୍ଟ ସୌରଶକ୍ତି ସମ୍ପନ୍ନ ଶୀତଳଭଣ୍ଡାର ୧.୨୫ ଲକ୍ଷ ଟଙ୍କାରେ ହୋଇପାରିବ। ଆମ ରାଜ୍ୟର ଅନ୍ୟୂନ ୩୦୦୦ ପଞ୍ଚାୟତରେ ଏପରି ମିନି ଶୀତଳଭଣ୍ଡାର ସ୍ଥାପନ କରାଗଲେ ଏଗୁଡ଼ିକୁ ବ୍ଲକସ୍ତରୀୟ ଶୀତଳଭଣ୍ଡାର ସହିତ ଏକୀକୃତ କରାଯାଇ ପାରିବ। ରାଜ୍ୟ ସରକାର ଯେପରି ଫସଲ ବିବିଧିକରଣ ପାଇଁ ପ୍ରୋତ୍ସାହନ ଦେଉଛନ୍ତି ଏକୀକୃତ ଶୀତଳୀକରଣ ଶୃଙ୍ଖଳ କାର୍ଯ୍ୟ କରାଗଲେ ଆମ ରାଜ୍ୟ ଆଳୁ, ପିଆଜ ଓ ପନିପରିବା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ପରିଣାମ ନୁହେଁ, ପ୍ରୟାସ ହିଁ ପ୍ରଶଂସାଯୋଗ୍ୟ

ମାନସ କୁମାର କର

ଚୀନର ହୁଇ ପ୍ରଦେଶର ଏକ ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଭିଡିଓରେ ଏକ ପରିବାର ତାଙ୍କ ପୁଅକୁ ପରୀକ୍ଷାରେ କମ୍ ନମ୍ବର ମିଳିଥିବାରୁ ଖୁସି ପାଳନ କରୁଥିବାର ଦେଖାଯାଉଛି। ଏହି ଦୃଶ୍ୟ ଆଜିର ପ୍ରତିଯୋଗିତାମୂଳକ ଦୁନିଆରେ ଏକ ଭିନ୍ନ ଦୃଷ୍ଟିକୋଣ ଉପସ୍ଥାପନ କରୁଛି, ଯେଉଁଠାରେ ପିଲାମାନଙ୍କର ଖୁସି ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରାୟତଃ ପରୀକ୍ଷା ନମ୍ବର ଆଧାରିତ ହୋଇଥାଏ। ସେତେବେଳେ ଭିଡିଓରେ ଜଣେ ମାଆ ତିନି ପିଲାଙ୍କ ସହିତ ଘରେ ପ୍ରବେଶ କରନ୍ତି, ସେମାନଙ୍କର ପରୀକ୍ଷାପତ୍ର ଧରି। ପିଲାମାନଙ୍କର ପିତା, ବୃତ୍ତିରେ ଜଣେ ଶିଶୁ ବିଶେଷଜ୍ଞ, ଖୁସିରେ ଘୋଷଣା କରନ୍ତି ଯେ ଯେତେ କମ ନମ୍ବର ଥିଲେ ମଧ୍ୟ ପିଲାଟି ପାସ୍ କରିଛି ଏବଂ ଏହା ପ୍ରକୃତ ଗର୍ବର ମୁହୂର୍ତ୍ତ।

ଶିକ୍ଷାର ମୌଳିକ ଉଦ୍ଦେଶ୍ୟ କ'ଣ, ଏହି ପ୍ରଶ୍ନ ଆଜି ପୂର୍ବ ଅପେକ୍ଷା ଅଧିକ ପ୍ରାସଙ୍ଗିକ। ଶିକ୍ଷା କେବଳ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତାର ଏକ ମାଧ୍ୟମ ନା ଏକ ସୁଦୃଢ଼, ସମ୍ବେଦନଶୀଳ ଏବଂ ଆତ୍ମବିଶ୍ୱାସୀ ବ୍ୟକ୍ତିତ୍ୱ ଗଠନର ଏକ ମାଧ୍ୟମ? ଯେତେବେଳେ ଆମେ ସଚ୍ଚୋଟ ଭାବରେ ଏହି ପ୍ରଶ୍ନର ଉତ୍ତର ଦେଉଛୁ, ସେତେବେଳେ ଆମର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର ମୌଳିକ ତ୍ରୁଟିଗୁଡ଼ିକ ସ୍ପଷ୍ଟ ହୋଇଯାଏ ଯେ ଆମେ ଶିକ୍ଷାକୁ ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ କରିଦେଇଛୁ, ଯେଉଁଠାରେ ପିଲାମାନେ କେବଳ ମାର୍କ ତିଆରି ମେସିନ୍ ପାଲଟିଛନ୍ତି। ଭାରତ ସମେତ ବିଶ୍ୱର ଅନେକ ଦେଶରେ ଶିକ୍ଷାଗତ ଉତ୍କର୍ଷତା ସଫଳତାର ଏକମାତ୍ର ମାପକାଠି ପାଲଟିଛି। ପିତାମାତାମାନେ ପିଲାମାନଙ୍କୁ ସେମାନଙ୍କର ଅପୂର୍ଣ୍ଣ ସ୍ୱପ୍ନର ଭାର ଦେଇ ଚାପ ଦିଅନ୍ତି ଏବଂ ସାମାଜିକ ଆଶାର ଚାପ ଏତେ ଭାରୀ ହୋଇଯାଏ ଯେ ପିଲାମାନେ ଏହା ତଳେ ପଡ଼ିଯାଆନ୍ତି। ପରୀକ୍ଷା ଫଳାଫଳ ଦିନ ଯେଉଁ ଚାପ ଏବଂ ଭୟର ବାତାବରଣ ଦେଖାଯାଏ ତାହା ଏକ ଯୁଦ୍ଧକ୍ଷେତ୍ରଠାରୁ କମ୍ ନୁହେଁ।

ଅନେକ ପରିବାରରେ ପିଲାମାନଙ୍କୁ ପଡ଼ୋଶୀ ଏବଂ ସମ୍ପର୍କୀୟଙ୍କ ତୁଳନାରେ କମ୍ ନମ୍ବର ପାଇଁ ଅପମାନିତ କରାଯାଏ। କେତେକ ସମୟରେ ଶାରୀରିକ ଭାବରେ ଦଣ୍ଡ ମଧ୍ୟ ଦିଆଯାଏ। ଏହି ପ୍ରକ୍ରିୟାରେ ଆମେ ଭୁଲିଯାଉଛୁ ଯେ ଆମେ ଏକ ସମ୍ବେଦନଶୀଳ ମନକୁ ଭାଙ୍ଗି ଦେଉଛୁ, ଯାହାର ଦୀର୍ଘକାଳୀନ ପରିଣାମ ବିନାଶକାରୀ ହୋଇପାରେ। ମନୋବିଜ୍ଞାନଗତ ଗବେଷଣା ନିରନ୍ତର ଭାବରେ ଦର୍ଶାଉଛି ଯେ ଅତ୍ୟଧିକ ଶିକ୍ଷାଗତ ଚାପ ପିଲାମାନଙ୍କ ମଧ୍ୟରେ ଚିନ୍ତା, ଅବସାଦ ଏବଂ କମ ଆତ୍ମସମ୍ମାନର କାରଣ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ସୂଚିତ କରୁଛି ଯେ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି ଏବଂ ଶିକ୍ଷାଗତ ଚାପ ଏକ ପ୍ରମୁଖ କାରଣ। ଯେତେବେଳେ ପିଲାମାନେ ଅନୁଭବ କରନ୍ତି ଯେ ସେମାନଙ୍କ ପିତାମାତାଙ୍କ ପ୍ରେମ ସର୍ତ୍ତମୂଳକ, ଯେ ସେମାନେ ଭଲ ନମ୍ବର ପାଇଲେ ହିଁ ଅନୁମୋଦନ ପାଇବେ, ସେମାନଙ୍କର ଆତ୍ମବିଶ୍ୱାସ ଗଭୀର ଭାବରେ କ୍ଷତିଗ୍ରସ୍ତ ହୁଏ। ଏହି କ୍ଷତି ଜୀବନବ୍ୟାପୀ ରହିଥାଏ ଏବଂ ସେମାନଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରେ।

ଆମର ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଏହା ସମାନତାକୁ ପ୍ରୋତ୍ସାହିତ କରେ, ଯେତେବେଳେ ପ୍ରକୃତି ବିବିଧତାରେ ବିଶ୍ୱାସ କରେ। ହାୱାର୍ଡ ଗାର୍ଡନରଙ୍କ ବହୁବିଧ ବୁଦ୍ଧିମତ୍ତାର ତତ୍ତ୍ୱ ଅନୁସାରେ ବୁଦ୍ଧିମତ୍ତା ଅନେକ ରୂପରେ ଆସିଥାଏ। ଭାଷାଗତ, ତାର୍କିକ, ଗାଣିତିକ, ସ୍ଥାନିକ, ଶାରୀରିକ-ଗତିଗତ, ଆନ୍ତର୍ବ୍ୟକ୍ତିଗତ ଏବଂ ଆନ୍ତଃବ୍ୟକ୍ତିଗତ ବୁଦ୍ଧିମତ୍ତା ସବୁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଆମେ ଆମର ପିଲାମାନଙ୍କର ସଫଳତାକୁ ଅନ୍ୟମାନଙ୍କ ସହିତ ତୁଳନା କରିବାରେ ବ୍ୟସ୍ତ। ଏହା କେବଳ ପିଲାମାନଙ୍କ ମଧ୍ୟରେ ହୀନମନ୍ୟତାର ଭାବନା ସୃଷ୍ଟି କରେ ନାହିଁ, ବରଂ ସେମାନଙ୍କୁ ଏହି ବାର୍ତ୍ତା ମଧ୍ୟ ପଠାଏ ଯେ ସେମାନଙ୍କର ନିଜସ୍ୱ ପରିଚୟ ଗୁରୁତ୍ୱପୂର୍ଣ୍ଣ ନୁହେଁ; କେବଳ ଅନ୍ୟମାନଙ୍କ ଅପେକ୍ଷା ଭଲ ହେବା ଗୁରୁତ୍ୱପୂର୍ଣ୍ଣ। ଏହି ମାନସିକତା ଅସୁସ୍ଥ ଏବଂ ଜୀବନସାରା ପିଲାମାନଙ୍କୁ ପ୍ରଭାବିତ କରେ।

ଆମର ଶିକ୍ଷା ବ୍ୟବସ୍ଥା କେବଳ ପ୍ରଥମ ଦୁଇ ପ୍ରକାରର ବୁଦ୍ଧିମତ୍ତାକୁ ଚିହ୍ନିଥାଏ, ଯେତେବେଳେ ଅନ୍ୟ ପ୍ରତିଭାକୁ ଅଣଦେଖା କରିଥାଏ। ଏହି ବ୍ୟବସ୍ଥାରେ ଜଣେ ପ୍ରତିଭାବାନ କଳାକାର, ଖେଳାଳି କିମ୍ବା ସଂଗୀତଜ୍ଞ କେବଳ ଗଣିତରେ କମ୍ ନମ୍ବର ରଖିଥିବା ଯୋଗୁଁ ବିଫଳ ଭାବେ ଚିତ୍ରିତ ହୋଇପାରନ୍ତି। ଏହା କେବଳ ଅନ୍ୟାୟ ନୁହେଁ ବରଂ ସମାଜ ପାଇଁ କ୍ଷତିକାରକ। କାରଣ ଆମେ ଅଗଣିତ ପ୍ରତିଭାକୁ ନଷ୍ଟ କରୁ। ଶିଶୁମାନଙ୍କ ଉପରେ ଏହି ଚାପର ଆଉ ଏକ ଦିଗ ହେଉଛି ସାମାଜିକ ତୁଳନା। ସାମାଜିକ ଗଣମାଧ୍ୟମ ଯୁଗରେ ଏହି ସମସ୍ୟା ଆହୁରି ଗମ୍ଭୀର ହୋଇଛି। ଯେଉଁ ପିତାମାତାମାନେ ସେମାନଙ୍କ ପିଲାମାନଙ୍କର ସଫଳତା ପ୍ରଦର୍ଶନ କରୁଛନ୍ତି ସେମାନେ ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ସେମାନେ ସେମାନଙ୍କ ପିଲାମାନଙ୍କର ଶୈକ୍ଷିକ ସଫଳତା ସହିତ ନିଜର ଦୋଷ ପୂରଣ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ। ପିଲାମାନଙ୍କୁ ଉତ୍ସାହିତ କରିବା, ଚିହ୍ନିବା ଏବଂ ସମର୍ଥନ କରିବା ଯେକୌଣସି ମହଙ୍ଗା ପ୍ରଶିକ୍ଷଣ ଅପେକ୍ଷା ଅଧିକ ମୂଲ୍ୟବାନ। ଯେତେବେଳେ ପିଲାମାନେ ଅନୁଭବ କରନ୍ତି ଯେ ସେମାନଙ୍କ ପିତାମାତା କେବଳ ଫଳାଫଳ ନୁହେଁ, ସେମାନଙ୍କ ପ୍ରୟାସକୁ ମୂଲ୍ୟ ଦିଅନ୍ତି, ସେମାନେ କଠିନ ପରିଶ୍ରମ କରନ୍ତି ଏବଂ ଭଲ ପ୍ରଦର୍ଶନ କରନ୍ତି।

ଯେତେବେଳେ ପିଲାମାନେ ଖୁସି ଏବଂ ଆତ୍ମବିଶ୍ୱାସୀ ହୁଅନ୍ତି ସ୍ୱାଭାବିକ ଭାବରେ ଭଲ ପ୍ରଦର୍ଶନ କରନ୍ତି। ଖୁସି ହେଉଛି ସଫଳତାର ମୂଳଦୁଆ, ଏହାର ଫଳାଫଳ ନୁହେଁ। ଆମକୁ ବୁଝିବାକୁ ପଡ଼ିବ ଯେ ମାର୍କସିଟରେ ମୁଦ୍ରିତ ନମ୍ବର ପିଲାର ସମ୍ଭାବନା କିମ୍ବା ଭବିଷ୍ୟତ ନିର୍ଣ୍ଣୟ କରେ ନାହିଁ। ପ୍ରକୃତ ସଫଳତା ଭାବପ୍ରବଣ ସନ୍ତୁଳନ, ସାମାଜିକ ଦକ୍ଷତା, ନୈତିକ ମୂଲ୍ୟବୋଧ ଏବଂ ଆତ୍ମବିଶ୍ୱାସରେ ରହିଛି।

କୋଣାର୍କ, ମୋ: ୭୩୮୧୩୮୨୨୧୦

## ଆମ ବୃକ୍ଷଲତା ଆମ ଜୀବନ

### ମୁଥା ଘାସ

**ପ୍ରକୃତି-ପରିବେଶ**

ସୌଭାଗ୍ୟସୁନ୍ଦର

ମୁଥା ହେଉଛି ଦକ୍ଷିଣ ଏସିଆ, ଆଫ୍ରିକା, ଦକ୍ଷିଣ ଏବଂ ମଧ୍ୟ ୟୁରୋପ (ଫ୍ରାନ୍ସ ଓ ଅଷ୍ଟ୍ରିଆର ଉତ୍ତର) ରେ ବଢୁଥିବା ଏକ ଛୋଟ ଘାସ। ମୁଥା ଏକ ଆକ୍ରମଣାତ୍ମକ ଘାସ, କିନ୍ତୁ ପାରମ୍ପରିକ ଔଷଧରେ ଏକ ଶକ୍ତିଶାଳୀ ଉଦ୍ଭିଦ ଭାବରେ ବିବେଚିତ।

ମୁଥା ଏକ ବହୁବର୍ଷୀୟ ଘାସ, ଯାହା ୭-୪୦ ସେମି ପର୍ଯ୍ୟନ୍ତ ଲମ୍ବ ହୋଇଥାଏ। ଏହାର କାଣ୍ଡ ଭୂତଳେ ସମାନ୍ତରାଳ ଭାବରେ ପ୍ରସାରିତ ହୁଏ, ଯାହାକୁ ରାଇଜମ୍ କୁହାଯାଇଥାଏ। କାଣ୍ଡର ଗଣ୍ଠିରୁ ଭୂତଳେ ବଲବ୍ ଆକାରର ସୁଗନ୍ଧିତ କନ୍ଦ ସୃଷ୍ଟି ହେବା ବେଳେ ଊର୍ଦ୍ଧ୍ୱ ମୁଖ ହୋଇ ଭୂପୃଷ୍ଠ ଆଡ଼କୁ ପତ୍ର ବଢ଼େ। କନ୍ଦରୁ ସରୁ ସରୁ ସୂତା ଖିଅ ଭଳି ଚେର ସୃଷ୍ଟି ହୁଏ। ପତ୍ରଗୁଡ଼ିକ ରେଖୀୟ, ଗଛର ମୂଳରୁ ଉତ୍ପନ୍ନ ହୁଏ, ପ୍ରାୟ ୫-୨୦ ସେମି ଲମ୍ବ। ଏକ ଲମ୍ବା ଡେମ୍ଫର ଶୀର୍ଷରେ ଫୁଲଗୁଡ଼ିକ ଧାରଣ କରିଥାଏ, ଯାହ ଦ୍ୱୈତଲିଙ୍ଗୀ ଅଟେ। ଫଳଗୁଡ଼ିକ ତ୍ରିକୋଣୀୟ।

ପ୍ରାଚୀନ ଭାରତୀୟ ଆୟୁର୍ବେଦିକ ଔଷଧ ଚରକ ସଂହିତାରେ (ପ୍ରାୟ ୧୦୦ ଖ୍ରୀଷ୍ଟାବ୍ଦ) ମୁଥା ବିଷୟରେ ଉଲ୍ଲେଖ କରାଯାଇଛି। ଏହାକୁ ପ୍ରାଚୀନ ଗ୍ରୀକ୍ ଚିକିତ୍ସକ ଥିଓଫ୍ରାଷ୍ଟସ୍, ପ୍ଲିନି ଦି ଏଲ୍ଡର୍ ଓ ଡାୟୋସ୍କୋରାଇଡ୍ସ ଔଷଧ ଓ ସୁଗନ୍ଧି ଉଭୟ ଭାବରେ ବ୍ୟବହାର କରିଥିଲେ। ପ୍ରାଥମିକ ଡିସମେନୋରିଆ ବା ଯନ୍ତ୍ରଣାଜନକ ଋତୁସ୍ରାବ ଚିକିତ୍ସା ପାଇଁ ଏହାକୁ ଚୀନ୍ ପାରମ୍ପରିକ ଔଷଧରେ ବ୍ୟବହୃତ କରାଯାଏ। ଆରବୀୟମାନେ ପାରମ୍ପରିକ ଭାବରେ ପୋଡ଼ାଜଳା ଘା' ଚିକିତ୍ସା ପାଇଁ ଏହାର କନ୍ଦ ବ୍ୟବହାର କରୁଥିବା ଜଣାଯାଏ। କନ୍ଦର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥିବା ଜଣାଯାଏ, ଯେଉଁଥିପାଇଁ ପ୍ରାୟ ୨୦୦୦ ବର୍ଷ ପୂର୍ବେ ସୁଦାନରେ ଦାନ୍ତ କ୍ଷୟକୁ ରୋକିବା ପାଇଁ ଏହାର ବ୍ୟବହାର କରାଯାଉଥିଲା।

ଭାରତରେ ପାରମ୍ପରିକ ଭାବରେ ଏହାକୁ ମୁଣ୍ଡବିନ୍ଧା, ଋତୁସ୍ରାବ ଅନିୟମିତା, ମାଂସପେଶୀ ଓ ଯନ୍ତ୍ରଣା, ଫୁଲା, ଚର୍ମ ଜ୍ୱଳନ, ଫୋଟକା, କ୍ଷତ, କୀଟ ପତଙ୍ଗ କାମୁଡ଼ା, ଅଜୀର୍ଣ୍ଣ, ପତଳା ଝାଡ଼ା, ଅବସାଦ, ନିଦ୍ରାହୀନତା ଆଦି ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମୁଥା ପ୍ରାକୃତିକ ଭାବରେ ହରମୋନ ସନ୍ତୁଳନ ବଜାୟ ରଖିବାରେ ଏବଂ ମାନସିକ ସନ୍ତୁଳନ ଓ ଏକାଗ୍ରତା ରକ୍ଷା କରିବାରେ ସାହାଯ୍ୟ କରେ। ଏଥିରେ କର୍କଟ ପ୍ରତିରୋଧୀ କ୍ଷମତା ମଧ୍ୟ ରହିଛି। ମୁଥା କ୍ଷତିକାରକ ଜୀବାଣୁ ଓ ସଂକ୍ରମଣ ନିରୋଧୀ। କେତେକ ସ୍ଥାନରେ ଏହା ହର୍ବାଲ୍ ଚା'ରେ ବ୍ୟବହୃତ ହୁଏ।

କନ୍ଦ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଉତ୍ସ। ଏହା ଆଦିମ ଜନଜାତି ହାଣ୍ଟେର-ଗେଦରର ବା ଶିକାରୀ-ସଂଗ୍ରହକଙ୍କ ତଥା ଚାଷୀଙ୍କ ପାଇଁ ଏକ ମୁଖ୍ୟ କାର୍ବୋହାଇଡ୍ରେଟ୍ ବା ଶର୍କରା ଜାତୀୟ ଖାଦ୍ୟ ଉପାଦାନ। ଏହା ବର୍ତ୍ତମାନ ବଜାରରେ ପାଉଡର ଓ କ୍ୟାପସୁଲ୍ ଆକାରରେ ଉପଲବ୍ଧ। ମୁଥାର ରାଇଜୋମ ଓ କନ୍ଦରେ ବିଭିନ୍ନ ଜୈବିକ ସକ୍ରିୟ ଯୌଗିକ ରସାୟନ ଯେପରିକି ସେସ୍କ୍ୱିଟରପେନ୍ସ, ଫ୍ଲାଭୋନଏଡ୍ସ, ଟେର୍ପେନୋଏଡ୍ସ, କାଡାଲିନ୍, ସାଇପ୍ରୋଟିନ୍, ମୁଷ୍ଟାକୋନ୍, ରୋଟୁଣ୍ଡିନ୍, ଭାଲେନସିନ୍, କ୍ୟାମ୍ପଫେରୋଲ୍, ଲ୍ୟୁଟୋଲିନ୍, କ୍ୱେରସେଟିନ୍, ପାଚୌଲେନୋନ୍, ଆଇସୋପାଚୌଲେନୋନ୍, ସୁଜିଓନିଲ୍ ଆସେଟେଟ୍, ସେଲ୍ୟୁଲୋଜ୍ ଟ୍ରାଇଆସେଟେଟ୍, ସୁଗେବିଓଲ୍ ଓ ପଲିଫେନୋଲ୍ସ ଗଚ୍ଛିତ ଥାଏ।

ଦ୍ରୁତ ବୃଦ୍ଧି ଓ ତୃଣକ ତତ୍ତ୍ୱ ପାଇଁ ମୁଥାକୁ 'ବିଶ୍ୱର ସବୁଠାରୁ ଖରାପ ବା ଦୁଷ୍ଟ ଘାସ' ବୋଲି କୁହାଯାଇଥାଏ। ଏହା ବିଶ୍ୱବ୍ୟାପୀ ୫୦ ରୁ ଅଧିକ ଫସଲକୁ ଆକ୍ରମଣ କରୁଥିବା ଅଭିଯୋଗ ରହିଛି। ଚାଷଜମିରେ ଏହାକୁ ନିୟନ୍ତ୍ରଣ କରିବାରେ କଷ୍ଟ ହୁଏ, କାରଣ ଏହାର ଭୂଗର୍ଭସ୍ଥ କନ୍ଦର ଅଧିକାଂଶ ତୃଣନାଶକ ରାସାୟନିକ ପ୍ରତି ଦୃଢ଼ ପ୍ରତିରୋଧୀ। ଉଦ୍ୟାନରେ ଘାସ ଉପାଡ଼ି ଟାଣିବା ବେଳେ ସାଧାରଣତଃ ମୂଳ ଛିଣ୍ଡି ଭାଙ୍ଗିଯାଏ, କନ୍ଦ ମାଟିରେ ରହିଯାଏ, ଯେଉଁଠାରୁ ନୂତନ ଗଛ ଶୀଘ୍ର ବାହାରିଥାଏ। ହଳ କରିବା ଦ୍ୱାରା କ୍ଷେତରେ କନ୍ଦ ବିକ୍ଷିପ୍ତ ହୁଏ, ଯାହା ଆକ୍ରମଣକୁ ଆହୁରି କ୍ଷୀପ୍ର କରିଥାଏ। ଏହା ପ୍ରାୟତଃ ଅନାବନା ଜମି ଏବଂ ଫସଲ କ୍ଷେତରେ ବଢ଼ିଥାଏ। ଏହା କୌଣସି ଗଛର ଛାଇ ସହ୍ୟ କରେ ନାହିଁ। ଗ୍ଲାଇଫୋସେଟ୍, ହାଲୋସଲଫ୍ୟୁରନ୍-ମିଥାଇଲ୍ ଲନ୍, ୨, ୪-ଡାଇକ୍ଲୋରୋଫେନୋକ୍ସିଆସେଟିକ୍ ଏସିଡ୍ (୨, ୪-ଡି) ଚରା ଭୂମି ଏବଂ ମଲ୍‌ଚର ଫସଲରେ ବାରମ୍ବାର ପ୍ରୟୋଗ ଦ୍ୱାରା କିଛି କନ୍ଦ ନିୟନ୍ତ୍ରଣ ହୋଇପାରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ପ୍ରଚାରକୁ...

ସ୍ଥାନୀୟ ନେତାଙ୍କ ମତାମତ ଆଧାରରେ ଦଳ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ତଦନୁଯାୟୀ ପ୍ରଚାରକୁ କ୍ରିୟାଶୀଳ କରାଯାଉଛି। ଛୋଟ ଛୋଟ ସଭା ଏବଂ ଘରକୁ ଘର କ୍ୟାମ୍ପେନକୁ ବିଜେଡି ଗୁରୁତ୍ୱ ଦେଉଥିବା ବେଳେ ନବୀନଙ୍କ ପ୍ରଚାର ବିଜେଡିକୁ ଏହି ଦୁଇବ୍ଲକରେ ଆହୁରି ମଜବୁତ୍ କରିବ। ଆସନ୍ତାକାଲି ବିଜେଡିର ସଭା ଉପନିର୍ବାଚନର ଫଳାଫଳ ନେଇ ନିଶ୍ଚିତଭାବେ ଏକ ପୂର୍ବାଭାଷ ପ୍ରଦାନ କରିବ ବୋଲି ମତ ଦେଇଛନ୍ତି ସ୍ଥାନୀୟ ରାଜନୈତିକ ସମୀକ୍ଷକ।

### କ୍ରାଇମ୍‌ବ୍ରାଞ୍ଚକୁ ଧରାପକାଇ ଦେଲା...

ତାଙ୍କ ଲିଙ୍କ୍‌ରେ ରହି ଏଥିରେ ସହଯୋଗ କରୁଥିଲେ? ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ମୁନ୍ନା ମହାନ୍ତିଙ୍କୁ ସେ କିପରି ଆଉ କେବେ ଠାରୁ ଜାଣିଛନ୍ତି? ବୋଲି ବିଭିନ୍ନ ପ୍ରଶ୍ନ କରାଯାଇଥିଲା। କିଛି ପ୍ରଶ୍ନର ସେ ଉତ୍ତର ଦେଇଥିଲେ ଓ କିଛି ପ୍ରଶ୍ନର ଉତ୍ତର ଦେବାକୁ ମନା କରିଥିଲେ। ତେବେ ପୁଲିସ ଜେରା ସମୟରେ ତାଙ୍କର ଅନେକ କଥା ପରସ୍ପର ବିରୋଧୀ ରହିଥିଲା। ଏହାପରେ କ୍ରାଇମ୍‌ବ୍ରାଞ୍ଚ ମୁନ୍ନା ଏବଂ ଶଙ୍କରଙ୍କୁ ମୁହାଁମୁହିଁ ଜେରା କରିଥିଲା। ତେବେ ଉଭୟଙ୍କୁ ଜେରା ସମୟରେ କେଉଁ ପ୍ରଶ୍ନ କରାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ସେହିଭଳି ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶିନୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିବା ଖବର ମିଳିଛି।

ମୁନ୍ନା ମହାନ୍ତି, ସୌମ୍ୟା ପ୍ରିୟଦର୍ଶିନୀ ଓ ଲୋକନାଥଙ୍କୁ କ୍ରାଇମବ୍ରାଞ୍ଚ ଶନିବାର ଠାରୁ ରିମାଣ୍ଡରେ ଆଣିଛି। ଆସନ୍ତାକାଲି ଶଙ୍କରଙ୍କୁ ଗଞ୍ଜାମ ନିଆଯିବ ଓ କୋର୍ଟରେ ହାଜର କରି ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିବ। ଗିରଫ ବେଳେ କ୍ରାଇମ୍‌ବ୍ରାଞ୍ଚ ଶଙ୍କରଠାରୁ ଠାରୁ କିଛି କାଗଜପତ୍ର ସହ ୩ଟି ଫୋନ୍ ଜବତ କରିଛି। କାଗଜପତ୍ର ଏବଂ ଫୋନ୍‌କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନ୍ନ ତନ୍ନ କରି ଯାଞ୍ଚ କରାଯାଇଛି। ଧରା ପଡ଼ିବା ପୂର୍ବରୁ କିଛି ୱାର୍ଟସପ୍ ଚାର୍ଟକୁ ଶଙ୍କର ଡିଲିଟ୍ କରିଥିବା ସୂଚନା ମିଳିଛି। ଏଣୁ କ୍ରାଇମ୍‌ବ୍ରାଞ୍ଚ ଏହି ଫୋନ୍ ଗୁଡ଼ିକୁ ଯାଞ୍ଚ ପାଇଁ ଫରେନ୍ସିକ୍‌କୁ ପଠାଇବ ବୋଲି ଜଣାପଡ଼ିଛି। ପୁନଶ୍ଚ କ୍ରାଇମ୍‌ବ୍ରାଞ୍ଚ ଗତକାଲି ଶଙ୍କରଙ୍କୁ ଧରିବା ବେଳେ ଏକ ଫର୍ଚ୍ୟୁନର୍ ଗାଡି ଜବତ କରିଥିଲା। ତେଣୁ ତାଙ୍କ ଆଉ କେଉଁ ସ୍ଥାନରେ ସମ୍ପତ୍ତି ରହିଛି ତାହାର ଏକ ତାଲିକା ପ୍ରସ୍ତୁତି କରିବାରେ ଲାଗିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ମାମଲାରେ ଶଙ୍କର ପୃଷ୍ଟିକୁ ମିଶାଇ ମୋଟ ୧୦ ଦଲାଲଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଜାମିନ ପରେ ସେମାନେ ଜେଲରୁ ମୁକୁଳି ସାରିଛନ୍ତି। କିନ୍ତୁ ୯ ଦଲାଲ ଏବେ ବି ଜେଲ ରହିଛନ୍ତି। ମୋଟ ଗିରଫଦାରୀ ସଂଖ୍ୟା ୧୨୪ରେ ପହଁଚିଛି।

### ଛତିଶଗଡ଼ରେ ଆଦିବାସୀ...

ନିକଟରେ ବାରମ୍ବାର ଦାବି କରିଥିଲେ ବି ତାହାକୁ କେନ୍ଦ୍ର ବିଚାରକୁ ନେଇନାହିଁ। ୨୦୨୩ ମସିହାରେ ଏହି ଲୋକମାନଙ୍କୁ ଆଦିବାସୀର ମାନ୍ୟତା ପାଇଁ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାର ଅନୁସନ୍ଧାନ ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଏକ ପ୍ରତିନିଧି ଦଳ ଓଡ଼ିଶାକୁ ପଠାଇଥିଲା। ୨୦୨୩ ମାର୍ଚ୍ଚ ୨୫ ତାରିଖରେ ଭୁବନେଶ୍ୱରସ୍ଥ ରାଜ୍ୟ ଅତିଥି ଭବନରେ ପ୍ରତିନିଧି ଦଳ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲା। ସମ୍ପୃକ୍ତ ପ୍ରତିନିଧିମାନେ ତାଙ୍କର ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାର ୨ ବର୍ଷ ବିତିଥିଲେ ବି ଏଯାଏ ପହରିଆଙ୍କୁ ଜନଜାତି ମାନ୍ୟତା ମିଳିନାହିଁ। ସେହିପରି ଗତମାସରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏହି ବର୍ଗର ଲୋକମାନେ ଭେଟି ଦାବି ଦୋହରାଇଛନ୍ତି।

### ପରଲୋକରେ ମସଲା...

ପତ୍ନୀ ସଙ୍ଗୀତା ସାହୁ, ପୁତ୍ର ଅରବିନ୍ଦ ସାହୁ, କନ୍ୟା ରଶ୍ମି ସାହୁ, ପୁତ୍ରବଧୂ ସଲିନା ସାହୁ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

୧୯୫୦ ମସିହା ଜୁଲାଇ ୨୨ ତାରିଖରେ କଟକର ରାଣୀହାଟ ତେଲିସାହିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାହୁ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଓ ରାଣୀହାଟ ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ଖ୍ରୀଷ୍ଟ କଲେଜରେ ଅଧ୍ୟୟନ କରିଥିଲେ। ପାଠପଢ଼ା ଶେଷ ହେବା ପରେ ସେ ନିଜ ପିତା ବନମାଳୀ ସାହୁଙ୍କ ସହିତ ମିଶି ୧୯୭୬ ମସିହା ପବିତ୍ର ଶ୍ରୀଗୁଣ୍ଡିଚା ଦିନ କଟକର ମଧୁପାଟଣା ଶିଳ୍ପାଞ୍ଚଳଠାରେ ଓମ୍ ଅୟେଲ୍ ଏଣ୍ଡ ଫ୍ଲୋର ମିଲ୍ସ ଲିମିଟେଡ୍ (ରୁଚି ଉଦ୍ୟୋଗ) ପ୍ରତିଷ୍ଠା କରିଥିଲେ। ଚଳିତବର୍ଷ ରାଜ୍ୟର ଏହି ସଫଳ ଅନୁଷ୍ଠାନ ରଥଯାତ୍ରା ଦିନ ତା'ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରିଥିଲା। ଶରତ ବାବୁ ଛାତ୍ର ଜୀବନରେ ଜଣେ ଭଲିବଲ୍ ଓ କବାଡ଼ି ଖେଳାଳୀ ଭାବେ ସୁନାମ ଅର୍ଜନ କରିଥିଲେ ଏବଂ ରାଜ୍ୟ କବାଡ଼ି ଦଳର କ୍ୟାପଟେନ୍ ମଧ୍ୟ ଥିଲେ। ଓଡ଼ିଶା ରାଜ୍ୟ କବାଡ଼ି ଆସୋସିଏସନ୍‌ର ସଭାପତି ଭାବେ ଏହି କ୍ରୀଡ଼ାର ବିକାଶ ପାଇଁ ସେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଓଡ଼ିଶାର ମସଲା ଶିଳ୍ପର ଜନକ ଭାବରେ ପରିଚିତ ଡ. ସାହୁ ସବୁବେଳେ ଓଡ଼ିଶାର ସ୍ୱାଭିମାନ, ରାଜ୍ୟର ଶିଳ୍ପର ପ୍ରଗତି ଓ ବିକାଶ ଏବଂ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ନୂଆ ନୂଆ ଜ୍ଞାନକୌଶଳର ଉପଯୋଗ କରୁଥିଲେ। ରାଜ୍ୟ ସରକାରଙ୍କ ସହଯୋଗରେ ରାମଦାସପୁର ଠାରେ ନୂଆ ମସଲା ଓ ପାସ୍ତା କାରଖାନା ପ୍ରତିଷ୍ଠା କରିଥିଲେ। ରାଜ୍ୟସରକାର ଶିଳ୍ପର ବିକାଶ ପାଇଁ ତାଙ୍କୁ ପ୍ରଥମ ସ୍ୱାଭିମାନ ସମ୍ମାନରେ ସମ୍ମାନିତ କରିବା ସହିତ ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରୁ ଅନେକ ପୁରସ୍କାର ଓ ସମ୍ମାନ ଗ୍ରହଣ କରିଥିଲେ। ଶିଳ୍ପର ବିକାଶ ପାଇଁ ସେ ଶିଳ୍ପୋଦ୍ୟୋଗୀ ବନ୍ଧୁମାନଙ୍କ ସହିତ ମିଶି ଓସ୍‌ମେ ଅନୁଷ୍ଠାନ ଗଢ଼ିବା ସହିତ ବିଭିନ୍ନ ଅନୁଷ୍ଠାନର ଶିଳ୍ପ ଉପଦେଷ୍ଟା ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସମୟରେ ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସୁଇଜରଲ୍ୟାଣ୍ଡ, ଆମେରିକା, କାନାଡ଼ା, ସିଙ୍ଗାପୁର, ଦକ୍ଷିଣକୋରିଆ, ଓମାନ ସମେତ ୩୦ରୁ ଊର୍ଦ୍ଧ୍ୱ ଦେଶରେ ଆୟୋଜିତ ଅନେକ ଆନ୍ତର୍ଜାତିକ ପ୍ରଦର୍ଶନୀରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ୧୯୯୯ ମସିହାରେ ଇଟାଲୀ ଓ ଦକ୍ଷିଣକୋରିଆ ସହଯୋଗରେ ଓଡ଼ିଶାର ପ୍ରଥମ ପାସ୍ତା ଉଦ୍ୟୋଗ ପ୍ରତିଷ୍ଠା କରିଥିଲେ। ରାଜ୍ୟର ମାଟ୍ରିକ୍ ଟପ୍ପର, ଶ୍ରେଷ୍ଠ ବିଦ୍ୟାର୍ଥୀ ଓ ପ୍ରତିଭାବାନ ଓଡ଼ିଆମାନଙ୍କୁ ସମ୍ମାନିତ କରିବା ପାଇଁ ଡ. ସାହୁ ରୁଚି ପ୍ରତିଭା ସମ୍ମାନ ସମାରୋହ ଜରିଆରେ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ. ସାହୁଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ରୁଚି ଫୁଡ୍‌ଲାଇନ୍‌ର ପ୍ରତିଷ୍ଠାତା ଡ. ସାହୁଙ୍କ ବିୟୋଗରେ ସେ ଗଭୀର ଭାବେ ଦୁଃଖିତ। ଓଡ଼ିଶାର ଉଦ୍ୟୋଗଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କ ଶୋକବାର୍ତ୍ତାରେ ଓଡ଼ିଶାର ଶିଳ୍ପ ତଥା ପରିଚୟକୁ ବିଶ୍ୱପ୍ରସାରୀ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି କହିଛନ୍ତି।

ଆସନ୍ତାକାଲି ସୋମବାର ତାଙ୍କ ମରଶରୀର ବିମାନଯୋଗେ ଆସି ସକାଳେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବ ଏବଂ ଶୋଭାଯାତ୍ରାରେ କଟକ କାଜିଡ଼ିହ ବାସଭବନରେ ପହଞ୍ଚିବା ପରେ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ପାସ୍ତା ଭିଲେଜଠାରେ ପୂର୍ବାହ୍ନ ୧୧ ଘଟିକାରେ ସର୍ବସାଧାରଣଙ୍କ ଶେଷ ଦର୍ଶନ ପାଇଁ ରଖାଯିବ।

### ୧୫ ମାସରେ...

ଟର୍ମିନାଲ ଉଦ୍‌ଘାଟନ ବେଳେ ଏଠାରେ ପ୍ରିପେଡ୍ ଅଟୋ ବ୍ୟବସ୍ଥା କରାଯାଇଥିବା ଘୋଷଣା ହୋଇଥିଲା। ଏହି ପ୍ରିପେଡ୍ ମାଧ୍ୟମରେ ଯାତ୍ରୀ ସ୍ୱତନ୍ତ୍ର କାଉଣ୍ଟର୍‌ରୁ ଅଗ୍ରୀମ ବୁକିଂ କରିବାର ବ୍ୟବସ୍ଥା କରାଯାଇଥିଲା। ଆପ୍ ମାଧ୍ୟରେ ଯାତ୍ରୀ ଅଟୋଚାଳକଙ୍କ ପରିଚୟ ସହିତ ଗନ୍ତବ୍ୟସ୍ଥଳକୁ ଟ୍ରାକ୍ କରିବାର ବ୍ୟବସ୍ଥା ଥିଲା। କିନ୍ତୁ ଏହି ପ୍ରିପେଡ୍ ବ୍ୟବସ୍ଥା ଅଧିକାଂଶ ସମୟରେ ବନ୍ଦ ରହୁଛି। ଫଳରେ ଯାତ୍ରୀମାନେ ବାହାର ଅସାଧୁ ଅଟୋ ଚାଳକଙ୍କ ଶିକାର ହେଉଛନ୍ତି। ବାହାରୁ ଆସୁଥିବା ଯାତ୍ରୀଙ୍କୁ ବିଭିନ୍ନ ଉପାୟରେ ଲୁଟ୍‌ପାଟ୍ କରୁଛନ୍ତି ଅସାଧୁ ଅଟୋ ଚାଳକ।

ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟଗୁଡ଼ିକ କେତେକ ଟ୍ୟାପ୍ ଭାଙ୍ଗି ଯାଇଥିବା ବେଳେ ଅନେକ ଟ୍ୟାପ୍ ଚୋରି ହୋଇଯାଇଛି। ବିଶେଷକରି ପୁରୁଷ ଶୌଚାଳୟ ଏବଂ ବାହାରେ ଥିବା ରିଫ୍ରେସ୍‌ମେଣ୍ଟ ଜୋନ୍‌ରୁ ଟ୍ୟାପ୍ ନ ଥିବାରୁ ଯାତ୍ରୀ ପାଣି ପାଇଁ ଡହକବିକଳ ହେଉଛନ୍ତି। ଏତେ ବଡ଼ ଟର୍ମିନାଲ ଭିତରେ ସିସିଟିଭି ଲାଗିକି ଯଦି ଚୋରି ହୋଇଯାଉଛି ତେବେ ଯାତ୍ରୀ ଏବଂ ଯାତ୍ରୀଙ୍କ ସାମଗ୍ରୀ କେତେ ସୁରକ୍ଷିତ ତାକୁ ନେଇ ଉଠିଛି ପ୍ରଶ୍ନ। ସେହିଭଳି ବସ୍ ଯାତ୍ରୀଙ୍କ ରାତ୍ରୀ ରହଣି ଦୃଷ୍ଟିରୁ ଏଠାରେ ଡର୍ମିଟୋରି ବ୍ୟବସ୍ଥା ରହିଥିଲେ ମଧ୍ୟ ସରକାର ବଦଳିବା ପରେ ଆଉ ବେଡ୍ ପଡ଼ି ପାରି ନାହିଁ। ଫଳରେ ଦୂରଦୂରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀ ବାହାରେ ଚଟାଣରେ ଶୋଉଛନ୍ତି ଏବଂ ଅସାମାଜିକ ଲୋକଙ୍କ ଶିକାର ହେଉଛନ୍ତି। ବସ୍ ଟର୍ମିନାଲର ବଡ଼ ସମସ୍ୟା ହେଉଛି ଯାତ୍ରୀଙ୍କୁ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜିନିଷ ଯୋଗାଇ ଦେବା ପାଇଁ ୧୩୦ଟି ଦୋକାନ ଘର ତିଆରି କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ସେଗୁଡ଼ିକ ଆବଣ୍ଟନ କରାଯାଇପାରି ନାହିଁ। ଯାହାକୁ ନେଇ ବିବାଦ ଉପୁଜୁଥିବା ବେଳେ ତେଣେ ଯାତ୍ରୀମାନେ ପାଣି ବୋତଲ ପାଇଁ ମଧ୍ୟ ବସ୍‌ଷ୍ଟାଣ୍ଡ ବାହାରକୁ ଆସୁଛନ୍ତି।

### ହସ୍ପିଟାଲ କୋଠାରୁ...

କୋଠାକୁ ଚଢ଼ି ଡେଇଁ ପଡ଼ିଥିଲେ। ଶବ୍ଦ ଶୁଣି ସ୍ଥାନୀୟ ଲୋକ ହସ୍ପିଟାଲ ପଛପଟକୁ ଯାଇ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ ହସ୍ପିଟାଲ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବିଜେଡି ପକ୍ଷରୁ ହରିଶ୍ଚନ୍ଦ୍ର ପଣ୍ଡା ନିଜ ସମର୍ଥକଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଥିଲେ। ପରେ ଯୁବ ଓ ଛାତ୍ର ବିଜେଡି ତରଫରୁ ହସ୍‌ପିଟାଲ ପରିସରରେ ଧାରଣା ଦିଆଯାଇଥିଲା। ଏଥିରେ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପସିତା ସାହୁଙ୍କ ସମେତ ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ, ଦୀପାଳି ଦାସଙ୍କ ସମେତ ବହୁ ବିଜେଡି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପିସିସି ସଭାପତି ଭକ୍ତଚରଣ ଦାସ ଘଟଣାସ୍ଥଳରେ ପହଞ୍ଚି ଦାବି ଦୋହରାଇଥିବା ବେଳେ ବହୁସଂଖ୍ୟାରେ କଂଗ୍ରେସ କର୍ମୀ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ।

ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଲଘୁତମଙ୍କୁ ମଝିରେ ସମ୍ପୃକ୍ତ ସର୍ଭିସ୍ ପ୍ରୋଭାଇଡର୍ କିଛି ମାସ ତଳେ ଚାକିରିରୁ ବରଖାସ୍ତ କରିଥିଲା। ପରେ ପୁଣି ଚାକିରି ଦେଇଥିଲା। ତାଙ୍କର ମାସ ପୂରି ନଥିବା ହେତୁ ଦରମା ପାଇନଥିଲେ ବୋଲି ସେ କହିଛନ୍ତି। ଏହାକୁ ନେଇ ପୁଲିସ ତଦନ୍ତ କରୁଛି ବୋଲି କହିଛନ୍ତି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit (No.3123) sworn before the Executive Magistrate, Khordha, dated - 16.10.2025. I, Rasmita Pradhan, W/o- Dillip Kumar Pradhan, At- Balipatana, PO- Kunjuri, PS- Khordha Sadar, Dist- Khordha, PIN- 752056, Odisha declare that I have changed my minor son's name from Sriman Subhrajit Pradhan to Subhrajit Pradhan. Henceforth, he shall be known as **Subhrajit Pradhan** (new name) for all purposes.

Rasmita Pradhan

**AFFIDAVIT**

By virtue of an affidavit sworn before Executive Magistrate Baramba, on dated 18.10.2025, I Susanta Kumar Dalua S/o- Kailash Chandra Dalua resident at Village- Gopinathpur, Po- Singhanathpitha, Ps- Badamba, Dist- Cuttack, Odisha, PIN- 754031, declare that I have changed my daughter's name from Bishnuptiya Dalua to Bishnupriya Dalua. Henceforth, she shall be known as **BISHNUPRIYA DALUA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar on dated, 27.10.2025, I Lusi Baral, D/o- Sankar Baral, resident Village- Bhagabati Basti, Po- Bhoinagar, Ps- Kharvel Nagar, Dist- Khorda, Odisha, PIN- 751022 declare that I have changed my name from Lusai Barala to Lusi Baral . Henceforth I shall be known as **LUSI BARAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Garadpur, I, Shrabani Mohanty, Vill.: Solapat, Po- Bedari, Ps- Patkura, Kendrapara here by declare that before marriage my name recorded as Shrabani Ray but after marriage my surname has missed. therefore Shrabani Ray and Shrabani Mohanty is one and the same person. Henceforth I shall be known as **Shrabani Mohanty** for all purposes.



658-B

E-Mail I.D.-eernbkdp@gmail.com
Tel.(06727)-220268
Fax No.(06727)-220862

**OFFICE OF THE SUPERINTENDING ENGINEER**
**KENDRAPARA (R&B) DIVISION-I, KENDRAPARA**
**GOVERNMENT OF ODISHA "e" procurement Notice (Short Notice)**
e-procurement Notice for Road works

**Bid Identification No. S.E., R & B KDP- 11/ 2025-26**

| | | | |
|---|---|---|---|
| 22. | No of work | :- | 01 no of Building work, 01 no of Drain work, 01 no of Culvert work |
| 23. | Estimated Cost | :- | ₹.66 lakhs to ₹. 89 lakhs (Approximately) |
| 24. | Period of completion | :- | 12 (Twelve) Months for Building work<br>6 (Six) Months for Drain and Culvert works |
| 25. | Date and time of sale and receipt of bid document | :- | From 11:00 AM of 04/11/2025 to 5:30 PM of 20/11/2025 |
| 26. | Last date / time of receipt of bids | :- | 5:30 PM of 20/11/2025 |
| 27. | Date and time of Opening of Bids | :- | 11.00 AM of 21/11/2025 |
| 28. | Name and address of the Officer Inviting Bid | :- | Superintending Engineer, Kendrapara (R&B) Division-I, Kendrapara |

Further details with any addendum, corrigendum, cancellation can be seen from the State Govt. portal "https://tendersorissa.gov.in

Superintending Engineer,
Kendrapara (R&B) Division-I


## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର

# ପୁଲିସ ଜରିଆରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନୋଟିସ ନିର୍ଦ୍ଦେଶ

କଟକ,୨/୧୧(ସମିସ): ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ ପ୍ରସଙ୍ଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ ନ କରିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। କାହିଁକି ଅଦାଲତ ଦେଇଥିବା ନିୟମକୁ କାର୍ଯ୍ୟକାରୀ କରାଯାଇନାହିଁ ସେ ସଂକ୍ରାନ୍ତରେ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ପୁଲିସ ଜରିଆରେ ନୋଟିସ୍ ପଠେଇବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ବ୍ୟକ୍ତିଗତ ଭାବେ ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟ ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେବା ସହ ୩ କାର୍ଯ୍ୟ ଦିବସ ମଧ୍ୟରେ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ଅଦାଲତ ସୁଯୋଗ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ ଆବେଦନକାରୀ କ୍ଷଣପ୍ରଭା ନାୟକଙ୍କ ସ୍ୱାମୀ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ମାତ୍ର କାର୍ଯ୍ୟରତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସରକାରୀ ଆଇନ ଅନୁସାରେ ଚାକିରିରେ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବାର ପ୍ରାବଧାନ ଥିବା ସତ୍ତ୍ୱେ କ୍ଷଣପ୍ରଭାଙ୍କୁ ଅନୁମ୍ପାମୂଳକ ନିଯୁକ୍ତି ଦିଆଯାଇ ନ ଥିଲା। ବିଳମ୍ବରେ ଆବେଦନ କରିଥିବାରୁ ତାଙ୍କ ଆବେଦନ ଗ୍ରହଣଯୋଗ୍ୟ ନୁହେଁ ବୋଲି କୁହାଯାଇଥିଲା। ଏହା ବିରୋଧରେ କ୍ଷଣପ୍ରଭା ନାୟକ ଆଇନଜୀବୀ ସତ୍ୟ ରଞ୍ଜନ ପତିଙ୍କ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଇଥିଲେ। ଅଦାଲତ ଗତ ଅଗଷ୍ଟ ୧୮ ତାରିଖରେ କ୍ଷଣପ୍ରଭା ନାୟକଙ୍କ ଆବେଦନକୁ ବିଚାର କରି ୮ ସପ୍ତାହ ମଧ୍ୟରେ ଆଦେଶ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଧାର୍ଯ୍ୟ ଅବଧି ମଧ୍ୟରେ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ଅଦାଲତ ନିର୍ଦ୍ଦେଶର ଅନୁପାଳନ କରି ନ ଥିଲେ। ତେଣୁ ଏହା ବିରୋଧରେ ଆବେଦନକାରୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

**Format C-1**

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

**I, Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| **1** | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| **2** | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **3** | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **4** | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**

ସକାଳ
THE SAKALA



### କୁଆବାଉଁଶ ଗାଁରେ ସଶସ୍ତ୍ର ଡକାୟତି ଘଟଣା

# ୫ ଅଭିଯୁକ୍ତ ଗିରଫ ସହ ସୁନାଗହଣା, ଟଙ୍କା ଜବତ

ପାଟଣାଗଡ଼, ୨ ।୧୧(ସମିସ)



ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା କୁଆବାଉଁଶ ଗାଁରେ ଗତ ମାସ ୧୭ ତାରିଖ ବିଳମ୍ବିତ ରାତିରେ ରମାକାନ୍ତ ସରାପଙ୍କ ଘରେ ସଶସ୍ତ୍ର ଡକାୟତି ଘଟଣାରେ ଅଭିଯୁକ୍ତ ଧରା ପଡ଼ିଛନ୍ତି। ଏହି ଘଟଣାରେ ପୁଲିସ ରବିବାର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୋହିତ ସରାପ, ମହାଦେବ ଚାନ୍ଦ, ରାହୁଲ କୁମ୍ଭାର, ଗଣେଶ ଭୋଇ ଓ ଧନେଶ୍ୱର ନାଗ। ଏହି ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇ ଜଣ ପାଇକମାଲ ଅଞ୍ଚଳର। ଅନ୍ୟ ୩ଜଣ ଖପ୍ରାଖୋଲ ଓ ଅଇଁଳାପାଲି ଗାଁର। ଏକ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୁଲିସ ଅଧିକାରୀ ସଦାନନ୍ଦ ପୁଝାରୀ ଏହି ସୂଚନା ଦେଇଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ସୁନାଚେନ, କାନଫୁଲ, ନଗଦ ହଜାରେ ଟଙ୍କା, ଜମି ଜମା ସମ୍ପର୍କିତ କାଗଜପତ୍ର ସହ ସେମାନେ ବ୍ୟବହାର କରିଥିବା ୨ଟି ଛୁରୀ ଓ ୪ଟି ମୋବାଇଲ ପୁଲିସ ଜବତ କରିଛି। ପାଟଣାଗଡ଼ ଥାନା କୁଆବାଉଁଶ ଗାଁରେ ଗତ ୧୭ ତାରିଖ ରାତିରେ ଦଣ୍ଡ ନୃତ୍ୟ ଚାଲିଥିଲା। ଗାଁ ଲୋକେ ଦଣ୍ଡ ନୃତ୍ୟ ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ରମାକାନ୍ତ ସରାପଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ତାଙ୍କ ଘରେ ପଶିଥିଲେ। ରମାକାନ୍ତଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଓ ପୁଅକୁ ପ୍ରଥମେ ଛୁରା ଦେଖାଇ ଭୟଭୀତ କରିଥିଲେ। ଏହାପରେ ରଶିରେ ବାନ୍ଧି ଦେଇଥିଲେ। ଆଲମିରା ଚାବି ମାଗିନେଇ ସୁନାଗହଣା ସହ ଟଙ୍କା ଲୁଟ୍ କରି ଫେରାର ମାରିଥିଲେ। ଏହି ଘଟଣାକୁ ନେଇ ରମାକାନ୍ତଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ସରାପ ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଘଟଣାର ତଦନ୍ତ ଜାରି ରହିଥିଲା। ଅପରପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଆହୁରି ୨ ଜଣ ଫେରାର ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଶ୍ରୀ ପୁଝାରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ଗ୍ୟାସ୍ ବୋଝେଇ ଟ୍ରକ୍‌ରେ ଲାଗିଲା ନିଆଁ

# ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲପର

**ବୀରମହାରାଜପୁର, ୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଜଟେସିଂହା ହରିହର ଯୋର ବ୍ରିଜ୍ ପାଖରେ ଶନିବାର ରାତ୍ରିରେ ଏକ ଇଣ୍ଡିଆନ ଗ୍ୟାସ୍ ବୋଝାଇ ଟ୍ରକ୍ ଗଲାବେଳେ କୌଣସି କାରଣରୁ ହଠାତ୍ ନିଆଁ ଲାଗି ଜଳି ଯାଇଥିଲା। ଫଳରେ ଗାଡ଼ି ଡ୍ରାଇଭର ଓ ହେଲ୍ପର ଗାଡିରୁ ବହାରିପଡ଼ିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ବୀରମହାରାଜପୁର ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ବହୁ ସମୟପରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନାନୁଯାୟୀ, ଟ୍ରକ୍ (ଓଡି ୩୧ଇ ୬୮୬୫) ରେଢ଼ାଖୋଲ ପଟୁ ବୀରମହାରାଜପୁର ଆଡକୁ ଆସୁଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଗ୍ୟାସ୍ ବୋଝେଇ ଟ୍ରକ୍‌ଟି ଅଧା ପୋଡିଯାଇଥିବା ବେଳେ ଗ୍ୟାସ ଭର୍ତ୍ତି ସିଲିଣ୍ଡରକୁ ନିଆଁ ବ୍ୟାପିବା ପୂର୍ବରୁ ନିଆଁକୁ ଆୟତ୍ତ କରାଯାଇଥିଲା। ଫଳରେ ବଡ଼ ଧରଣର ବିସ୍ଫୋରଣରୁ ଟ୍ରକ୍‌ଟି ବର୍ତ୍ତିଯାଇଥିବା ପ୍ରତ୍ୟେକ୍ଷ ଦର୍ଶୀମାନେ କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଚାଳକ ମୃତ୍ୟୁ

**ହରଭଙ୍ଗା, ୨।୧୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ପଇଦାଭୂଇଁ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ଛତ୍ରଙ୍ଗ ଗ୍ରାମର ଅମୂଲ୍ୟ ବେହେରା (୨୩)। ଅମୂଲ୍ୟ ବିଳମ୍ବିତ ରାତିରେ ଏକ ବାଇକ୍ ଯୋଗେ ଜଣେ ନାବାଳିକା ସହ ଭାବପୁରରୁ କୁଶଙ୍ଗ ଆଡ଼କୁ ଫେରୁଥିଲେ। ଏହି ସମୟରେ ପଇଦାଭୂଇଁ ପୋଲ ନିକଟରେ ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଧାନ ବିଲରେ ପଡ଼ିଥିଲା। ଦୁର୍ଘଟଣାଗ୍ରସ୍ତ ପରେ ଉଭୟ ରାତିସାରା ବାଇକ୍ ସହ ଧାନ ବିଲରେ ପଡ଼ି ରହିଥିଲେ। ସକାଳୁ ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ହରଭଙ୍ଗା ମେଡିକାଲରେ ନିଆଯାଇଥିଲା। ସେଠାରେ ଡାକ୍ତର ଅମୂଲ୍ୟଙ୍କୁ ମୃତ ଘୋଷଣା କରିଥିଲେ। ହରଭଙ୍ଗା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଡୁଙ୍ଗୁରିପାଲି, ୨।୧୧(ସମିସ):** ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ଶିବ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଆର୍‌ଏମ୍‌ସିକୁ ଯାଇଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗ ଦେଇଥିବାବେଳେ ଡୁଙ୍ଗୁରିପାଲି ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଉପାଧ୍ୟକ୍ଷ ମକର୍ଦ୍ଧଜ ସାହୁଙ୍କ ସମେତ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ପୂର୍ବ ବିଜେଡ଼ି ସରକାରଙ୍କ ସମୟରେ ହୋଇଥିବା ଯୋଜନା ଓ ବର୍ତ୍ତମାନ ବିଜେପି ସରକାରର ବିଫଳତାକୁ ନେଇ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ସରକାର ମିଥ୍ୟାର ସରକାର। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ସବୁ ଭୁଲି ଗଲାଣି। ଲୋକଙ୍କୁ ପ୍ରତାରଣା କରି କ୍ଷମତାକୁ ଆସିଛି ବୋଲି କହିବା ସହ ମିଥ୍ୟା ବିଜେପି ସରକାରର ବିଫଳତାକୁ ନେଇ ନେତା ଓ କର୍ମୀ ଲୋକଙ୍କୁ ଅବଗତ କରାଇଥିଲେ।

# ବ୍ରାହ୍ମଣୀପାଲି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

**ଡୁଙ୍ଗୁରିପାଲି, ୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ବ୍ରାହ୍ମଣୀପାଲି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କୁମୁଦିନୀ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ସଂଯୋଜନା କରିଥିଲେ। ନଅଟି ବିଦ୍ୟାଳୟରୁ ୧୬ ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥିଭାବେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧର ପ୍ରଧାନ ଶିକ୍ଷକ ପଞ୍ଚାନନ କର୍ଣ୍ଣ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ନଭେମ୍ବର ମାସର ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ପାଇଁ ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ୍ୟ ଯୋଜନା, ଆଦର୍ଶ ପାଠ ଟୀକା ଓ ଶିକ୍ଷକ ଗତିବିଧି ଯୋଜନା, ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନର ବହୁ ଶ୍ରେଣୀ ଶିକ୍ଷଣ ପରିଚାଳନା, ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଗଣିତ ଶିକ୍ଷାଦାନ କୌଶଳ, ସ୍ଥାନୀୟ ବିଦ୍ୟାଳୟର ଅଭିନବ କାର୍ଯ୍ୟ, ଶିକ୍ଷଣ ସୋପାନ ପୁସ୍ତିକା, ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ, ଉଲ୍ଲାସ କାର୍ଯ୍ୟକ୍ରମର ସମୀକ୍ଷା ପ୍ରଭୃତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଶିକ୍ଷକ ନନ୍ଦକିଶୋର ବିଶି, ତୁଳସୀରାମ ଭୋଇ, ମୋହନ ଚରଣ ନାଏକ, ହାରାଧନ ବେରିଆ, ଅଭିରାମ ପରାଭୂଏ, କୁଶ ପୁଟେଲ, ଶିକ୍ଷୟିତ୍ରୀ ମାନିନୀ ବାଘ, କଳ୍ପନା ସେଠୀ, ରଶ୍ମିତା କୁଅଁର, ଲଳିତା ଭୁଏ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ବରୁଆଙ୍କ ନାଚରେ ଦୁଲକିଲା କଳାସି ଯାତ୍ରା

ବିନିକା, ୨।୧୧(ସମିସ): ବିନିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର କଳାସି ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଛତର ଶୋଭାଯାତ୍ରା ସହ ବରୁଆମାନେ ପାରମ୍ପରିକ ରୀତିରେ ନୃତ୍ୟ କରି ଢ଼ୋଲ ନିଶାଣର ତାଳେ ତାଳେ ନିକଟ ଯୋର, ନଳିଆ, ପୋଖରୀ, ନଦୀକୁ ସ୍ନାନ ପାଇଁ ଯାଇ ନିଜ କୁଠୀକୁ ଫେରିଥିଲେ। ଛତର ଦେବତାଙ୍କ ଦର୍ଶନ ପାଇଁ କୁଠୀ ଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିନିକା ଅଞ୍ଚଳର ଚରଦା, ଡଭଲା, ସେଲେଡି, ବଲାରଙ୍ଗା, କୌଡିଆମୁଣ୍ଡା, ଟୁଲୁଣ୍ଡୁପାଲି ପ୍ରଭୃତି ସ୍ଥାନରେ କଳାସି ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଆଡ଼କଟାରେ ଅଇଁଳା ନବମୀ

**ତରଭା, ୨।୧୧(ସମିସ):** ତରଭା ବ୍ଲକ ଆଡ଼କଟା ଗ୍ରାମର ଜାନକୀ ବଲ୍ଲଭ କଳା ପରିଷଦ ଆନୁକୂଲ୍ୟରେ ଅଇଁଳା ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରାହ୍ମକୁମାରୀମାନେ ଲୋକଙ୍କୁ ଆଧ୍ୟାତ୍ମିକ ଚେତନା ଓ ନାରୀ ଜାଗରଣ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ବ୍ରାହ୍ମକୁମାରୀଙ୍କ ଭାବଗତ ଚିନ୍ତା ଓ ଜନ ସଚେତନତା ପରେ ବରଗଡ଼ର ସରଗ ମଲ୍ଲି ଅନୁଷ୍ଠାନ ଓ ବିଭିନ୍ନ ସାଂସ୍କୃତିକ ଦଳଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାନକୀ ବଲ୍ଲଭ କଳା ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମିଶ୍ର ଓ ସମ୍ପାଦକ ଘାସିରାମ ବାଘ ସରଗମଲ୍ଲୀ ସାଂସ୍କୃତିକ ଅନୁଷ୍ଠାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ।

# ବାଇକ୍ ଧକ୍କାରେ ଜଣେ ମୃତ

**ମନମୁଣ୍ଡା/ଶଗଡ଼ା, ୨ ।୧୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଲୁଣପଙ୍ଗା ଗାଁରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ ଧକ୍କାରେ ଗାଁର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ



ଲୁଣପଙ୍ଗା ଗ୍ରାମର ଅଶ୍ୱିନୀ କ୍ଷେତି (୩୯)। ଗୁରୁତର ଦ୍ୱୟ ହେଲେ ମାଝିପଡ଼ା ଗ୍ରାମର ଜଗବନ୍ଧୁ ଭୋଇ (୫୦) ଏବଂ ଜୟକୃଷ୍ଣ ମାଝି (୪୦)। ମୃତକଙ୍କ ଭାଇ ନବୀନ କ୍ଷେତିଙ୍କ ଏତଲାକ୍ରମେ ମୃତକ ଏବଂ ଗୁରୁତର ଆହତ ତିନିଜଣ ଶନିବାର ରାତିରେ ଏକ ବାଇକ୍ (ଓଡି ୨୭ ଡି ୦୫୫୭)ରେ ଲୁଣପଙ୍ଗା ଗ୍ରାମରୁ ମାଝୀପଡ଼ା ଗ୍ରାମକୁ ଯାଉଥିଲେ। ଲୁଣପଙ୍ଗା ଗ୍ରାମ ଦାଣ୍ଡରେ ଅପରପାର୍ଶ୍ୱରୁ ଏକ ଅଜଣା ବାଇକ ଦ୍ରୁତ ଓ ବେପରୁଆ ଭାବେ ଆସି ଏମାନଙ୍କ ସହ ଧକ୍କା କରି ଫେରାର ହୋଇଯାଇଥିଲା। ଧକ୍କାରେ ୩ଜଣ ଗୁରୁତର ଆହତ ହୋଇଥିଲାବେଳେ ବାଇକ ବ୍ୟାପକ ଭାବେ ଭାଙ୍ଗିରୁଜି ଯାଇଥିଲା। ଅଶ୍ୱିନୀଙ୍କୁ ମନମୁଣ୍ଡା ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଦ୍ୱୟଙ୍କ ଗୋଡ ଭାଙ୍ଗିଯାଇଛି। ସେମାନଙ୍କୁ ପ୍ରଥମେ ସୋନପୁର ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମନମୁଣ୍ଡା ଡାକ୍ତରଖାନାରେ ମୃତକଙ୍କ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏନେଇ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏହାର ତଦନ୍ତ ଚଳାଇଛି।

# ଟ୍ରକ୍ ଧକ୍କାରେ କାର୍ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

**ହରଭଙ୍ଗା/ପୁରୁଣାକଟକ, ୨ ।୧୧(ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅଧୀନ ୫୭ନଂ ଜାତୀୟ ରାଜପଥର ପୁରୁଣାକଟକସ୍ଥିତ ଭୈରବୀ କଲେଜ ସମ୍ମୁଖରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଗୋଟିଏ କାରକୁ ଏକ ଟ୍ରକ୍ ଧକ୍କା ଦେଇଛି। କାରରେ ବସିଥିବା ଭେଡେନ ଅଞ୍ଚଳର ନିତ୍ୟାନନ୍ଦ ମାଝୀ (୩୨), ପରମା ନନ୍ଦ ବାଘ (୨୮), ବୀରେନ୍ଦ୍ର ଚୌଧୁରୀ ଗୁରୁତର ଆହତ ହୋଇଥିଲେ। ଓଡି ୧୭ ଏସି ୯୯୯୭ ନମ୍ବର ବିଶିଷ୍ଟ କାରଟି ଭୁବନେଶ୍ୱରରୁ ବରଗଡ଼ ଜିଲ୍ଲା ଭେଡେନ ଯାଉଥଲା ବେଳେ ଏହି ଦୁର୍ଘଟଣା ଘଟିଛି। ଗୁରୁତରଙ୍କୁ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପୁରୁଣାକଟକ ପୁଲିସ ଦୁର୍ଘଟଣା ଛାନଭିନ ଆରମ୍ଭ କରିଛି।

# ୧୬ ପ୍ରହର ନାମଯଜ୍ଞ ଆରମ୍ଭ

**ବିନିକା, ୨ ।୧୧(ସମିସ):** ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ଝାରକଦଲିପାଲି ଗ୍ରାମରେ କଳସ ଶୋଭାଯାତ୍ରା ସହ ୧୬ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଯାଇଛି। ରବିବାର ସକାଳେ ସଂକୀର୍ତ୍ତନ, ଘଣ୍ଟବାଦ୍ୟର ତାଳେ ତାଳେ ଗ୍ରାମର ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ନିକଟ ନଳିଆକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ଜଳପୂର୍ଣ୍ଣ କଳସକୁ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଅବସରରେ ମଣ୍ଡପରେ ମହାମନ୍ତ୍ର ନାମଜପ ଅନୁଷ୍ଠିତ ହେବ। ୫ ତାରିଖରେ ନାମଯଜ୍ଞ ପୂର୍ଣ୍ଣାହୁତି ହେବ। କମିଟି ସଭାପତି ସେତୁବନ୍ଧ ଭୋଇ ଓ ସମ୍ପାଦକ ମୁରଲୀ ପଧାନ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରୁଥିବା ବେଳେ ସାମ୍ବାଦିକ ଜିତେନ୍ଦ୍ର ଠାଟି, ଉତ୍ତମ ମହାକୁର, ନିଆମ ଠାଟି, ଧର୍ମେନ୍ଦ୍ର ଛନ୍ଦ, ନରେନ୍ଦ୍ର ରଣା ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି। ଏଥିରେ କର୍ତ୍ତା ଭାବରେ ମଙ୍ଗଳ ପଧାନ ଓ ତାଙ୍କ ଧର୍ମପତ୍ନୀ ମଳାବତି ପଧାନ, ପୂଜକ ଭାବରେ ବଳରାମ ପାଢ଼ୀ ଦାୟିତ୍ୱ ତୁଲାଉଛନ୍ତି।

# ଦିଗଶିରାରେ କଳାସୀ ଯାତ୍ରା

**ଡୁଙ୍ଗୁରିପାଲି, ୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବିଗଶିରାଗ୍ରାମରେ ଦୁଇ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଥିବା ଐତିହାସିକ କଳାସୀ ଯାତ୍ରା ସମ୍ପର୍ଣ୍ଣ ହୋଇଯାଇଛି। ଦୁଇଦିନ ଧରି ପାଳିତ ହୋଇଥିବା ମେଳାର ପ୍ରଥମ ଦିନ ଦଶମୀତିଥିରେ ବରୁଆମାନେ ଗ୍ରାମଦେବୀ ପଥାଇଙ୍କଠାରେ ପୂଜାର୍ଚ୍ଚନା ପରେ କଳାସୀକୁଠିକୁ ସେଠାରୁ ବାଦ୍ୟର ତାଳେ ତାଳେ ନାଚ କରି ଆଣିଥାନ୍ତି। ଦ୍ୱିତୀୟ ଦିନ ଏକାଦଶୀତିଥିରେ କଳାସୀକୁଠିରେ ପୂଜାର୍ଚ୍ଚନା କଲାପରେ ଅଙ୍ଗନଦୀ ଖଣ୍ଡିଯାତ୍ରା ପଡ଼ିଆକୁ ବାଦ୍ୟର ତାଳେ ତାଳେ ନାଚି ନାଚି ଯାଇଥାନ୍ତି। ଯାତ୍ରାରେ ହଜାର ହଜାର ସଂଖ୍ୟକ ଜନସାଧାରଣ ଯୋଗଦେଇ ଆନନ୍ଦ ଉପଭୋଗ କରିଥିଲେ। ମେଳାରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ମୀନାବଜାର ଓ ରାତି ପାଇଁ ଦଣ୍ଡନୃତ୍ୟ, ସ୍ଥାନୀୟ ଅପେରାର ମଧ୍ୟ ଆୟୋଜନ କରାଯାଇଥିଲା।

# କନ୍ଧମାଳ ଗ୍ରାମ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ; କୁମରକେଲି ଚାମ୍ପିଅନ୍



**କନ୍ଧମାଳ, ୨।୧୧(ସମିସ):** କନ୍ଧମାଳ ଗ୍ରାମ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଜୟ ଶ୍ରୀରାମ କ୍ରିକେଟ ଟିମ୍ ଦ୍ୱାରା କନ୍ଧମାଳ ହାଇସ୍କୁଲ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଛି। ଏଥିରେ ୧୬ଟି ଟିମ୍ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ୍ ଦମାମୁଣ୍ଡ ଓ କୁମରକେଲି ମଧ୍ୟରେ ହୋଇଥିଲା। ଏଥିରେ କୁମରକେଲି ଚାମ୍ପିଅନ୍ ହୋଇଥିଲା। ଦେବାଶିଷ ସାହୁ, ମଦନ କୁମାର ଓ ସୁବାଷ ସାହୁ ଖେଳ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଜିତ ସାହୁ, ବଳରାମ ସାହୁ ଓ ଯଜ୍ଞେଶ୍ୱର ଦେହୁରୀ ଉପସ୍ଥିତ ଥିଲେ। କନ୍ଧମାଳ ଜୟ ଶ୍ରୀରାମ କ୍ରିକେଟ ଟିମ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗୁଡଭେଲିପଦରରେ ସାମାଜିକ ନାଟକ ମଞ୍ଚସ୍ଥ



**ଶଗଡ଼ା, ୨।୧୧ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଗୁଡଭେଲି ପଦର ଗ୍ରାମରେ କୈଳାଶୀ ଯାତ୍ରା ଉପଲକ୍ଷେ ଏକ ସାମାଜିକ ନାଟକ ପରିବେଷିତ ହୋଇଛି। ମାଁ ଗ୍ରାମପତି ନାଟ୍ୟ ପରିଷଦ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ 'କାଳିଆ ଦେଉଛି ଅସରା ଦୁଃଖ' ପରିବେଷିତ ହୋଇଥିଲା। ସନ୍ତୋଷ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ମାଁ ଗ୍ରାମପତି ନାଟ୍ୟ ପରିଷଦର କଳାକାରଙ୍କ ସହ ଅତିଥି କଳାକାରମାନେ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ମଞ୍ଚରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଯୁବନେତା କିଶୋର ମେହେର, ସୁଧୀର ମହାକୁଡ, ପୁରନ୍ଦର କର୍ମୀ, ସରପଞ୍ଚ ପ୍ରତିନିଧି ସଚିନ ମିଶ୍ର, ରାଜେନ୍ଦ୍ର ମେହେର, ପୁରନ୍ଦର ଠେଲା, ପ୍ରମୋଦ ମେହେର, ରବି ସାହୁ, ସୁଶୀଳ ମିଶ୍ର, ହୃଦାନନ୍ଦ ମେହେର, ମୁକ୍ତେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟନାରାୟଣ ବଘାର ମଞ୍ଚ ପରିଚାଳନା କରିଥିଲେ। ମାଁ ଗ୍ରାମପତି ନାଟ୍ୟ ପରିଷଦର ସଭାପତି ସନତ ସାହୁ, ସମ୍ପାଦକ ବିଷ୍ଣୁ ଚରଣ ମହଲା, ଧନୀ ବାଘ, ସତ୍ୟବାନ ସାହୁ, ରାଜାରାମ ମାହାଣା, ଶରତ ରଣା, ନୀଳମାଧବ ମାହାଣା, ରମେଶ ମଲିକ, ଦିନେଶ ବିଶି, ପ୍ରେମଚାନ୍ଦ ସାହୁ, ଉତ୍ତର ବାଘ ପ୍ରମୁଖ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ଉପକରଣ ସହାୟତା ବଣ୍ଟନ

**କନ୍ଧମାଳ, ୨।୧୧(ସମିସ):** କନ୍ଧମାଳ ବ୍ଲକ କାର୍ଯ୍ୟାଳୟରେ ଜେନେରାଲ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଉପକରଣ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାଧର ମିଶ୍ର, ଜିଆଇସି ମ୍ୟାନେଜର ସ୍ମୃତିରଞ୍ଜନ ମଲିକ, ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ଘିକୁଣ୍ଡି ସରପଞ୍ଚ ସମରେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟନାରୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ନିରୋଜ ପାତ୍ର, ଧର୍ମ ବେହେରାଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ




୧୩୫ ଜଣ ବରିଷ୍ଠ ନାଗରିକଙ୍କ ନାମ ପୂର୍ବରୁ ପଞ୍ଜୀକରଣ ହୋଇଥିଲା। ପ୍ରେମାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିବ ସାହୁଙ୍କ ସମେତ ୭୦ ଜଣଙ୍କୁ ଶ୍ରବଣ ଯନ୍ତ୍ର, ଅଣ୍ଟା ବେଲ୍ଟ, ଆଣ୍ଠୁ ବେଲ୍ଟ, ହୁଇଲ ଚେୟାର ଆଦି ପ୍ରଦାନ କରା ଯାଇଥିଲା।

# ପୁରୁଣାକଟକରେ ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ପୁରୁଣାକଟକ/ହରଭଙ୍ଗା, ୨ ।୧୧(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ପୁରୁଣାକଟକ ମିନି ଷ୍ଟାଡିୟମରେ ବୌଦ୍ଧ ସଂକୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ




ହୋଇଯାଇଛି। ପୁରୁଣାକଟକ ହନୁମାନ ମନ୍ଦିରଠାରୁ କ୍ରୀଡା ମଶାଲ ବାହାରି ଥିଲା। ପୂର୍ବତନ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଡ. ପ୍ରମୋଦ ମହାପାତ୍ର, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ଉପ ସଭାପତି ସତ୍ୟାନନ୍ଦ ପୁରୋହିତ, ସଂକୁଳ ପ୍ରମୁଖ ଦଶରଥ ମେହେର, ସଂକୁଳ ସଂଯୋଜକ ଶ୍ରୀବତ୍ସ ମିଶ୍ର, ଯୁଗ୍ମ ସମ୍ପାଦକ ପଞ୍ଚାନନ ହୋତା ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭଗବାନ ମନହିରା ମଞ୍ଚାସୀନ ଥିଲେ। ବରିଷ୍ଠ ଆଚାର୍ଯ୍ୟ ମନୋଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବୌଦ୍ଧ ସଙ୍କୁଳ ପ୍ରମୁଖ ଦଶରଥ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂକୁଳ କ୍ରୀଡା ପ୍ରମୁଖ ସୁରେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଶାରୀରିକ ପ୍ରମୁଖ ପ୍ରଭାତ ବାରିକ ସହଯୋଗ କରିଥିଲେ।

# ପିଇଓ-ସମିତିସଭ୍ୟ କଥାକଟାକଟିରୁ ଅସନ୍ତୋଷ

### ପିଇଓଙ୍କ ବଦଳି ବାତିଲ ଓ ଗାଁରେ ପଞ୍ଚାୟତ ନୂଆ କୋଠା ନିର୍ମାଣ ଦାବି

ଦେଓଗାଁ, ୨ ।୧୧(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତରେ ଗତ ୩୦ ତାରିଖରେ ହୋଇଥିବା ପଞ୍ଚାୟତ ଗ୍ରାମସଭାରେ ପିଇଓ ଏବଂ ସମିତିସଭ୍ୟଙ୍କ ମଧ୍ୟରେ କଥା କଟାକଟି ହୋଇଛି। ପିଇଓଙ୍କ ଅନ୍ୟତ୍ର ବଦଳିକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ପଞ୍ଚାୟତ ସଭାକକ୍ଷରେ ଶନିବାର ହୋଇଥିବା ଗ୍ରାମସଭାରେ ସମିତିସଭ୍ୟ ଲକ୍ଷ୍ମଣ ମେହେର ପହଞ୍ଚି ତାଙ୍କୁ କାହିଁକି ବୈଠକକୁ ଡକାଯାଇନାହିଁ ବୋଲି କହିଥିଲେ। ଏହାକୁ ନେଇ ପିଇଓଙ୍କ ସହ କଥା କଟାକଟି ହୋଇଥିଲା। ଅନ୍ୟପଟେ ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ୪୫ ଲକ୍ଷ ଟଙ୍କାରେ ହେବାକୁ ଥିବା ନୂତନ କୋଠକୁ କୁଲିଆବାହାଲ ନିକଟସ୍ଥ ଏକ ସ୍ଥାନରୁ ସ୍ଥାନାନ୍ତର କରିବା ପାଇଁ ଯୋଜନା କରାଯାଉଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଗାଁରେ ବୈଠକ ବସିଥିଲା। ଏହାକୁ ତୀବ୍ର ନିନ୍ଦା କରାଯିବା ସହ ପିଇଓ ବନବିହାରୀ ବେଦବାକଙ୍କ ବଦଳିକୁ ବାତିଲ କରିବା ପାଇଁ ଦାବି କରାଯାଇଥିଲା। ଏହାସହ ପଞ୍ଚାୟତ କୋଠା ନିର୍ମାଣ ସାଲେପାଲିରେ ହିଁ କରାଯିବା ପାଇଁ ଗାଁରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଗ୍ରାମବାସୀ ପଞ୍ଚାୟତକୁ ଯାଇ ତାଲା ପକାଇ ପ୍ରତିବାଦ କରିଥିଲେ। ଖବର ପାଇ ଦେଓଗାଁ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରଦିନ ସକାଳୁ ବ୍ଲକ ପ୍ରଶାସନର ଉପସ୍ଥିତିରେ ତାଲାକୁ ଖୋଲାଯାଇଥିଲା। ତେବେ ଏହି ଦାବିକୁ ନେଇ ଗ୍ରାମବାସୀ ଅଟଳ ରହିଛନ୍ତି। ଗାଁରେ ନୂତନ ପଞ୍ଚାୟତ କୋଠା ନିର୍ମାଣ ଓ ପିଇଓଙ୍କ ବଦଳି ବାତିଲ କରା ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଗାଁ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ସରପଞ୍ଚ ବଲ୍ଲଭି ସାହୁଙ୍କୁ ପଚାରିବାରୁ ଗ୍ରାମସଭାରେ ସମିତିସଭ୍ୟ ଓ ପିଇଓ କଠାକଟାକଟି ହେବାପରେ ଗାଁରେ କେହି ଜଣେ ପଞ୍ଚାୟତ କୋଠା ସ୍ଥାନାନ୍ତର ହେଉଥିବା ନେଇ ଅପପ୍ରଚାର କରିଦେବାରୁ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏବେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଥିଲେ।

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର



**ସିନାପାଲି, ୨। ୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଟିମନପୁର ଫୋରୱେ ରାସ୍ତାରେ ଏକ ସୁପରଏକ୍ସଲ ଗାଡ଼ିକୁ ଟ୍ରକ୍ ଧକ୍କାଦେବାରୁ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ବାସନ୍ତୀ ଘିଭେଲା (୫୦) ଓ ଗୁରୁତର ବ୍ୟକ୍ତିହେଲେ ନରସିଂହ ଘିଭେଲା (୫୫)। ସୂଚନା ଅନୁସାରେ, ରବିବାର ପୂର୍ବାହ୍ନରେ ସ୍ୱାମୀ ସ୍ତ୍ରୀ ଏକ ସୁପରଏକ୍ସଲ ଗାଡ଼ିରେ ଝିଅଘର ଗଡ଼ରାମାଲକୁ ଯାଉଥିଲେ। ହେଲେ ଟିମନପୁର ଠାରେ ସିନାପାଲି ପଟରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ବାସନ୍ତୀଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ନରସିଂହ ଗୁରୁତର ହୋଇଥିଲେ। ଖବର ପାଇ ସିନାପାଲି ଦମକଳ ଗାଡ଼ି ପହଞ୍ଚି ନରସିଂହଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଘଟଣାସ୍ଥଳରେ ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଟ୍ରକ୍‌କୁ ଜବତ କରିଥିଲେ। ମୃତ ମହିଳାଙ୍କ ପରିବାର ଓ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ। ଯୁବ ଯାଦବ ସମାଜ ସଭାପତି ଗଣେଶ ପୋତ, ଯାଦବ ସମାଜ ସଙ୍ଗଠନ ସମ୍ପାଦକ ଡୋଲାମଣି ଘିଭେଲା, ରାଣିମୁଣ ସରପଞ୍ଚ ଦେବଦତ୍ତ ସୁପକାରଙ୍କ ସମେତ ଅନେକ ଲୋକ କ୍ଷତିପୂରଣ ଦାବି କରିଥିଲେ। ସିନାପାଲି ବିଡିଓ କାର୍ମି ଓରାମ, ତହସିଲଦାର ଉପାଞ୍ଜଳି ମାଝୀ, ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା, ସିନାପାଲି ପୁଲିସ ଏସ୍‌ଆଇ ସହଦେବ ଯୋଶୀ, ଯୋଶ୍ନାରାଣି ଖୁଣ୍ଟିଆ, ଏଏସ୍‌ଆଇ ପ୍ରଭାକର ନାୟକ, ରାମେଶ୍ୱର ବାଗ୍‌ଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ନୂଆପଡ଼ା ଉପନିର୍ବାଚନ ଆଚରଣବିଧି ଲାଗୁ ରହିଥିବାରୁ ରେଡକ୍ରସ ପାଣ୍ଠିରୁ ମଧ୍ୟ ସହାୟତା ଦିଆଯାଇ ନାହିଁ ବୋଲି ଜଣାପଡ଼ିଛି।

# ବିଜୁ ଏକ୍ସପ୍ରେସ୍‌ୱେରେ ଦୁର୍ଘଟଣା; ବୃଦ୍ଧଙ୍କ ମୃତ୍ୟୁ



**ଧର୍ମଗଡ଼, ୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ବିଜୁ ଏକ୍ସପ୍ରେସ ୱେ ଢ଼ାବା ନିକଟରେ ଆଇଚର ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମର ତରୁଣୀ ଦୁର୍ଗା (୬୫) ବେହେରା ବଜାରରୁ ଘରକୁ ଫେରୁଥିବାବେଳେ ଢ଼ାବା ନିକଟରେ ବେହେରା ପଟରୁ ଆସୁଥିବା ଏକ ବ୍ରଏଲର କୁକୁଡ଼ା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ମୃତକ ଜଣକ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗାଡ଼ିର ଡ୍ରାଇଭର ଓ ହେଲ୍ପର ଦୁର୍ଘଟଣାପରେ ଫେରାର ଥିବା ଜଣାପଡ଼ିଛି। ଘଟଣାପରେ ସ୍ଥାନୀୟ ଲୋକଙ୍କ ଭିତରେ ଉତ୍ତେଜନା ଦେଖା ଦେଇଥିଲା। ରାସ୍ତା ଅବରୋଧ କରି କ୍ଷତି ପୂରଣ ଦାବିକରିଥିଲେ। ଘଟଣାସ୍ଥଳରେ କୋକସରା ପୁଲିସ ଓ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ହିଁ କ୍ଷତିପୂରଣ ଦାବି ନେଇ ଲୋକେ ଅଡ଼ି ବସିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିଲା। ରାସ୍ତା ଉପରେ ସହ ସହ ଗାଡି ଅଟକି ରହିଥିବା ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହୋଉଥିବା ଦେଖା ଦେଇଛି। ଡାକ୍ତରଖାନାକୁ ପୁଲିସ ଆସି ମୃତ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇ ଥିବା ଜଣାପଡ଼ିଛି।

୧୯ରେ ମାଣିକେଶ୍ୱରୀ ମହୋତ୍ସବ

# ସଙ୍ଗୀତର ମୂର୍ଚ୍ଛନାରେ ଝୁମିବେ କଳାହାଣ୍ଡିବାସୀ

**ଭବାନୀପାଟଣା, ୨।୧୧(ସମିସ)**



ଦୀର୍ଘ ୨୭ ବର୍ଷ ଧରି ବିଭିନ୍ନ ଘାତପ୍ରତିଘାତ ମଧ୍ୟରେ କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହିତ କଳା, କଳାକାର ଓ କଳାପ୍ରେମୀଙ୍କ ପାଇଁ ମହାମିଳନର ମଞ୍ଚ ପାଲଟିଛି ମାଣିକେଶ୍ୱରୀ ମହୋତ୍ସବ। ଯୁବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ତଥା କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ନାମରେ ନାମିତ ଏହି ମହୋତ୍ସବ ଏକ ସାଂସ୍କୃତିକ ବିପ୍ଳବର ରୂପନେବାକୁ ଯାଉଛି। କଳାହାଣ୍ଡି ଜିଲ୍ଲା ତଥା ରାଜ୍ୟସ୍ତରର ଅନେକ ବଛାବଛା କଳାକାରମାନଙ୍କୁ ନେଇ ଆୟୋଜିତ ହେଉଥିବା ମାଣିକେଶ୍ୱରୀ ମହୋତ୍ସବ ଏଥର ୨୮ତମ ବର୍ଷରେ ପହଞ୍ଚିଛି। ଚଳିତବର୍ଷ ଏହି ମହୋତ୍ସବକୁ ସରସସୁନ୍ଦର କରିବାକୁ ଆଜି ସ୍ଥାନୀୟ ହୋଟେଲ ମିଡଟାଉନ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ କୁମାର ମିଶ୍ର, ପ୍ରଦୀପ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ମୁଣ୍ଡ ମଞ୍ଚାସୀନ ଥିଲେ। ଯୁବ ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଭୂପେଶ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି କାନୁନ୍‌ଗୋ, ପ୍ରଦୀପ କୁମାର ଦାସ, ଧବଳେଶ୍ୱର ମହାପାତ୍ର, ସୁଶୀଲ କୁମାର ବାଗ, ଅମୀୟ କୁମାର ସାହୁ, ସତ୍ୟ ନାରାୟଣ ବିଶି, ପ୍ରଭାତ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳ ଆୟୋଜନ ସମ୍ପର୍କରେ ନିଜନିଜ ମତ ଓ ମନ୍ତବ୍ୟ ରଖିଥିଲେ। ସଂଗଠନ ସମ୍ପାଦକ ତ୍ରିବିକ୍ରମ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ ପରିଚାଳନା ପାଇଁ ସଭାପତି ଭାବେ ଭୂପେଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ତ୍ରିପାଠୀ, ଉପସଭାପତି ପ୍ରଦୀପ କୁମାର ସାହୁ, ରମେଶ ସିଂହ, ସାଧାରଣ ସମ୍ପାଦକ ଭାବେ ସୁପ୍ରଭା ଶତପଥୀ, ସଂଗଠନ ସମ୍ପାଦକ ତ୍ରିବିକ୍ରମ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ ରବି କାନୁନଗୋ, କାର୍ଯ୍ୟକ୍ରମ ନିଷ୍ପାଦକ କରୁଣାକର ଦାସ, ଜୟରାମ ସାହୁ ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଉପଦେଷ୍ଟା କମିଟିରେ ଡ. ଅଜୟ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଭୀମସେନ ସାହୁ, ଲକ୍ଷ୍ମୀ ନାରାୟଣ ଦାସ, ହରିଶ୍ଚନ୍ଦ୍ର ମୁଣ୍ଡ, ଧବଳେଶ୍ୱର ମହାପାତ୍ର, ସତ୍ୟନାରାୟଣ ବିଶି, ଉମାଚରଣ ପ୍ରଧାନ, ଦେବୀ କାନୁନ୍‌ଗୋ, ରଜନୀକାନ୍ତ ମୁନୀ, ସନ୍ତୋଷ ମିଶ୍ର, ମନୋଜ ପଟ୍ଟନାୟକ, ଗୋବର୍ଦ୍ଧନ ଦାସ, ଆଇନ ପରାମର୍ଶଦାତା ସତ୍ୟ ନାରାୟଣ ପଣ୍ଡା, ହେମନ୍ତ ସିଂ, ଦିବ୍ୟରଞ୍ଜନ ବହିଦାର ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଅଟୋ ଓ ବାଇକ୍ ଧକ୍କା: ଦୁଇ ଗୁରୁତର



**କେସିଙ୍ଗା, ୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅଧୀନ ଏନ୍‌ଏଚ୍ ୨୬ ଉପରେ ଥିବା କୋକୋମୁଣ୍ଡା ଗ୍ରାମ ନିକଟରେ ଶନିବାର ରାତି ପ୍ରାୟ ୭.୩୦ ମିନିଟ ସମୟରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାଫଳରେ ଅଟୋ ଚାଳକ ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ କେସିଙ୍ଗା ବ୍ଲକରେ ଆୟୋଜିତ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ କିଛି ଛାତ୍ରଛାତ୍ରୀ ନିଜ ଗ୍ରାମ ଅଧମୁଣ୍ଡା ଏକ ଅଟୋରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ଦୁଇ ଚାଳକ ଆହତ ହୋଇଥିଲେ। ଅଟୋ ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଯାଇଛି। ଉକ୍ରେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀଙ୍କ କହିବା ଅନୁଯାୟୀ ବାଇକ୍ ଚାଳକ ଭବାନୀପାଟଣାରୁ ବଲାଙ୍ଗିର ଯାଉଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ମଟର ସାଇକଲ ଚାଳକ ଭୁଲ ବାଟରେ ଆସୁଥିବାରୁ ଦୁର୍ଘଟଣା ଘଟିଛି। ପୁଲିସ ଦୁଇଟି ଗାଡ଼ିକୁ ଜବତକରି ତଦନ୍ତ ଆରମ୍ଭ କରିଛି।

# 'ମିଳୁନି ସୁଭଦ୍ରା ଟଙ୍କା' ବାରଦୁଆର ହିତାଧିକାରୀ

**କଳମପୁର, ୨।୧୧(ସମିସ):** କାହାକୁ ଥରେ ମିଳିଛି, କାହାକୁ ଦୁଇଥର ମିଳିଲାଣି। କାହାକୁ ଯେତେ ଚେଷ୍ଟା କଲେ ମଧ୍ୟ ଆଦୌ ମିଳିନାହିଁ। ଏନେଇ ହିତାଧିକାରୀ ବ୍ଲକଠାରୁ ସିଡିପିଓ ଅଫିସ ପର୍ଯ୍ୟନ୍ତ ଦୌଡ଼ିଦୌଡ଼ି ନିରାଶ ହୋଇପିଡ଼ଲେଣି। କିନ୍ତୁ କାହାଠାରୁ ସଠିକ ଉତ୍ତର ପାଇ ପାରୁନାହାଁନ୍ତି। ଶତାଧିକ ହିତାଧିକାରୀ ଏଭଳି କାରଣରୁ ବଞ୍ଚିତ ହୋଇଥିବା କୁହାଯାଉଛି। ହେଲେ ସବିଶେଷ ତଥ୍ୟ କାହାଠାରୁ ମିଳିପାରୁ ନାହିଁ, ଏନେଇ ବିଡିଓ ଏବଂ ସିଡିପିଓ ଅଫିସ ସହିତ ଯୋଗାଯୋଗ କରି ସବିଶେଷ ବିବରଣୀ ଦେବାକୁ କହିବା ପରେ ସେମାନେ ଆମ ପାଖରେ ନାହିଁ ବୋଲି କହିଛନ୍ତି।



# ସତ୍ୟସାଇ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



**କୋକସରା/ଜୟପାଟଣା, ୨।୧୧(ସମିସ):** ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁବ ସମାବେଶ ଅବସରରେ ଉଛୁଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରବିବାର ଆଇଁଲି ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରକ୍ତଦାନ ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ମହିଚଳାଠାରୁ ଉଛୁଲା ପର୍ଯ୍ୟନ୍ତ ଏକ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ଉଛୁଲା ପହଞ୍ଚିବା ପରେ ସେଠାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ଉଛୁଲା ପିଏଚସିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ବେଣୁଧର କୁମାରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଙ୍ଗଠନର ଯୁବ ସଂଯୋଜକ ସାଇ ଶିବାନ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସତ୍ୟସାଇ ସେବା ସଙ୍ଗଠନ ରାଜ୍ୟ ବଳବିକାଶ ତାଲିମ ନିର୍ବାହକ ଶିବପ୍ରସାଦ ମହାନ୍ତି, ସତ୍ୟସାଇ ସେବା ସଙ୍ଗଠନ କଳାହାଣ୍ଡି ସଦସ୍ୟ ତଥା ପୂର୍ବତନ ବିଧାୟକ ମୌଷଧୀ ବାଗ, ଜିଲ୍ଲା ଯୁବ ପରିଷଦ ସଦସ୍ୟ ସାଇ ଦେବାୟନ୍ ବେହେରା, ପଦ୍ମିନୀ ମହାନ୍ତି, ପ୍ରେମତରୁ ସଂଯୋଜକ ମହେଶ୍ୱର ରଣା, ସୁବାସ ପଣ୍ଡା, ରଞ୍ଜିତ ବେଶ୍ରା ଓ କୁଞ୍ଜ ବିହାରୀ ସାହୁ, ଫକୀର ନାରାୟଣ ସାହୁ, ବସନ୍ତ କୁମାର ମାଝୀ, କୁମଦ ଚନ୍ଦ୍ର ମାଝୀ, ଟିକେଶ୍ୱର୍ ସାହୁ, ଜୀମୁତ ବାହାନ ମାଝୀ ଓ ନୂଆଗୁଡା ସତ୍ୟସାଇ ଭଜନ କେନ୍ଦ୍ରର ସୁବ୍ରତ କୁମାର ସ୍ୱାଇଁ, କିଶୋରଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଧର୍ମେନ୍ଦ୍ର ବାଗ ପରିଚାଳନା କରିଥିବାବେଳେ ଜିଲ୍ଲା ଆଦିବାସୀ ଉନ୍ନୟନ ନିର୍ବାହକ ପ୍ରେମଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**୫୧ ୟୁନିଟ୍ ସଂଗ୍ରହ**

# ଅଶ୍ଳୀଳ ମନ୍ତବ୍ୟକୁ ବିରୋଧ କରି ଏତଲା



**ଲାଞ୍ଜିଗଡ଼, ୨।୧୧(ସମିସ):** ଜାତିଗତ ଆକ୍ଷେପକୁ ନେଇ ଅଶ୍ଳୀଳ ଭାଷାର ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲକୁ ନେଇ ଲାଞ୍ଜିଗଡ଼ବାସୀ ଓ ଲାଞ୍ଜିଗଡ଼ କ୍ଷେତ୍ରୀୟ ପାଇକ ସମାଜର ଏକ ପ୍ରତିନିଧି ଦଳ ଲାଞ୍ଜିଗଡ଼ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ ଲାଞ୍ଜିଗଡ଼ ଥାନା ଲାଞ୍ଜିଗଡ଼ ପ୍ରଧାନୀପଡ଼ାର ମହେନ୍ଦ୍ର ଦଳେଇ ନାମକ ଜଣେ ଯୁବକଙ୍କ ଗତ ୨୮ ତାରିଖରେ ମୃତ୍ୟୁ ଘଟିଥିଲା। ତାଙ୍କର ଶବ ସତ୍କାର ସମ୍ପୂର୍ଣ୍ଣ ହେବା ପରେ ଏହି ଘଟଣାକୁ ଆଧାର କରି ଲାଞ୍ଜିଗଡ଼ ମହାଦେବ ପଡ଼ାର କିଛି ଯୁବକ ଜାତିଗତ ସମାଜକୁ ଆକ୍ଷେପ କରି ଅଶ୍ଳୀଳ ଭାଷାର ସମାଜର ବ୍ୟକ୍ତି ବିଶେଷ ତଥା ସଂଗଠନ ଓ ଲାଞ୍ଜିଗଡ଼ କ୍ଷେତ୍ରୀୟ ପାଇକ ସମାଜକୁ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷାର ଗାଳିଗୁଲଜ କରିଥିବା ଭାଇରାଲ ହୋଇଥିଲା। ଏହି ଘଟଣାକୁ ଆଧାର କରି ୩୧ ତାରିଖରେ ଲାଞ୍ଜିଗଡ଼ ସଦର ମଣ୍ଡପ ଠାରେ ଲାଞ୍ଜିଗଡ଼ କ୍ଷେତୀୟ ପାଇକ ସମାଜ ଓ ଲାଞ୍ଜିଗଡ଼ବାସୀଙ୍କୁ ନେଇ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ସହମତିକ୍ରମେ ନିଷ୍ପତ୍ତି ନେଇ ଅଶ୍ଳୀଳ ଭାଷା ବ୍ୟବହାର କରିଥିବା ଲାଞ୍ଜିଗଡ଼ ମହାଦେବ ପଡ଼ାର ଯୋଗେଶ ନାଏକ, ଶିବୁ ନାଗ, ରାଜା ନାଏକ, ଅଙ୍କିତ କୁମାର, ଦିପେଶ ସୁନା, ଅରୁଣ ନାଏକ ନାମକ ଯୁବକମାନେ ଫେସବୁକ ଓ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷାରେ ଭାଇରାଲ କରିଥିବା ନକଲକୁ ନେଇ ଶତାଧିକ ଲାଞ୍ଜିଗଡ଼ବାସୀ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲାଞ୍ଜିଗଡ଼ କ୍ଷେତ୍ରୀୟ ପାଇକ ସମାଜ ସମେତ ଲାଞ୍ଜିଗଡ଼ବାସୀ ଦାବି କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ଥାନା ଏସଆଇ ଡୋଳାମଣି ବିଶିଙ୍କୁ ପଚାରିବାରୁ ଏତଲା ପାଇଛୁ ଏବଂ ଏହାର ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଛନ୍ତି।

# ସତରଞ୍ଜରେ ବବିତା ଜାତୀୟସ୍ତରକୁ ମନୋନୀତ

**ଲାଞ୍ଜିଗଡ଼, ୨।୧୧(ସମିସ):** ଖୋର୍ଦ୍ଧାସ୍ଥିତ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୯ତମ ରାଜ୍ୟ ସ୍ତରୀୟ ସତରଞ୍ଜ ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅଧୀନ ଧଅଁରାଭଟା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨ ଜଣ ଛାତ୍ରଛାତ୍ରୀ ଗୌତମ ହରିଜନ ଓ ବାଳିକ ବିଭାଗରୁ ବବିତା ଦୋରା ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ବାଳିକା ବିଭାଗ ପକ୍ଷରୁ ବବିତା ଦୋରା ପଞ୍ଚମସ୍ଥାନ ଅଧିକାର କରି ଆଗକୁ ତ୍ରିପୁରା ରାଜ୍ୟର ଅଗରତାଲାରେ ହେବାକୁ ଥିବା ଜାତୀୟସ୍ତର ପାଇଁ ମନୋନୀତ ହୋଇଛନ୍ତି। ବବିତା ଜିଲ୍ଲା ତଥା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏନେଇ ଜିଲ୍ଲା ଶିକ୍ଷା ବିଭାଗ ଓ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେରଙ୍କ ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ଶୁଭଶ୍ରୀ ସାମନ୍ତରାୟ, ଖେଳ ଶିକ୍ଷକ ଅଜୟ କୁମାର ପଲେଇ, ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବବିତା ଦୋରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।



# କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ




**କର୍ଲାମୁଣ୍ଡା, ୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରବିବାର କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଜିଲ୍ଲାର ୧୩ଟି ବ୍ଲକରୁ ୧୪ ଓ ୧୭ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ସଭାପତିତ୍ୱ କରିଥିବା ବେଳେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ହେମସାଗର ମହାନନ୍ଦ, କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା, ଲାଞ୍ଜିଗଡ଼ ଗୋଷ୍ଠୀଶିକ୍ଷାଧିକାରୀ ଋଷିଆ ମେହେର, ପ୍ରାକ୍ତନ କଳମପୁର ବିଇଓ ବିଜୟ କୁମାର ପୁରୋହିତ ଯୋଗଦେଇ କ୍ରୀଡା ମାଧ୍ୟମରେ ଶୈକ୍ଷିକ ବିକାଶର ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ଗରୁଡଧ୍ୱଜ ଗହୀର ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ରୂପସିଂ ରାଉତ ବିବରଣୀ ପଠନ କରିଥିଲେ। ରିଷିଡ଼ା ବାପୁଜୀ ହାଇସ୍କୁଲ ଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ସୂର୍ଯ୍ୟମଣି ଭୋଇ ସଭା ସଂଯୋଜନା କରିଥିବାବେଳେ ସୁଧିର ରଞ୍ଜନ ସୁନା ଓ ପ୍ରିତମ ହୋତୋ ସାଂସ୍କୃତିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ପର୍ଶୁରାମ ଓଝା, ପଙ୍କଜ ବାରିକ, ସୂର୍ଯ୍ୟମଣି ରଣା, ଆଶିଷ କୁମାର ମଲ୍ଲିକ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ସମ୍ପାଦକ ସଞ୍ଜୟ କୁମାର ଦାସ, ସିଆରସିସି ପ୍ରଶନ୍ନ କୁମାର ସାହୁ, ଯୁଗଳ ନାଗ, ବିଶିକେଶନ ସୁନା, ମିଲାପ କୁମାର, ହେମନ୍ତ ନାୟକ, ଉଜ୍ଜଳ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବୋଇତବନ୍ଦାଣ ପାଇଁ ରାସ୍ତା ସଫାକରିବାକୁ ଦାବି

**କେସିଙ୍ଗା, ୨।୧୧(ସମିସ)**



ବୁଧବାର କାର୍ତ୍ତିକ ମାସର ଶେଷ ଦିନରେ ହେଉଥିବା ବୋଇତ ବନ୍ଦାଣ ଉତ୍ସବେ ବିଭିନ୍ନ ନଦୀ ଘାଟରେ ଭଡ଼ ଲାଗିବ। ଦିନକ ପାଇଁ ନଦୀ ପୀଠରେ ପ୍ରବଳ ଭିଡ଼ ହୋଇଥାଏ। କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ପ୍ରାୟ ୯୦ ପ୍ରତିଶତ ଜନସାଧାରଣ ଉକ୍ତ ଦିନ ସ୍ଥାନୀୟ ତେଲନଦୀ ପୀଠରେ ଗାଧୋଇବା ସହିତ ପୂଜାର୍ଚ୍ଚନା କରିଥାନ୍ତି। କିନ୍ତୁ କୌଣସି ବର୍ଷ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇ ନ ଥାଏ। ଫଳରେ ଭୋର ସମୟରେ ଭକ୍ତ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଥାଆନ୍ତି। ଦୁଇ ତିନି ଦିନ ତଳେ ସେମିତି ଛଟ୍‌ପୂଜା ସମୟରେ ମଧ୍ୟ ସହରର ମହିଳା ମାନେ ତେଲନଦୀ କୂଳରେ ପୂଜା ପାଇଁ ଯାଇ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାସ୍ତା ଉପରୁ ନଦୀ ତଳକୁ ନା ଭଲ ରାସ୍ତା ଖଣ୍ଡେ ନାହିଁ। ଦିନକ ପାଇଁ ନଦୀକୂଳରେ ଭକ୍ତଙ୍କ ସୁବିଧା ପାଇଁ ଲାଇଟର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି। ତେଣୁ କାର୍ତ୍ତିକ ପୂର୍ଣ୍ଣିମାକୁ ଆଖି ଆଗରେ ରଖି ରାସ୍ତାରୁ ଓହ୍ଲାଇବା ପାଇଁ ଭଲ ରାସ୍ତା ଓ ପୂଜାପାଠ ପାଇଁ ଦିନକ ପାଇଁ ଆଲୋକର ବ୍ୟବସ୍ଥା କରିବା ପାଇଁ ସାଧାରଣ ରେ ଦାବି ହେଉଛି। କେସିଙ୍ଗା କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଓ କନିଷ୍ଠ ଯନ୍ତ୍ରୀ ନାରାୟଣ ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅଧିକାରୀ ମାନେ ଉକ୍ତ ବିଷୟକୁ ଗୁରୁତ୍ୱଦେଇ ପୂର୍ଣ୍ଣିମା ଆଗରୁ ରାସ୍ତାଘାଟ ସଫା କରିବା ସହିତ ଦରକାର ପଡ଼ିଲେ ଲାଇଟର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଥିଲେ। ଅନ୍ୟ ପଟେ ଚଳିତ ବର୍ଷ ନିକଟରେ ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁଁ ତେଲ ନଦୀ ରେ ଅଧିକ ପାଣି ଆସୁଥିବାରୁ କୌଣସି ଅଘଟଣକୁ ଏଡାଇବା ପାଇଁ ଦୁଇ ତିନି ଘଣ୍ଟା ପାଇଁ ସ୍ଥାନୀୟ ଦମକଳ ବାହୀନି ସଜାଗ ରହି ପୂର୍ଣ୍ଣିମା ଦିନ ନଦୀ କୂଳରେ ଉପସ୍ଥିତ ରହି ନିଜର ଉପସ୍ଥିତି ଜାହିର କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଦୁର୍ନୀତି ନିବାରଣ ସମସ୍ତଙ୍କ ସାମୂହିକ ଦାୟିତ୍ୱ

**ଧର୍ମଗଡ଼, ୨।୧୧(ସମିସ):** ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟରେ ବିଡିଓ ସଦାଶିବ ନାୟକଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ଆଲୋକ ମହାପାତ୍ର, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଏଏଇ ସର୍ବେଶ୍ୱର ପ୍ରଧାନ, ବିଇଓ ପଙ୍କଜିନୀ ମାଝୀ, ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ପ୍ରଣବ ପ୍ରକାଶ ଭଇଁସାଲ, ସରପଞ୍ଚ ସଙ୍ଘ ସଭାପତି ହାତୀରମ ଦୁର୍ଗା, ସମେତ ସମସ୍ତ ପିଆରଆଇ ମେମ୍ବର ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ନୀତି ର ବିରୁଦ୍ଧା ଚରଣ କରିବା, ବିଧି ବ୍ୟବସ୍ଥା ରେ ବାହାରେ କରାଯାଉଥିବା କାର୍ଯ୍ୟ ହେଉଛି ଦୁର୍ନୀତି ବୋଲି କହିବା ସହିତ କିପରି ଦୁର୍ନୀତି ନିବାରଣ କରାଯାଇ ପାରିବ ସେହି ବିଷୟରେ ଅତିଥି ମାନେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମହାନନ୍ଦ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ କୁ ଅଫିସ ମଧ୍ୟରେ ସୀମିତ ନ ରଖି ଗ୍ରାମାଞ୍ଚଳମାନଙ୍କୁ ଯାଇ ସଚେତନ କଲେ ଆମ ବ୍ଲକ ରାଜ୍ୟରେ ପ୍ରଥମ ଦୁର୍ନୀତି ମୁକ୍ତ ବ୍ଲକ ହୋଇ ପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜିପିଡିଓ ଦେବୀ ପ୍ରସାଦ ମେହେର ପରିଚାଳନା କରିଥିବା ବେଳେ ଛାଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।



### ୨୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟ ଲକ୍ଷ୍ୟ

# ନବୀନଙ୍କ ଗସ୍ତ ପାଇଁ କୋମନା ଅଞ୍ଚଳରେ ପ୍ରବଳ ଉତ୍ସାହ





**ନୂଆପଡ଼ା, ୨।୧୧(ସମିସ)**



ନୂଆପଡ଼ା ବିଧାନସଭା ଉପନିର୍ବାଚନର ତିଥି ଯେତିକି ପାଖେଇ ଆସୁଛି ଜିଲ୍ଲାରେ ରାଜ୍ୟ ତଥା ରାଜ୍ୟବାହାରୁ ବହୁ ପ୍ରଭାବଶାଳୀ ନେତା ଅଭିନେତା ଆସି ଡେରା ପକାଇଛନ୍ତି। ତଥାପି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ଟିକିଏ ନିଆରା ଏବଂ ଗୁରୁତ୍ୱ ବହନ କରିବ। ଏହି ମର୍ମରେ ନବୀନ ପଟ୍ଟନାୟକ ସୋମବାର ନୂଆପଡ଼ା ଗସ୍ତରେ ଆସୁଛନ୍ତି। ଜିଲ୍ଲାର ତରବୋଡସ୍ଥିତ ଏକ ଖେଳପଡ଼ିଆରେ ଅବତରଣ କରି ବିଶାଳ ଜନସଭାକୁ ଉଦ୍‌ବୋଧନ କରି ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିବେବୋଲି ସୂଚନା ମିଳିଛି। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଯାଇଛି। ସୂଚନା ଅନୁଯାୟୀ ସୋମବାର ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି କାର୍ଯ୍ୟକ୍ରମସ୍ଥଳୀରେ ଅବତରଣ କରିବେ। ଏନେଇ ନୂଆପଡ଼ା ଏସ୍‌ପି ଅମ୍ରିତପାଲ ସିଂ ରବିବାର ସନ୍ଧ୍ୟାରେ କାର୍ଯ୍ୟକ୍ରମସ୍ଥଳକୁ ପରିଦର୍ଶନ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ଦେଖିବାକୁ ଲୋକେ ଉତ୍ସାହର ସହ ଜଗି ରହିଛନ୍ତି। ଜିଲ୍ଲାର ପ୍ରଗତି ସକାଶେ ସବୁକିଛି କରିଯାଇଛନ୍ତି। ସେ ତାଙ୍କ ବାପା ବିଜୁ ବାବୁଙ୍କ ଭଳି ଜଣେ ନିର୍ବିବାଦୀୟ ପୁରୁଷ। ସେ ଜିଲ୍ଲାର ପ୍ରଗତି ପାଇଁ ଏକ ମାଇଲ ଖୁଣ୍ଟ। ନିହାତି ଭାବେ ତାଙ୍କର ଗସ୍ତ ପରେ ନିର୍ବାଚନରେ ବିଜେଡିକୁ ସମର୍ଥନ ବଢ଼ିଯିବ। ଏହି ନିର୍ବାଚନରେ ଆମେ ୨୦ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହେବୁବୋଲି ପୂର୍ବତନ ଜିଲ୍ଲା ସଭାପତି ତଥା ବର୍ତ୍ତମାନର ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମିଶ୍ର କହିଛନ୍ତି। ଅନ୍ୟପଟେ ଦଳ ତରଫରୁ ସମସ୍ତ ହାଇ ପ୍ରୋଫାଇଲ ନେତାମାନେ ମଧ୍ୟ କାର୍ଯ୍ୟକ୍ରମସ୍ଥଳକୁ ଯାଇ ତଦାରଖ କରୁଛନ୍ତି। ବିଜେଡିର ଗଡ଼ ନୂଆପଡ଼ା। ଏଠିକାର ପ୍ରଗତି ପୁରୁଷ ସ୍ୱର୍ଗୀୟ ରାଜେନ୍ଦ୍ର ଢୋଲକିଆ ନବୀନ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁସରଣ କରି କାମ କରୁଥିଲେ। ଆଜି ବି ତାଙ୍କ ଉପରେ ସମସ୍ତେ ଭରସା କରିଛନ୍ତି। ନବୀନ ପଟ୍ଟନାୟକଙ୍କ ଆସିବା ବାଟକୁ ଜଗି ରହୁଛନ୍ତି। ପ୍ରବଳ ଉତ୍ସାହ ରହିଛି ବୋଲି କହିଛନ୍ତି ବରିଷ୍ଠ କାର୍ଯ୍ୟକର୍ତ୍ତା ମୂରଲୀଧର ପାଢ଼ୀ।

## ସୁନାଦେଈଙ୍କ ଦର୍ଶନ କରି ପ୍ରଚାର କଲେ ସ୍ନେହାଙ୍ଗିନୀ

**କୋମନା, ୨।୧୧(ସମିସ):** ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ପରିମାଣରେ ରାଜନୀତି ତାତି ବଢ଼ିବାରେ ଲାଗିଛି। ବିଭିନ୍ନ ଢଙ୍ଗରେ ପ୍ରାର୍ଥୀମାନେ ଭୋଟପ୍ରଚାର କରୁଥିବାବେଳେ ସୁନାବେଡ଼ା ଅଭୟାରଣ୍ୟରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନିର୍ବାଚନ ପ୍ରଚାର କରିଛନ୍ତି। ସେ ମା' ସୁନାଦେଈଙ୍କ ଦର୍ଶନକରି ଆଦିମ ଜନଜାତିଙ୍କ ଗହଣରେ ପ୍ରଚାର କରି ସେମାନଙ୍କ ଆଶୀର୍ବାଦ ନେଇଛନ୍ତି। ବିଜେଡି ସରକାର ସମୟରେ ନବୀନ ସରକାରଙ୍କ ତରଫରୁ ସୁନାବେଡା ଅଭୟାରଣ୍ୟରେ ବସବାସ କରୁଥିବାଲୋକଙ୍କ ଗମନାଗମନ ସୁବିଧା, ସୁନାଦେଈ ମନ୍ଦିର ନିର୍ମାଣ, ବିଦ୍ୟୁତ ଯୋଗାଣ, ପାନୀୟଜଳ ଭଳି ଅନେକ ସୁବ୍ୟବସ୍ଥାକୁ ଭୁଲି ନ ଥିବା କହିଥିଲେ। ଆଗାମୀ ଦିନରେ ସୁନାବେଡ଼ାକୁ ରାସ୍ତା, ଶୁଦ୍ଧପାନୀୟ ଜଳ, ଓସାରିଆ ସଡ଼କ ନିର୍ମାଣ ସ୍ୱାସ୍ଥ୍ୟ ଶିକ୍ଷା ବ୍ୟବସ୍ଥା ପାଇଁ ଅଭୟାରଣ୍ୟବାସୀ ଦାବି କରିଛନ୍ତି। ସେହିପରି ନିର୍ବାଚନ ପ୍ରଚାରବେଳେ ଆଦିମ ଜନଜାତି ଚାକୋଟିଆ ଭୂଞ୍ଜିଆ



ମହିଳାମାନେ ଉତ୍ସାହ ସହଯୋଗ ଦେଇଥିଲେ। ନବୀନ ସରକାରବେଳେ ସୁନାବେଡ଼ାର ବିକାଶ ହୋଇଛି। ନବୀନଙ୍କୁ ଭଲ ପାଇବା, ସମର୍ଥନ ଦେବା, ବିଜେଡିକୁ ଭୋଟ ଦେବା ସୁନିଶ୍ଚିତ ବୋଲି ଭୋଟରମାନେ ମତବ୍ୟକ୍ତ କରିଥିଲେ।

## ବିଏସ୍‌କେୱାଇ, ଏସ୍‌ଏଚ୍‌ଜି ଓ ମିଶନଶକ୍ତି ପୁନଃ ଚାଲୁ କରିବ ବିଜେଡି

**ନୂଆଁପଡ଼ା, ୨।୧୧(ସମିସ):** ଆଜି ସାଲିହାରେ ନିର୍ବାଚନୀ ସଭା ହୋଇଥିଲା। ଏଥିରେ ଯୋଗଦେଇଥିବା ବିଜେଡି ନେତାମାନେ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗରିବ, କୃଷକ, ନାରୀ ଓ ଆଦିବାସୀଙ୍କ ବିକାଶ ସଦା ଶାସନର ପ୍ରଥମ ଲକ୍ଷ୍ୟ ରହିଆସିଛି। ବିଜେଡି ଶାସନକୁ ଆସିଲେ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ସ୍ମାର୍ଟକାର୍ଡ ପୁନଃ କାର୍ଯ୍ୟକାରୀ ହେବାସହ ଲକ୍ଷାଧିକ ପରିବାର ପୁଣିଥରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପାଇବେ। ସାଂସଦ (ରାଜ୍ୟସଭା) ନିରଞ୍ଜନ ବିଶି ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଥିଲେ ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକାର୍ଡ ଥିଲା ଗରିବ ଓ ଅବହେଳିତ ପରିବାରଙ୍କ ପାଇଁ ଜୀବନ ରେଖା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଏସ୍‌କେୱାଇ କାର୍ଡ ପୁନଃ ଆରମ୍ଭ କରିବାର ସିଦ୍ଧାନ୍ତ, ତାଙ୍କ ସ୍ୱଚ୍ଛ ଏବଂ ଜନମୁଖୀ ଶାସନର ଜ୍ୱଳନ୍ତ ଉଦାହରଣ। ସଭାରେ ମିଶନଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ସଶକ୍ତିକରଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଏସ୍‌ଏଚ୍‌ଜି ଗୋଷ୍ଠୀକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନାସୁଧରେ ଋଣ ସହାୟତା ଦେବା ସହିତ ମହିଳା ଉଦ୍ୟମୀ ଏବଂ ଆର୍ଥିକଭାବେ ସ୍ୱାଧୀନ କରାଯାଇଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସଭାରେ ବିଧାୟକ ଅରୁଣ କୁମାର ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ସ୍ମୃତି ଲତିକା ପ୍ରଧାନ, ଭାନୁ ପ୍ରତାପ ସିଂହ ମାଝୀ, ତେଜରାଜ ଶବର, ନୀଳକୁମାରୀ ନାୟକ ମଧ୍ୟ ଉପସ୍ଥିତ ଥିଲେ। ନେତାମାନେ ଲୋକମାନଙ୍କୁ ଭୋଟଭିକ୍ଷା କରି କହିଲେ ଯେ, ବିଜେଡିକୁ ବିଶ୍ୱାସ ସହିତ ସମର୍ଥନ ଦିଅନ୍ତୁ ଏବଂ ଆସନ୍ତା ନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୟୀ କରନ୍ତୁ, ଯାହା ଗରିବ ଓ ସାଧାରଣଲୋକଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ମଜଭୁତ କରିବ। ଡିରେସ ରାମ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

### ନୂଆପଡ଼ା ବ୍ଲକ୍ ଓ ଏନ୍‌ଏସିରେ ବିଜେଡିର ଘମାଘୋଟ ପ୍ରଚାର

# ଆମେ ମିଳିମିଶି ନୂଆପଡ଼ାକୁ ଆଗକୁ ନେବା: ସ୍ନେହାଙ୍ଗିନୀ





**ନୂଆପଡ଼ା, ୨।୧୧(ସମିସ):** ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ରବିବାର ଦିନ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ନୂଆପଡ଼ା ଜିଲ୍ଲାପରିଷଦ ଜୋନ୍-୯ ଅଧୀନ ବିଭିନ୍ନ ପଞ୍ଚାୟତ ଓ ନୂଆପଡ଼ା ଏନ୍‌ଏସିରେ ଜୋରଦାର ପ୍ରଚାର କରି ଜନତାଙ୍କ ସମର୍ଥନ ମାଗିଛନ୍ତି। ନୂଆପଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନା ଓ ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଜନସଭା ଜରିଆରେ ଲୋକଙ୍କୁ ଭେଟି ସେମାନଙ୍କ ସହ ସୁଖଦୁଃଖ ବାଣ୍ଟିଥିଲେ। ଏହି ଅବସରରେ ଅନେକ ମହିଳା, କୃଷକ ଏବଂ ଆଦିବାସୀ ନିଜ ସମସ୍ୟା ସମ୍ପର୍କରେ ଶ୍ରୀମତୀ ଛୁରିଆଙ୍କୁ ଅବଗତ କରିଥିଲେ। ରବିବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀଙ୍କୁ ନେଇ ଶ୍ରୀମତୀ ଛୁରିଆ ୯ ନଂ ଜିଲ୍ଲାପରିଷଦ ଜୋନ୍‌ର ଚୁଲଭାଟ, ମୁଟା ନୂଆପଡ଼ା, କେରମେଲି ଓ ତାନୱାଟ ପଞ୍ଚାୟତରେ ମାରାଥନ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହା ପରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଅନ୍ୟ ନେତୃବୃନ୍ଦଙ୍କ ସହ ଶ୍ରୀମତୀ ଛୁରିଆ ନୂଆପଡ଼ା ଏନଏସିର ୱାର୍ଡ ନଂ ୧୩, ୧୪, ୮, ୭, ୩, ୪, ୯, ୫ରେ ଜୋରଦାର ପ୍ରଚାର କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଧାୟକ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ସାରଦା ନାୟକ, ବିଧାୟିକା ମନୋରମା ମହାନ୍ତି, ଦୀପାଳି ଦାସ ଓ ସଞ୍ଜିତ ମହାନ୍ତି ବିଜେଡି ପାଇଁ ଭୋଟ ନିବେଦନ କରିଥିଲେ। ବିଜେଡି ପ୍ରାର୍ଥିନୀଙ୍କୁ ବିଭିନ୍ନ ସ୍ଥାନରେ ଲୋକେ ପାରମ୍ପରିକ ରୀତିନୀତିରେ ସ୍ୱାଗତ ଜଣାଇଥିଲେ। ତେବେ ସବୁସ୍ଥାନରେ ଲୋକେ ନବୀନ ବାବୁଙ୍କ ସୁଶାସନକୁ ସ୍ମରଣ କରି ପୁନର୍ବାର ବିଜେଡି ସପକ୍ଷରେ ନିଜର ସମର୍ପଣ ଭାବ ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀମତୀ ଛୁରିଆ କହିଥିଲେ, ନୂଆପଡ଼ାବାସୀ ବିଜୁ ଜନତା ଦଳକୁ ଅତୀତରେ ଆଶୀର୍ବାଦ ଦେଇଛନ୍ତି। ପ୍ରତିବଦଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆପଡ଼ାର ବିକାଶ ପାଇଁ ହାତ ଖୋଲି ଦେଇଥିଲେ। ମହିଳା ସଶକ୍ତିକରଣ ପାଇଁ ହେଉ ଅବା ଏଠାକାର ରାସ୍ତାଘାଟର ଉନ୍ନତି, ସବୁଠି ବିଜେଡି ସରକାରଙ୍କ ସ୍ୱାକ୍ଷର ରହିଛି। ଗତ ଦେଢ଼ ବର୍ଷ ହେଲା ବିକାଶ ଯେପରି ଅଟକି ଯାଇଛି, ଗାଁକୁ ଟଙ୍କା ଆସୁନି, ପ୍ରକଳ୍ପ ଶେଷ ହେଉନି। ମହିଳା ଏସ୍‌ଏଚ୍‌ଜିର ସଦସ୍ୟାମାନେ ଆଜି ନିଜକୁ ବେସାହାରା ମନେ କରୁଛନ୍ତି। କିନ୍ତୁ ବିଧାନସଭାରେ ନୂଆପଡ଼ାର ଅଧିକାର ପାଇଁ ବିଜେଡି ସ୍ୱର ଉଠାଇବ। ଆପଣମାନେ ପୁନର୍ବାର ବିଜେଡିକୁ ଭୋଟ ଦିଅନ୍ତୁ ବୋଲି ଶ୍ରୀମତୀ ଛୁରିଆ ଜନତାଙ୍କୁ ନିବେଦନ କରିଥିଲେ।

## ଭୋଟ ଭିକ୍ଷାକଲା ଛାତ୍ର ଓ ଯୁବ ବିଜେଡି




**ଭୁବନେଶ୍ୱର, ୨।୧୧ (ସମିସ):** ନୂଆପଡ଼ାରେ ଆଜି ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ବିଶାଳ ପଥପ୍ରାନ୍ତ ସଭାରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ନିର୍ବାଚନର ପ୍ରଚାର କରାଯାଇଛି। ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସୀତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜନସଭାରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟସଭା ସାଂସଦ ମୁନା ଖାନ୍, ବିଧାୟକ ଗୌତମବୁଦ୍ଧ ଦାସ, ଆୟୁବ ଖାନ, ରାଜେଶ ନିଗମ, ସୁବ୍ରତ ସିଂ, ଅମିତ ସିଂଦେଓ ପ୍ରମୁଖ ଯୋଗଦେଇ ବିଜେଡିକୁ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ।

## ନବୀନ ସରକାରଙ୍କ ଶାସନକୁ ମନେ ପକାଉଛି ନୂଆପଡ଼ା ମାଟି

**ସିନାପାଲି, ୨।୧୧(ସମିସ):** ନା ଅଛି ଗର୍ବ ନା ଅହଙ୍କାର। ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇକି ବି ସାଧାରଣ ମଣିଷ ପରି। ଏଭଳି ଜଣେ ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ ତଥା ବିକଶିତ ଓଡ଼ିଶା ଗଠନର ବିନ୍ଧାଣୀ ତଥା ରାଷ୍ଟ୍ରନାୟକ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ହୋଇଥିବା ଅନେକ ଜନମଙ୍ଗଳକାରୀ ଯୋଜନାକୁ ନେଇ ସାରା ଓଡ଼ିଶା ଗର୍ବ ଅନୁଭବ କରୁଥିବାବେଳେ ଏଥିରୁ ବାଦ ପଡ଼ିନାହିଁ ନୂଆପଡ଼ା ଜିଲ୍ଲା। ୨୦୦୦ ମସିହାରୁ ଓଡ଼ିଶାକୁ ଏକ ବିକଳ ଓ ଦୟନୀୟ ଅବସ୍ଥାରୁ ଉଦ୍ଧାର କରି ୨୦୨୪ ବେଳକୁ ଏକ ବିକଶିତ ଓଡ଼ିଶା ଭେଟି ଦେଇଥିବା ଏହି ଜନନାୟକଙ୍କ ସରକାରକୁ ସବୁବେଳେ ମନେ ରଖିବ ଏହି ମାଟି। ନୂଆପଡ଼ା ଅଞ୍ଚଳରେ ବିଜୁ ସେତୁ, ଫୋର୍‌ଲାଇନ ରାସ୍ତା, ସ୍କୁଲ ରୂପାନ୍ତରୀକରଣ, ପର୍ଯ୍ୟଟନସ୍ଥଳୀର ବିକାଶ, ମହିଳା ସଶକ୍ତିକରଣ, ଜଳସେଚନ, ଉପାନ୍ତ ରାସ୍ତା ସଂଯୋଗୀକରଣ, ମୋ ସ୍କୁଲ ଅଭିଯାନ, ଅପହଞ୍ଚ ଇଲାକାରେ 'ମୋ ବସ୍' ସେବା ସାଙ୍ଗକୁ ଅନେକ ମହତକାର୍ଯ୍ୟ ତାଙ୍କ ନେତୃତ୍ୱାଧୀନ ସରକାର ଅମଳରେ ହୋଇଛି। ଯାହା ସବୁଦିନ ପାଇଁ ଅଞ୍ଚଳର ଜନମାନସରେ ସର୍ବବିଦିତ ହୋଇ ରହିବ। ହୁଏତ ଆଜି ବିଜେଡି ସରକାରରେ ନାହିଁ ତଥାପି ମନେ ରହିବ ତାଙ୍କର ଗରିବ କଲ୍ୟାଣ ଓ ଜନହିତକର ଯୋଜନା। ଯାହାଙ୍କୁ ଆଜି ଝୁରୁଛି ନୂଆପଡ଼ା ମାଟି।

### ସେମାନେ ଯାହା କୁହନ୍ତି...

ନବୀନ ସରକାରଙ୍କ ଅମଳରେ ଅନେକ ଜନ ହିତକର ଓ ଜନ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରଯାଇଛି। ଯାହା ଅନ୍ୟ ସରକାର କରିପାରିବେ ନାହିଁ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାର ରାସ୍ତା ଦେଖାଇଛି। ଆଜି ଆମେ ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିଛୁ। ମହିଳା ମାନଙ୍କ ପାଇଁ ମିଶନ ଶକ୍ତି, କାଫେ, ମିଶନ ଶକ୍ତି ବଜାର ସମେତ ଅନେକ ଯୋଜନା କରିଛନ୍ତି। ଯାହା ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ।

**ଦୀପ୍ତିମୟୀ ନାୟକ, ପୂର୍ବତନ ସମିତି ସଭ୍ୟ**

ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି। ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମସ୍ତ ଜନ କଲ୍ୟାଣ ଯୋଜନା ସଫଳ ଜଳଜଳ ହୋଇ ଦିଶୁଛି। ଦିନ ଥିଲା ଯେଉଁଠି ଚାଲିବା ରାସ୍ତା ନ ଥିଲା ସେଇଠି ଏବେ ଚକ୍ ଚକ୍ ହୋଇଛି ରାସ୍ତା। ଉପାନ୍ତ ଅଞ୍ଚଳରେ ଗାଁ ଗହଳି ଠାରୁ ସବୁଠି ବିକାଶ ହୋଇଛି। ଏଭଳି ଜନନାୟକ ଆଉ ମିଳିବା ଅସମ୍ଭବ। ଆମ ସମସ୍ତଙ୍କ ପାଇଁ ଦେବତୁଲ୍ୟ ନବୀନ ପଟ୍ଟନାୟକ।

**ପୁଷ୍ପାଞ୍ଜଳି ଗୁଆଲ, କରଣବାହାଲି**

## ନୂଆପଡ଼ାରୁ ଖରିଆରରୋଡ କଂଗ୍ରେସର ଶୋଭାଯାତ୍ରା

**ନୂଆପଡ଼ା, ୨।୧୧ (ସମିସ):** ଆଜି ନୂଆପଡ଼ାରୁ ଖରିଆରରୋଡ଼ ସହର ପର୍ଯ୍ୟନ୍ତ କଂଗ୍ରେସର ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ନୂଆପଡ଼ା ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ମହେଶ ନିଆଲ ଓ ରାଉରକେଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ୫ଶହରୁ ଊର୍ଦ୍ଧ୍ୱ ବାଇକ ସାମିଲ ହୋଇ କଂଗ୍ରେସର ପ୍ରଚାର କରିଥିଲେ। ଏହି ଶୋଭାଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ପ୍ରଦେଶ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ, କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡ଼ାମ, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ରାଜ୍ୟ ମହିଳା ସମ୍ପାଦିକା ଶ୍ରୀୟାସ୍ମିତା ପଣ୍ଡା, ଷ୍ଟାର ପ୍ରଚାରକ ସୁନିତା ବିଶ୍ୱାଳ ଓ ଅନିତା ବିଶ୍ୱାଳ, ଧର୍ମଗଡ଼ ପୂର୍ବତନ ବିଧାୟକ ଭରତଭୂଷଣ ବେମାଲ, କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣ ସଗରିଆ, ଯୁବ କଂଗ୍ରେସ ରାଜ୍ୟସ ସମ୍ପାଦକ ହରିଷ ରାଉତ, ଜିଲ୍ଲା କଂଗ୍ରେସ ମେଡିଆ ସଂଯୋଜକ ସୁଧୀର ମିଶ୍ର ପ୍ରମୁଖ ସାମିଲ ଥିଲେ।



## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର



**ନୂଆପଡ଼ା, ୨।୧୧ (ସମିସ):** ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ନୂଆପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳ ୱାର୍ଡ ନମ୍ବର-୨ ସ୍ଥିତ ଗଡ଼ତୋର ଠାରେ ବରିଷ୍ଠ ନେତୃତ୍ୱଙ୍କ ସହ ମିଶି ଦଳୀୟ ପ୍ରାର୍ଥୀ ଶ୍ରୀ ଜୟଢୋଲକିଆଙ୍କ ସପକ୍ଷରେ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସହ ଅନ୍ୟାନ୍ୟ ସ୍ଥାନୀୟ ବିଜେପି ନେତୃବୃନ୍ଦ ଯୋଗଦେଇଥିଲେ।

# ବିଜେଡିକୁ ସମର୍ଥନ ଜଣାଇଲେ ଭୁଞ୍ଜିଆ ସମ୍ପ୍ରଦାୟ





**ନୂଆପଡ଼ା, ୨।୧୧ (ସମିସ)**

ବିଜେଡି ଶାସନରେ ଆଦିବାସୀମାନଙ୍କ ଉନ୍ନତି ବାସ୍ତବ ରୂପ ନେଇଥିଲା। ଯୁଗଯୁଗ ଧରି ଉପେକ୍ଷିତ ଥିବା ଜନଜାତିମାନଙ୍କୁ ସେମାନଙ୍କ ଅଧିକାର ମିଳିଥିଲା। ଏହାକୁ ଛୁକଟିଆ ଭୁଞ୍ଜିଆ ଓ ଭୁଞ୍ଜିଆ ଜାତିର ଲୋକେ କେବେ ଭୁଲିବେ ନାହିଁ। ନୂଆପଡ଼ା ବ୍ଲକରେ ସେଠଜମ୍ପାନି ପଞ୍ଚାୟତରେ ଆୟୋଜିତ ଜନସଭାରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଏହି ଆଶ୍ୱାସନାର ସହ ସ୍ୱାଗତ ଜଣାଇଥିଲେ ଛୁକଟିଆ ଭୁଞ୍ଜିଆ ଓ ଭୁଞ୍ଜିଆ ସମ୍ପ୍ରଦାୟ। ଏହି ସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ ବର୍ଷରେ ଆଦିବାସୀମାନଙ୍କ ଐତିହାସିକ ପ୍ରଗତି ହୋଇଛି। ଶିକ୍ଷା, ଜୀବିକା, ସଂସ୍କୃତି ଓ ଶାସନ ବ୍ୟବସ୍ଥା ପାଇଁ ଓଡ଼ିଶା ଦେଶର ଏକ ମଡେଲ ରାଜ୍ୟ ହୋଇପାରିଛି।

୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ୨, ୫୦୦ରୁ ଅଧିକ ଆଦିବାସୀ ବିଦ୍ୟାଳୟରେ ପିଲାମାନଙ୍କୁ ଆଧୁନିକ ଶିକ୍ଷା ମିଳୁଛି। ସେହିପରି ଲାଭ ଯୋଜନା ଅଧୀନରେ ପ୍ରାୟ ଏକ କୋଟି ଆଦିବାସୀ ମହିଳା ଲାଭାନ୍ୱିତ ହେଉଛନ୍ତି। ଜନଜାତି ଭାଷା ଆୟୋଗଙ୍କ ଦ୍ୱାରା ୨୧ ଆଦିବାସୀ ଭାଷାର ସୁରକ୍ଷା ଓ ପ୍ରଚାର ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ୨୩ ଜିଲ୍ଲା ଯାଏଁ ସମ୍ପ୍ରସାରିତ କରିବା ପାଇଁ ନବୀନ ବାବୁଙ୍କ ଉଦ୍ୟମ ବିଜେଡିର ଆଦିବାସୀଙ୍କ ପ୍ରତି ଉତ୍ସର୍ଗୀକୃତ ଭାବନାର ଉଦାହରଣ। ବକ୍ତାମାନେ ଆହୁରି କହିଥିଲେ ଯେ ମିଶନ୍ ସୁବିଧା, ମିଶନ ଜୀବିକା ଏବଂ ଓପିଇଏଲଆଇପି ପରି ଯୋଜନା ଦ୍ୱାରା ଆଦିବାସୀ ଯୁବ, ଛାତ୍ର ଓ କୃଷକମାନଙ୍କୁ ସଶକ୍ତ କରାଯାଇଛି। ଓଡ଼ିଶାର ଆଦିବାସୀ ଉନ୍ନତି ଯାତ୍ରା, ସଂସ୍କୃତିକ ଗୌରବ, ଆର୍ଥିକ ସଶକ୍ତିକରଣ ଓ ସାମାଜିକ ନ୍ୟାୟ ଆଧାରିତ ଶାସନ ବ୍ୟବସ୍ଥା ନବୀନ ବାବୁଙ୍କର ସବୁଠାରୁ ବଡ଼ ଅବଦାନ ବୋଲି ନେତାମାନେ ଉଲ୍ଲେଖ କରିଥିଲେ। ଏହି ସଭାରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ସାଂସଦ ମୁନ୍ନା ଖାନ, ସାଂସଦ ନିରଞ୍ଜନ ବିଶି, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ଭାନୁ ପ୍ରତାପ ସିଂହ ମାଝୀ, ଡ. ଲେଖାଶ୍ରୀ ସମନ୍ତସିଂହର, ତେଜରାଜ ସବର ଓ ରୂପ ସିଂହ ଭୁଞ୍ଜିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦୂର ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୯୪୮ - ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ମିଳିତ ଜାତିସଂଘରେ ତାଙ୍କ ପ୍ରଥମ ଅଭିଭାଷଣ ରଖିଲେ।
- ୧୯୫୭ - ସୋଭିଏତ୍ ସଂଘ 'ଲାଇକା' ନାମକ କୁକୁରକୁ ମହାକାଶକୁ ପଠାଇଲା।
- ୧୯୫୮ - ପ୍ୟାରିସ୍‌ରେ ୟୁନେସ୍କୋ ଭବନର ଉଦ୍‌ଘାଟନ କରାଗଲା।
- ୨୦୦୪ - ଜର୍ଜ ଡବ୍ଲୁ ବୁଶ୍ ଆମେରିକାର ରାଷ୍ଟ୍ରପତି ହେଲେ।

# ୧୮ ବର୍ଷ ପରେ ଏକାଠି ଗୋବିନ୍ଦା-ସଲମାନ



ନବେ ଦଶକର ସୁପରଷ୍ଟାର୍ ଗୋବିନ୍ଦା ତାଙ୍କର ଆଗାମୀ ଫିଲ୍ମକୁ ନେଇ ଚର୍ଚ୍ଚାରେ। ସେ ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ନଜର ଆସିବେ। ଏଥିରେ ସେ ନିଶ ରଖିଥିବାର ଦେଖାଯିବେ। ହିରୋ ନମ୍ବର ୱାନ୍‌ଙ୍କର ନିଶ ରଖିଥିବା ଏହି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ନିକଟରେ 'ବିଗ୍‌ବସ୍ ୧୯' ଶୋ'କୁ ଗୋବିନ୍ଦାଙ୍କ ପତ୍ନୀ ସୁନୀତା ଆହୁଜା ଆସିଥିଲେ। ଶୋ'ରେ ସଲମାନ୍ ଗୋବିନ୍ଦାଙ୍କ ସହ କାମ କରୁଛନ୍ତି ବୋଲି ଇଶାରା ଦେଇଥିଲେ। ଗୋବିନ୍ଦା ଏହି ଫିଲ୍ମର ସୁଟିଂ ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଏଠାରେ ପ୍ରକାଶ ଥାଉ କି, ସଲମାନ୍ ଓ ଗୋବିନ୍ଦା ଏକାଠି ଶେଷଥର ପାଇଁ ୨୦୦୭ ମସିହାରେ 'ପାର୍ଟନର' ସିନେମାରେ ଦେଖାଯାଇଥିଲେ। ଏହି ଦୁହିଁଙ୍କ ଯୋଡ଼ି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ସିନେମାଟି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ଏବେ ପୁଣି ଥରେ ୧୮ ବର୍ଷ ପରେ ସଲମାନ ଏବଂ ଗୋବିନ୍ଦାଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିବ। 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ଚିତ୍ରାଙ୍ଗଦା ସିଂହ, ଅଙ୍କୁର ଭାଟିଆ, ଅଭିଲାଷ ଚୌଧୁରୀ, ବିପିନ ଭରଦ୍ୱାଜ ପ୍ରମୁଖ ଦେଖାଯିବେ। ଅପୂର୍ବା ଲାଖିଆ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

# 'ସିଙ୍ଗାପୁର' ନାମକରଣରେ କୃତଜ୍ଞତା ଜ୍ଞାପନ



ପାଲେଷ୍ଟାଇନର ଜଣେ ଦମ୍ପତି ନିଜ ପିଲାର ନାମକରଣକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସମ୍ପୃକ୍ତ ଦମ୍ପତି ନିଜ ପିଲାର ନାଁ 'ସିଙ୍ଗାପୁର' ରଖିଛନ୍ତି। ତେବେ ଏଭଳି ନିଆରା ନାମକରଣ ପଛରେ କାରଣ ଥିବା ସେମାନେ କହିଛନ୍ତି। ହମଦାନ ହଦାଦ ଏବଂ ତାଙ୍କ ସ୍ତ୍ରୀଙ୍କୁ ଯୁଦ୍ଧ ସମୟରେ ସିଙ୍ଗାପୁରର ଏକ ଚ୍ୟାରିଟି ଲଗାତାର ଖାଦ୍ୟ ଯୋଗାଇ ଆସୁଥିଲା, ତାକୁ କୃତଜ୍ଞତା ଜଣାଇବା ପାଇଁ ସେମାନେ ନିଜ ପିଲାର ନାମକରଣ ଏଭଳି କରିଛନ୍ତି। ତେବେ ପିଲାଟିର ଜନ୍ମ ଅକ୍ଟୋବର ୧୬ରେ ହୋଇଛି। ପାଲେଷ୍ଟାଇନ୍‌ରେ 'ସିଙ୍ଗାପୁର' ନାଁରେ ଏହା ପ୍ରଥମ ଶିଶୁ। ହମଦାନ 'ଲଭ ଆଣ୍ଡ ସିଙ୍ଗାପୁର' ଦ୍ୱାରା ପରିଚାଳିତ ଏକ ସୁପ୍ କିଚେନରେ ରୋଷେୟା ଭାବେ କାମ କରନ୍ତି। ଏହା ଦୁଇବର୍ଷ ହେବ ଗାଜାରେ ରନ୍ଧା ଖାଦ୍ୟ ପ୍ରଦାନ କରି ଆସୁଛି। ହମଦାନ କହନ୍ତି, ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ବେଳେ ସେ 'ଲଭ୍ ଆଣ୍ଡ ସିଙ୍ଗାପୁର' ଖାଦ୍ୟ ଖାଇ ଆସୁଥିଲେ। ଯୁଦ୍ଧ ଭଳି ପରିସ୍ଥିତିରେ ଏହା ଖାଦ୍ୟ ପ୍ରଦାନ କରିଥିବାରୁ ସେ ତାଙ୍କ ପିଲାର ନାଁ ସିଙ୍ଗାପୁର ରଖିବାର ନିଷ୍ପତ୍ତି ନେଲେ। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ 'ଲଭ୍ ଆଣ୍ଡ ସିଙ୍ଗାପୁର' ପକ୍ଷରୁ ପିଲାଟିର ଜନ୍ମ ପ୍ରମାଣପତ୍ରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି। ଏନେଇ ଚ୍ୟାରିଟି ପକ୍ଷରୁ କୁହାଯାଇଛି, ଏହି ଘଟଣା ତା'ର ସ୍ୱେଚ୍ଛାସେବକ ଏବଂ ଯୁଦ୍ଧ ଭଳି ସ୍ଥିତିରେ ଜୀବିତ ରହିବା ପାଇଁ ସେମାନଙ୍କ ରୋଷେଇ ଉପରେ ନିର୍ଭର କରୁଥିବା ପରିବାରଗୁଡ଼ିକ ମଧ୍ୟରେ ଥିବା ବିଶେଷ ସମ୍ପର୍କକୁ ପ୍ରତିଫଳିତ କରିଛି। ଅନ୍ୟପଟେ ଚ୍ୟାରିଟି ମଧ୍ୟ ପିଲାଟିର ଦୀର୍ଘ ତଥା ସୁସ୍ଥ ନିରାମୟ ଜୀବନ କାମନା କରିଛି। ତା'ସହ ଯୁଦ୍ଧ ବିରତି ପରେ ପିଲାଟି ଏକ ଭଲ ଦୁନିଆରେ ବଡ଼ ହେବା ଆଶା ରଖିଛି।

# ଫଳାହାରରୁ ଜୀବନ ଗଲା



ଆଜିକାଲି ଲୋକେ ବିଭିନ୍ନ ପ୍ରକାର ଡାଏଟ୍‌କୁ ଆପଣାଇ ଓଜନ ହ୍ରାସ କରୁଛନ୍ତି। ହେଲେ ବେଳେବେଳେ ଏହା ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ଏହିପରି ଏକ ଖବର ଏବେ ସାମ୍ନାକୁ ଆସିଛି। ବାଲିର ଏକ ହୋଟେଲରେ ଥିବା କାରୋଲିନା କ୍ରଜିୟାକ ନାମକ ଜଣେ ୨୭ ବର୍ଷୀୟା ଯୁବତୀଙ୍କର ଅତ୍ୟଧିକ ଭୋକ ଯୋଗୁ ମୃତ୍ୟୁ ହୋଇଛି। କାରୋଲିନା ଅନେକ ଦିନରୁ ଫଳାହାର କରୁଥିଲେ। ମୃତ୍ୟୁ ବେଳକୁ ତାଙ୍କର ଓଜନ ୨୨ କେଜି ଥିଲା। କେବଳ ସେ ଖାଦ୍ୟରେ ଫଳକୁ ସାମିଲ କରି କୁପୋଷଣ ଶିକାର ହୋଇଥିଲେ। ମେଡିକାଲ ରିପୋର୍ଟ ଅନୁସାରେ, ସେ ଦୀର୍ଘଦିନ ଧରି କୁପୋଷଣର ଶିକାର ହୋଇ ଅଷ୍ଟିଓପୋରୋସିସ୍ ଏବଂ ଆଲବୁମିନରେ ପୀଡ଼ିତ ଥିଲେ। କାରୋଲିନା ବ୍ରିଟେନରେ ପଢ଼ିବା ବେଳେ ଯୋଗ ଏବଂ ଭେଗାନିଜିମ୍‌କୁ ଆପଣାଇ ଥିଲେ। ଏହା ହିଁ ତାଙ୍କୁ ଫଳାହାର ଡାଏଟ୍ ପ୍ରତି ଆକର୍ଷିତ କରିଥିଲା। ସେହିପରି ସୋସିଆଲ ମିଡିଆ ପୋଷ୍ଟ ତାଙ୍କର ବିଗୁଡ଼ିଥିବା ସ୍ୱାସ୍ଥ୍ୟାବସ୍ଥାକୁ ଦର୍ଶାଉଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି କାରୋଲିନାଙ୍କ ପରିବାର ଓ ସାଙ୍ଗସାଥୀ ଏହି ଡାଏଟ୍ ଗ୍ରହଣ କରିବାକୁ ମନା କରିଥିଲେ ବି ସେ ଏଥିରୁ ଓହରି ନ ଥିଲେ। ତେବେ ଫ୍ରୁଟାରିଆନ ଡାଏଟ୍ ହେଉଛି ଏକ ସୀମିତ ଭେଗାନ ଡାଏଟ। ଏଥିରେ କ୍ଷୀର, ଦହି ଭଳି ପ୍ରାଣୀଜାତ ଦ୍ରବ୍ୟ ସାମିଲ ନ ଥାଏ। ମୁଖ୍ୟତଃ ଫଳ ଖାଇବା ଉପରେ ଉକ୍ତ ଡାଏଟ୍ ଗୁରୁତ୍ୱ ଦିଏ। ଅନ୍ୟପଟେ ଶସ୍ୟ, ଡାଲି ଏବଂ କନ୍ଦମୂଳକୁ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରାଯାଏ ନଚେତ୍ ଅଳ୍ପ ଖିଆଯାଏ। ଏଥିରେ ରନ୍ଧା ଖାଦ୍ୟ ଖାଇବାକୁ ବାରଣ ରହିଛି। ଫଳଗୁଡ଼ିକ ଶରୀରକୁ ଭିଟାମିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପ୍ରଦାନ କରୁଥିବାବେଳେ ଏଥିରେ ପ୍ରୋଟିନ୍, ଚର୍ବି, କ୍ୟାଲସିୟମ୍, ଲୌହ, ଭିଟାମିନ୍ ବି-୧୨ ଏବଂ ଶରୀରକୁ ଶକ୍ତି ପ୍ରଦାନ କରିବା ଲାଗି ପର୍ଯ୍ୟାପ୍ତ କାର୍ବୋହାଇଡ୍ରେଟ୍‌ର ଅଭାବ ଥାଏ। ତା'ସହ ଏସବୁର ଅଭାବ ଅନ୍ତନଳୀର ଆସ୍ତରଣକୁ ଦୁର୍ବଳ ଏବଂ ଗତିକୁ ମନ୍ଥର କରିପାରେ ଏବଂ ଇଲେକ୍ଟ୍ରୋଲାଇଟ୍ ସ୍ତରକୁ ବିଗିଡ଼ିବା ସହିତ ଅନେକ ଅଙ୍ଗକୁ ସଙ୍କୁଚିତ କରିପାରେ। ତେଣୁ କେବଳ ଫଳଯୁକ୍ତ ଖାଦ୍ୟ ଦ୍ୱାରା ମେଟାବୋଲିଜିମ୍ ମନ୍ଥର ହୋଇଯିବା, ହାଡ଼ ଦୁର୍ବଳ ହୋଇଯିବା ଏବଂ ଅଙ୍ଗଗୁଡ଼ିକ ଅକାମୀ ହେବା ଆରମ୍ଭ କରେ। ଅନ୍ୟପଟେ ଅତ୍ୟଧିକ ଫଳ ଖାଇବାର ପ୍ରଭାବ ବିଷୟରେ ଡାକ୍ତର ମଧ୍ୟ ଚେତାବନୀ ଦେଇଛନ୍ତି। ସ୍ୱାସ୍ଥ୍ୟକୁ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଚର୍ବି ଏବଂ ସୂକ୍ଷ୍ମ ପୋଷକ ତତ୍ତ୍ୱ ସହିତ ଏକ ସନ୍ତୁଳିତ ଖାଦ୍ୟ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି।

# ପଞ୍ଚୁକ ବ୍ରତ



**କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଏ 'ପଞ୍ଚୁକ'। କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ପର୍ଯ୍ୟନ୍ତ ଏହି ବ୍ରତ ପାଳନ ହୋଇଥାଏ। ଏହା 'ମହାପଞ୍ଚକ', 'ବକପଞ୍ଚକ', ବା 'ଭୀଷ୍ମପଞ୍ଚକ' ନାଁରେ ମଧ୍ୟ ପରିଚିତ। ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନଠାରୁ ସାତ ଦିନ ପର୍ଯ୍ୟନ୍ତ ପଞ୍ଚୁକ ବ୍ରତ ପାଳନ କରିଥାନ୍ତି।**

କାର୍ତ୍ତିକ ମାସ ଶେଷ ପାଞ୍ଚଦିନକୁ ସବୁଠୁ ପବିତ୍ର ଦିନ ବୋଲି କୁହାଯାଏ। ତେବେ ଯେଉଁ ବ୍ରତଧାରୀ କାର୍ତ୍ତିକ ବ୍ରତ ମାସ ସାରା ହବିଷ ପାଳନ କରିପାରି ନ ଥାନ୍ତି, ସେମାନେ ଏହି ପଞ୍ଚୁକ ପାଞ୍ଚଦିନ ନିଷ୍ଠାର ସହ ହବିଷ ପାଳନ କରିଥାନ୍ତି। ତେବେ ପଞ୍ଚୁକରେ ଶ୍ରୀକ୍ଷେତ୍ର ପୁରୀରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। କେବଳ ସେତିକି ନୁହେଁ, ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଓ ସ୍ୱତନ୍ତ୍ର ବେଶରେ ମହାପ୍ରଭୁ ଦର୍ଶନ ଦେଇଥାନ୍ତି। ସେହିପରି ପଞ୍ଚୁକ ପାଞ୍ଚଦିନ ଯାକ ଲୋକମାନେ ଆମିଷ ତ୍ୟାଗ କରି ସାତ୍ତ୍ୱିକ ଆହର ଗ୍ରହଣ କରନ୍ତି। କିମ୍ବଦନ୍ତୀ ଅନୁସାରେ, ବଗ ମଧ୍ୟ ଏହି ପାଞ୍ଚଦିନ ଆମିଷ ତ୍ୟାଗ କରିଥାଏ। ସେଥିପାଇଁ ଏହାକୁ 'ବକ ପଞ୍ଚମୀ' କୁହାଯାଏ।

# କାର୍ତ୍ତିକ ପୂର୍ଣ୍ଣିମା

**କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ପଡୁଥିବା ପୂର୍ଣ୍ଣିମାକୁ 'କାର୍ତ୍ତିକ ପୂର୍ଣ୍ଣିମା' କୁହାଯାଏ। ପୌରାଣିକ କାହାଣୀ ଅନୁସାରେ, ଏହିଦିନ ମହାଦେବ ତ୍ରିପୁରାସୁର ନାମକ ଏକ ଅସୁରକୁ ବଧ କରିଥିଲେ। ଏହି କାରଣରୁ କାର୍ତ୍ତିକ ପୂର୍ଣ୍ଣିମାକୁ 'ତ୍ରିପୁରା ପୂର୍ଣ୍ଣିମା' କୁହାଯାଏ।**



କାର୍ତ୍ତିକ ପୂର୍ଣ୍ଣିମାରେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରିଥିଲେ। ହିନ୍ଦୁ ପୁରାଣ ଅନୁସାରେ, ଏହିଦିନ ଧାର୍ମିକ ଦୃଷ୍ଟିରୁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ଏହି ଅବସରରେ କୌଣସି ପବିତ୍ର ନଦୀରେ ସ୍ନାନ ସାରି ଦାନ, ଧର୍ମ ସହ ଦୀପଦାନ କରିବାର ପରମ୍ପରା ବି ଅଛି। କୁହାଯାଏ, ଏଭଳି କରିବା ଦ୍ୱାରା ଲୋକଙ୍କ କଷ୍ଟ ଦୂର ହେବା ସହ ପାପ କ୍ଷୟ ମଧ୍ୟ ହୋଇଥାଏ। ପଦ୍ମ ପୁରାଣ, ସ୍କନ୍ଦ ପୁରାଣ ଓ ନାରଦ ପୁରାଣରେ କାର୍ତ୍ତିକ ପୂର୍ଣ୍ଣିମାରେ ଗଙ୍ଗା ସ୍ନାନର ମହତ୍ତ୍ୱ ସମ୍ପର୍କରେ କୁହାଯାଇଛି। ତା'ସହ ଭଗବାନ ବିଷ୍ଣୁଙ୍କ ପୂଜା ଦ୍ୱାରା କୃପା ପ୍ରାପ୍ତି ହୁଏ। ଏହିଦିନ ବୋଇତ ବନ୍ଦାଣର ପରମ୍ପରା ପାଳନ କରାଯାଏ।

ଅନ୍ୟପକ୍ଷରେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗାଭସା ହୋଇଥାଏ। ଏହି ସମୟରେ 'ଆ କା ମା ବୈ...ପାନ ଗୁଆ ଥୋଇ...ପାନ ଗୁଆ ତୋର ମାସକ ଯାକ ଧର୍ମ ମୋର...' ଗୀତ ଗାଇ ପ୍ରତ୍ୟେକ ଓଡ଼ିଆ ଡଙ୍ଗା ଭସାନ୍ତି। କଦଳୀ ପଟୁରେ ଡଙ୍ଗା କରି ଭସା ଯିବାର ବିଶେଷ ମହତ୍ତ୍ୱ ଅଛି। ଡଙ୍ଗାଭସା ସହ କାର୍ତ୍ତିକ ମାସ ସମାପନ ହୋଇଥାଏ।

# ବଡ଼ ଓଷା

**କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ପାଳିତ ହୁଏ ବଡ଼ଓଷା। ଏହିଦିନ ଦେବ ଦେବ ମହାଦେବଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଏ। ପଦ୍ମ ପୁରାଣ ଅନୁସାରେ, ବ୍ରହ୍ମାଙ୍କ ଅଭିଶାପରୁ ମୁକ୍ତି ପାଇବା ପାଇଁ ଇନ୍ଦ୍ରଦେବ ଧବଳେଶ୍ୱରଙ୍କ ନିକଟରେ ବଡ଼ଓଷା ବ୍ରତ ପାଳନ କରି କାର୍ତ୍ତିକ ପୂର୍ଣ୍ଣିମାରେ ବୁଡ଼ ପକାଇ ଶାପରୁ ମୁକ୍ତ ହୋଇଥିଲେ। କଟକ ଜିଲ୍ଲାର ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପର୍ବ ଆଡମ୍ବର ସହକାରେ ପାଳନ ହେଉଥିବା ବେଳେ ଏହାର ମୁଖ୍ୟ ଭୋଗ ହେଉଛି ଗଜପିଠା।**



ବଡ଼ଓଷାର କାହାଣୀ ପୁରାଣରେ ବର୍ଣ୍ଣିତ। ଏକଦା ଶିବଙ୍କ ପାଇଁ ନାରଦ ମୁନି କୈଳାସରେ ପହଞ୍ଚି ଥିଲେ। ମହାଦେବଙ୍କ ଦର୍ଶନ ସହ ଭକ୍ତଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ନାରଦ ମହାଦେବଙ୍କୁ ଅବଗତ କରାଇଲେ। ଏହାସହ ସେ ଭକ୍ତଙ୍କ ଦୁଃଖ ଲାଗି ଗୁହାରି କଲେ। ସେଇଠୁ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ଶିବ ଦର୍ଶନ କରି ବ୍ରତ ଧାରଣ କରିବାକୁ ମହାଦେବ କହିଲେ। ସେହି ଦିନଠାରୁ ବଡ଼ଓଷା ପାଳନ ହୋଇ ଆସୁଛି।

ଅନ୍ୟପଟେ ଏହିଦିନ ପ୍ରଭୁ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହୁଏ। ଏହି ବେଶକୁ ଦର୍ଶନ କରିବା ଦ୍ୱାରା କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଠାକୁରଙ୍କ ପାଖରେ ଗଜଭୋଗ ସହ ତରଣ ମଧ୍ୟ ଲାଗି କରାଯାଏ। ବ୍ରତଧାରୀ ଏହିଦିନ ନିର୍ଜଳା ଉପବାସ ରଖନ୍ତି। ସେହିପରି ବଡ଼ଓଷା ପରଦିନ ଅର୍ଥାତ୍ ପୂର୍ଣ୍ଣମୀ ଦିନ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ଶେଷ କରନ୍ତି।

# ମାଣବସା ଗୁରୁବାର



**ନଭେମ୍ବର ୬ ତାରିଖରୁ ଆରମ୍ଭ ହେବ ପବିତ୍ର ମାର୍ଗଶିର ମାସ। ଏହା ହେଉଛି ଲକ୍ଷ୍ମୀଙ୍କ ଆରାଧନାର ମାସ। ଶାସ୍ତ୍ର ଅନୁସାରେ, ଏହି ମାସରେ ଶଙ୍ଖ ପୂଜାର ବିଶେଷ ମହତ୍ତ୍ୱ ରହିଛି। ସେହିପରି ଏହି ମାସ ମାଙ୍ଗଳିକ କାର୍ଯ୍ୟ ଲାଗି ଉତ୍ତମ। କୁହାଯାଏ, ଏହି ମାସରେ ବିବାହ କରିବା ଶୁଭଙ୍କର। କାରଣ ଉକ୍ତ ମାସରେ ଶ୍ରୀରାମ ଏବଂ ସୀତାଙ୍କର ବିବାହ ହୋଇଥିଲା ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ମାର୍ଗଶିର ମାସରେ ଅନେକ ବ୍ରତ ଓ ପର୍ବ ମଧ୍ୟ ପଡ଼ିଥାଏ।**

ବିଶେଷକରି ଏ ମାସରେ ଓଡ଼ିଆ ଘରେ ମାଣବସା ଗୁରୁବାର ପାଳନ କରାଯାଏ। ମାଣବସା 'ମାଣ ଓଷା' ନାଁରେ ପରିଚିତ। ଧନଦେବୀ ଲକ୍ଷ୍ମୀ ମା'ଙ୍କ ପୂଜାର୍ଚ୍ଚନା ବିଶେଷ ଭାବେ କରାଯାଏ। ଲକ୍ଷ୍ମୀଙ୍କ ଆଗମନକୁ ଦୃଷ୍ଟିରେ ରଖି ଘରର ସ୍ୱଚ୍ଛତା ତଥା ପବିତ୍ରତାକୁ ଗୁରୁତ୍ୱ ଦିଆଯାଇ ଥାଏ। ନାରୀମାନେ ଦିନକ ପୂର୍ବରୁ ଘରେ ଲିପାପୋଛା କରନ୍ତି। ତା'ସହ ସୁନ୍ଦର ଝୋଟି ଚିତା ବି ପକାଇ ଥାନ୍ତି। ଗୁରୁବାର ଦିନ ବଡ଼ି ଭୋରରୁ ମହିଳାମାନେ ସ୍ନାନ ସାରି ଶୁଦ୍ଧତା ଓ ନିଷ୍ଠାର ସହ ଲକ୍ଷ୍ମୀ ପୂଜା କରନ୍ତି। ଖଟୁଲିରେ ଧାନମଣା ବସାଯାଇ ପୂଜା କରିବାର ବିଧି ଅଛି। ପିଠାପଣା ମା'ଙ୍କ ପାଖରେ ଲାଗି ହୁଏ। ମହିଳାମାନେ ଏହାକୁ ବେଶ୍ ନିଷ୍ଠାର ସହ ପାଳନ କରନ୍ତି।

### ଶେଫାଳି ବର୍ମା ପ୍ଲେୟର୍ ଅଫ୍ ଦି ଫାଇନାଲ୍, ଦୀପ୍ତି ଶର୍ମା ପ୍ଲେୟର୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ

# ମହିଳା କ୍ରିକେଟ ଦଳକୁ ପ୍ରଥମ ବିଶ୍ୱକପ୍ ଟାଇଟଲ

**ନଭି ମୁମ୍ବାଇ,୨।୧୧(ଏଜେନ୍ସି):** ଶେଫାଳି ବର୍ମା (୮୭ରନ୍, ୨ୱିକେଟ) ଓ ଦୀପ୍ତି ଶର୍ମା (୫୮ରନ୍, ୪ ୱିକେଟ)ଙ୍କ ଅଲରାଉଣ୍ଡ ସଫଳତା ବଳରେ ଭାରତ ପ୍ରଥମଥର ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ ଚାମ୍ପିଅନ ହୋଇଛି। ନଭି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ରବିବାର ପେସାଦାର ଖେଳ ପ୍ରଦର୍ଶନ କରି ଭାରତ ତାହାର ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା ୫୨ ରନ୍‌ରେ ପରାସ୍ତ କରିଛି। ଏହା ଫଳରେ ଭାରତ ତୃତୀୟ ଫାଇନାଲ ପଦାର୍ପଣରେ ପ୍ରଥମଥର ଟାଇଟଲ ଜିତିଛି। ପୂର୍ବରୁ ଦଳ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ଫାଇନାଲ ଖେଳି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ମ୍ୟାଚ୍‌ରେ ଯୁବ ଓପନର ଶେଫାଳି ବର୍ମା ୭୮ ବଲ୍‌ରେ ୮୭ ଓ ଦୀପ୍ତି ଶର୍ମା ୫୮ ବଲ୍‌ରେ ୫୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଷ୍ଟାର ଖେଳାଳି ତଥା ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ୱଲଭାର୍ଟଙ୍କ ୧୦୧ ରନ୍ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ୍ କରିବାକୁ ସମର୍ଥ ହୋଇଥିଲା। ୱଲଭାର୍ଟଙ୍କୁ ସାଥିଖେଳାଳିଙ୍କ ସମର୍ଥନ ମିଳି ନ ଥିଲା। ଭାରତ ପକ୍ଷରୁ ଶର୍ମା ୫ଟି ଓ ବର୍ମା ୨ଟି ୱିକେଟ ଅକ୍ତିଆର କରିଥିଲେ। ଶେଫାଳିଙ୍କୁ ଫାଇନାଲ୍‌ର ଓ ଦୀପ୍ତିଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ମନୋନୀତ କରାଯାଇଛି।

୨୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ପ୍ରଥମ ୱିକେଟରେ ୱଲଭାର୍ଟ ଓ ବ୍ରିଟ୍ସ ୫୧ ରନ୍ ଉଠାଇବା ପରେ ଦଳ ୯୭ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ୩୦ତମ ଓଭରରେ ଦଳ ୫ ୱିକେଟ ହରାଇ ୧୫୦ ରନ୍‌ରେ ପହଞ୍ଚିବା ପରେ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ୱଲଭାର୍ଟ ଓ ଆନେରୀ ଡେର୍କସେନ ୬୧ ବଲ୍‌ରୁ ୬୧ ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ୩୭ ବଲ୍‌ରେ ୩୫ ରନ୍ କରିଥିବା ଡେର୍କସେନ୍‌ଙ୍କୁ ବୋଲ୍ଡ କରି ଦୀପ୍ତି ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏହା ପରେ ଅଧିନାୟକ ୱଲଭାର୍ଟଙ୍କ ସହ ଚୋଲେ ଟ୍ରାୟନ ଇନିଂସ ସଜାଡିବାକୁ ଉଦ୍ୟମ କରୁଥିଲାବେଳେ ୪୨ତମ ଓଭରରେ ଉଭୟଙ୍କୁ ଆଉଟ କରି ଦୀପ୍ତି ଶର୍ମା ଦକ୍ଷିଣ ଆଫ୍ରିକାର ଆଶାକୁ ଧୂଳିସାତ କରିଦେଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଥିବା ୱଲଭାର୍ଟ ୯୮ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ୧୦୧ ରନ୍‌ରେ ଆଉଟ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ୫୭୧ ରନ୍ କରି ଟପ୍ ସ୍କୋରର ହୋଇଥିଲେ। ଭାରତ ପକ୍ଷରୁ ବ୍ୟାଟିଂରେ ଅର୍ଦ୍ଧଶତକ ହାସଲ କରିଥିବା ବର୍ମା ଓ ଶର୍ମା ମିଳିତ ଭାବେ ୭ଟି ୱିକେଟ ନେଇଥିଲେ। ଉଭୟ ସ୍ପିନର ହୋଇଥିଲାବେଳେ


ଦୀପ୍ତି ଶର୍ମା
୫୮ ରନ୍,
୫ ୱିକେଟ୍


ଶେଫାଳି ବର୍ମା
୮୭ ରନ୍,
୨ ୱିକେଟ୍

ଦୀପ୍ତି ଶର୍ମା ୩୯ ରନ୍‌ରେ ୫ଟି ଓ ଶେଫାଳି ବର୍ମା ୩୬ ରନ୍‌ରେ ୨ଟି ୱିକେଟ ନେଇ ଭାରତକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ଭାରତ ଆରମ୍ଭରୁ କୌଣସି ସୁଯୋଗ ନ ଦେଇ ରନ୍ ସଂଗ୍ରହ କରିଥିଲା। ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଭଲ ବ୍ୟାଟିଂ କରି ପ୍ରଥମ ୱିକେଟରେ ୧୦୪ ରନ୍ ଉଠାଇଥିଲେ। ଏହି ଦୁଇ ବ୍ୟାଟର ପ୍ରତିପକ୍ଷ ଦଳର ସମସ୍ତ ବୋଲରଙ୍କୁ ଅତି ସହଜରେ ଖେଳୁଥିଲେ। କିନ୍ତୁ ୭ମ ବୋଲର ଭାବେ ବୋଲିଂ କରିବାକୁ ଆସି ବାମହାତୀ ସ୍ପିନର ଚୋଲେ ଟ୍ରାୟନ ୧୮ତମ ଓଭରରେ ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଟ୍ରାୟନଙ୍କ ବଲ୍‌କୁ କଟ୍ କରିବାକୁ ଯାଇ ମନ୍ଧାନା କଟ୍ ବିହାଇଣ୍ଡ ହୋଇଯାଇଥିଲେ। ସେ ୫୮ ବଲ୍‌ରୁ ୮ ଚୌକା ସହ ୪୫ ରନ୍ କରିଥିଲେ। ମନ୍ଧାନାଙ୍କ ଆଉଟ ପରେ ଶେଫାଳି ଓ ସେମିଫାଇନାଲ ହିରୋଇନ୍ ଜେମିମା ରୋଡ୍ରିଗ୍ସେଜ୍ ୬୨ ବଲ୍‌ରୁ ୬୨ ରନ୍ ଉଠାଇ ସ୍କୋରକୁ ଆଗକୁ ବଢ଼ାଇଥିଲେ। ଶେଫାଳି ୭୮ ବଲରୁ ୭ ଚୌକା ଓ ୨ଛକା ସହ ୮୭ ଓ ଜେମିମା ୩୭ ବଲ୍‌ରୁ ୨୪ ରନ୍ ଉଠାଇ ଆଉଟ ହୋଇଥିଲେ। ହରମନପ୍ରୀତ୍ ଓ ଦିପ୍ତି ଚତୁର୍ଥ ୱିକେଟରୁ ୫୨ ରନ୍ ଉଠାଇ ଦଳକୁ ଆଗକୁ ନେଇଥିଲେ। କିନ୍ତୁ ଏହି ସମୟରେ ଦକ୍ଷିଣ ଆଫ୍ରିକାର ବୋଲରମାନେ ଖେଳକୁ ନିୟନ୍ତ୍ରଣରେ ରଖିବା ପରେ ରନ୍ ସଂଗ୍ରହ ହାର କମିବା ସହ ୱିକେଟ ମଧ୍ୟ ଯାଇଥିଲା। ଗୋଟିଏ ପଟେ ଦୀପ୍ତି ଶର୍ମା ତିଷ୍ଠି ରହିଥିଲେ। ସେ ରିଚା ଘୋଷଙ୍କ ସହ ୭ମ ୱିକେଟରୁ ୪୭ ରନ୍ ଉଠାଇ ଦଳକୁ ୩୦୦ ରନ୍ ନିକଟକୁ ନେଇଯାଇଥିଲେ। କିନ୍ତୁ ଡି କ୍ଲେର୍କ ଶେଷ ଓଭରରେ ମାତ୍ର ୬ ରନ୍ ଦେବା ଫଳରେ ଭାରତ ୨୯୮ ରନ୍‌ରେ ଅଟକିଥିଲା। ଶେଷ ବଲ୍‌ରେ ରନ୍‌ଆଉଟ ହୋଇଥିବା ଦୀପ୍ତି ୫୮ ବଲରୁ ୫୮ ରନ୍ କରିଥିଲେ। ଏହା ମଧ୍ୟରେ ୩ଟି ଚୌକା ଓ ଗୋଟି ଛକା ରହିଥିଲା। ଦକ୍ଷିଣ ଆଫ୍ରିକାର ମିଡିୟମ୍ ପେସ୍ ବୋଲର ଆୟାବୋଙ୍ଗା ଖାକାଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ବୋଲରଭାବେ ଘଣ୍ଟାପ୍ରତି ୧୩୦ କିଲୋମିଟରୁ ଅଧିକ ବେଗରେ ବୋଲିଂ କରୁଥିବା ମାରିଜାନ କାପ୍‌ଙ୍କୁ କୌଣସି ସଫଳତା ମିଳି ନ ଥିଲା।

## ମିତାଲିଙ୍କୁ ଟପିଲେ ମନ୍ଧାନା

**ନଭି ମୁମ୍ବାଇ, ୨।୧୧ (ଏଜେନ୍ସି):** ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ବିଶ୍ୱକପ୍ ଫାଇନାଲରେ ଭାରତ ସ୍ମୃତି ମନ୍ଧାନା ୪୫ ରନର ପାଳି ଖେଳି ଭାରତକୁ ଭଲ ପ୍ରାରମ୍ଭ ଦେଇଥିଲେ। ମନ୍ଧାନା ଏଥିସହ ଏହି ବିଶ୍ୱକପ୍‌ରେ ୯ଟି ମ୍ୟାଚ ଖେଳି ୫୪.୨୫ ହାରରେ ୪୩୪ ରନ ସଂଗ୍ରହ କରିଛନ୍ତି। ବିଶ୍ୱକପ୍‌ର ଏହି ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ତାଲିକାରେ ସେ ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଟଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ଭାବେ ମହିଳା ଦିନିକିଆ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ସେ ମିତାଲି ରାଜଙ୍କୁ ପଛରେ ପକାଇଦେଇଛନ୍ତି। ୨୦୧୭ ବିଶ୍ୱକପ୍‌ରେ ମିତାଲି ୪୦୯ ରନ କରିଥିଲେ। କିନ୍ତୁ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାର ବିଶ୍ୱରେକର୍ଡ ଅଷ୍ଟ୍ରେଲିଆର ଆଲିସା ହେଲୀଙ୍କ ନାମରେ ରହିଛି। ୨୦୨୨ ବିଶ୍ୱକପ୍‌ରେ ହେଲୀ ୫୦୯ ରନ କରିଥିଲେ।

### ଅସ୍ମିତା ରଗ୍‌ବୀ ଲିଗ୍

## କିଟ୍, କିସ୍ ଓ ପାହାଡିଆନ ଚାମ୍ପିଅନ

**ଯାଜପୁର,୨।୧୧(ସମିସ):** କିଟ୍, କିସ୍ ଓ ପାହାଡିଆନ ଯାଜପୁର ଟାଉନରେ ଅନୁଷ୍ଠିତ ଅସ୍ମିତା ରଗ୍‌ବୀ ଲିଗ୍‌ରେ ଚାମ୍ପିଅନ ହୋଇଛନ୍ତି। ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ସିନିଅର ବିଭାଗରେ କିଟ୍ ଚାମ୍ପିଅନ ଓ ଫ୍ୟୁଚର ଷ୍ଟାର ରନର୍ସ ଅପ୍ ହୋଇଛି। ଜୁନିଅର ବିଭାଗରେ କିସ୍ ଚାମ୍ପିଅନ ଓ କିଟ୍ ରନର୍ସ ଅପ୍, ସବ୍‌ଜୁନିଅର ବିଭାଗରେ ପହାଡିଆନ୍ ଚାମ୍ପିଅନ ଓ ଯାଜପୁର ରଗ୍‌ବୀ ଆସୋସିଏସନ ରନର୍ସ ଅପ୍ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ କିଟ୍ ଓ କିସ୍ ଭଳି ସାଙ୍ଗଠନିକ ଦଳ ସମେତ ୨୨ଟି ଜିଲ୍ଲାରୁ ଟିମ୍ ଅଂଶଗ୍ରହଣ କରିଥିଲେ। ଭାରତ ସରକାର କ୍ରୀଡ଼ା ମନ୍ତ୍ରଣାଳୟ ଓ ରଗ୍‌ବୀ ଇଣ୍ଡିଆର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଖେଳ ଶେଷରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ (ଓର୍‌ଫା)ର ଯୁଗ୍ମ ତଥା ଯାଜପୁର ଜିଲ୍ଲା ରଗ୍‌ବୀ ଆସୋସିଏସନ ସମ୍ପାଦକ ଭରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ମୁଖ୍ୟ ଅତିଥି, ଆଡଭୋକେଟ ଫନୀନ୍ଦ୍ର ମିଶ୍ର, ଓର୍‌ଫା କୋଷାଧ୍ୟକ୍ଷ ଶକ୍ତିପ୍ରସାଦ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଜିଲ୍ଲାପାଳ ଅମ୍ବରକୁମାର କର ଓ ଯାଜପୁର ବିଧାୟିକା ସୁଜାତା ସାହୁ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲ୍ଲା କ୍ରୀଡ଼ାଅଧିକାରୀ ଫକୀର ମୋହନ ଟୁଡୁ, ଓରଫା ସମ୍ପାଦକ ସୁଶାନ୍ତ ସାହୁ, ଯାଜପୁର ଜିଲ୍ଲା ରଗ୍‌ବୀ ସଂଘ ସଭାପତି ନାରାୟଣ ସାହୁ, ସମାଜସେବୀ ତରୁଣକୁମାର ନନ୍ଦ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ● ପ୍ରଥମ ଅନଅଫିସିଆଲ ଟେଷ୍ଟ

## ଦକ୍ଷିଣ ଆଫ୍ରିକା-ଏ’କୁ ହରାଇଲା ଭାରତ-ଏ’

**ବେଙ୍ଗାଲୁରୁ,୨।୧୧(ଏଜେନ୍ସି):** ଅଧିନାୟକ ଋଷଭ ପନ୍ତ୍‌ଙ୍କ ଦମ୍‌ଦାର ଇନିଂସ ଓ ତନୁସ କୋଟିଆନଙ୍କୁ ଚତୁର ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ ୩ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ’କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୭୫ ରନ୍‌ରେ ଆଗୁଆ ରହିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୧୯୯ ରନ୍ କରିଅଲଆଉଟ ହୋଇଯାଇଥିଲା। ଏହା ଫଳରେ ୨୭୫ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ-ଏ ୭୩.୧ ଓଭରରେ ୭ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଧିନାୟକ ଋଷଭ ପନ୍ତ୍ ସର୍ବାଧିକ ୯୦ ରନ୍ କରିବା ସହ ନିଜର ଫିଟନେସ ପ୍ରମାଣ କରିଛନ୍ତି। ଏହା ଫଳରେ ଆସନ୍ତା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ସେ ପ୍ରସ୍ତୁତ ବୋଲି ସୂଚେଇ ଦେଇଛନ୍ତି। ପନ୍ତ୍‌ଙ୍କ ଦୃଢ଼ ବ୍ୟାଟିଂ କରି ଆଉଟ ହେଲା ବେଳକୁ ଦଳ ୧୭୨ ରନ୍‌ରେ ଅଧା ୱିକେଟ ହରାଇଥିଲା। କିନ୍ତୁ ଶେଷ ୩ ବ୍ୟାଟର ତନୁସ କୋଟିଆନଙ୍କ ୨୩, ଦୁଇ ବୋଲର ମାନବ ସୂତାରଙ୍କ ଅପରାଜିତ ୨୦ ଓ ଅଂଶୁଲ କାମ୍ବୋଜଙ୍କ ଅପରାଜିତ ୩୭ ରନ୍ ବଳରେ ୩ ୱିକେଟ ବାକିଥାଇ ଦଳ ବିଜୟୀ ହୋଇଥିଲା। ଦକ୍ଷିଣ ଆଫ୍ରିକାର ଉଭୟ ଇନିଂସରେ ୪ଟି ଲେଖାଏଁ ମୋଟରେ ୮ଟି ୱିକେଟ ନେଇଥିବା ମୁମ୍ବାଇ ଅଲରାଉଣ୍ଡର କୋଟିଆନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଠାରେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ନଭେମ୍ବର ୬ରୁ ଆରମ୍ଭ ହେବ।



## ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ: ପ୍ରମୋଦଙ୍କୁ ୨ ପଦକ

**ଭୁବନେଶ୍ୱର, ୨।୧୧ (ସମିସ):** ପାରାଅଲିମ୍ପିକ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦୁଇଟି ପଦକ ବିଜୟୀ ହୋଇଛନ୍ତି। ଏସଏଲ୍-୩ ଓ ଏସଏଲ୍-୪ କାଟାଗୋରୀର ପୁରୁଷ ଡବଲ୍ସରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ସଫଳତା ପାଇଛନ୍ତି। ସୁକାନ୍ତ କଦମଙ୍କୁ ସାଥୀ କରି ଖେଳିଥିବା ପ୍ରମୋଦ ଫାଇନାଲରେ ୨୧-୧୬, ୨୧-୧୨ ସିଧାସଳଖ ଗେମରେ ଘରୋଇ ଇଣ୍ଡୋନେସିଆ



ଯୋଡ଼ି ଡିୱିୟୋକୋ ଓ ସେତିଆୱାନଙ୍କୁ ପରାସ୍ତ କରିଥିଲେ। ସେହିଭଳି ଏସଏଲ-୩ ଓ ଏସୟୁ-୫ କାଟାଗୋରୀର ମିକ୍ସଡ ଡବଲ୍ସରେ ମଧ୍ୟ ମନୀଷାଙ୍କୁ ସାଥୀ କରି ପ୍ରମୋଦ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଦୀପ୍ ରଞ୍ଜନ ବିଶୋୟୀ ଏସଏଲ୍-୩ ଓ ଏସଏଲ୍-୪ କାଟାଗୋରୀର ମିକ୍ସଡ ଡବଲ୍ସରେ କାଂସ୍ୟ ପଦକ ହାସଲ କରିଛନ୍ତି।

### ରଣଜୀ ଟ୍ରଫି: ଆନ୍ଧ୍ରପ୍ରଦେଶ ୪୭୫/୭

## ଓଡ଼ିଶାର ଫଲୋଅନ୍ ଡର

**କଟକ,୨।୧୧(ସମିସ):** ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହୋଇ ସାରିଥିଲେ ସୁଦ୍ଧା ଓଡ଼ିଶାର ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଜାରି ରହିଛି। ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଫଲୋଅନ ଦ୍ୱାରରେ ରହିଛି। ପ୍ରଥମେ ବ୍ୟାଟିଂ କରୁଥିବା ଆନ୍ଧ୍ରପ୍ରଦେଶ ୭ ୱିକେଟ ବିନିମୟରେ ୪୭୫ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଓଡ଼ିଶା ୨୯ ଓଭର ଖେଳି ୪ ୱିକେଟ ହରାଇ ୮୦ରନ ସଂଗ୍ରହ କରିଛି। ଓପନର ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମଥର ରଣଜୀ ଟ୍ରଫି ଖେଳୁଥିବା ଗୌରବ ଚୌଧୁରୀ ୪୮ ରନରେ ଆଉଟ ହୋଇଥିଲେ। ପରେ ନାଇଟ ୱାଚମ୍ୟାନ ବାଦଲ ବିଶ୍ୱାଳ ୧ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ ରନରେ କ୍ରିଜ ଛାଡ଼ିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସନ୍ଦୀପ ପଟ୍ଟନାୟକ ୨୪ ଏବଂ ଗୋବିନ୍ଦ ପୋଦ୍ଦାର ୧ ରନରେ ଅପରାଜିତ ଅଛନ୍ତି। ଆନ୍ଧ୍ରପ୍ରଦେଶର କାଭୁରି ସୈତେଜା ଓ ସୌରଭ କୁମାର



୨ଟି ଲେଖାଏ ୱିକେଟ ବାଣ୍ଟି ନେଇଛନ୍ତି। ଫଲୋଅନ ଏଡାଇବାକୁ ହେଲେ ଓଡ଼ିଶାକୁ ମୋଟ୍ ୩୨୫ରନ ସଂଗ୍ରହ କରିବାକୁ ହେବ। ତେବେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଯୋଗୁଁ ଘରୋଇ ପରିବେଶରେ ଦଳକୁ ଫଲୋଅନ ମିଳିପାରେ ବୋଲି ଅନୁମାନ କରାଯାଉଛି।

ପୂର୍ବରୁ ଅସମାପ୍ତ ପ୍ରଥମ ପାଳି ୨୨୨/୩ରୁ ଆନ୍ଧ୍ରପ୍ରଦେଶ ରବିବାର ଖେଳ ଆରମ୍ଭ କରି ୭ ୱିକେଟ୍‌ରେ ୪୭୫ ରନରେ ପାଳି ଘୋଷଣା କରିଥିଲା। ସେଖ୍ ରସିଦ ଏଠାରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟରର ୪ର୍ଥ ଶତକ ହାସଲ କରିଥିଲେ। ୨୧ବର୍ଷୀୟ ରଶିଦ ୨୨୪ ବଲରୁ ୧୮ଟି ଚୌକା ସହାୟତାରେ ଅପରାଜିତ ୧୪୦ ରନର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରନ ସିନ୍ଦେ ୩୨, କେଭି ଶଶୀକାନ୍ତ ୪୬ ଏବଂ ସୌରଭ କୁମାର ୩୮ ବଲରୁ ୬୯ ରନର ଦ୍ରୁତ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ଏବଂ ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ଲେଖାଏ, ରାଜେଶ ମହାନ୍ତି, ତରଣୀ ସ ଓ ବାଦଲ ବିଶ୍ୱାଳ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ■ ରାଜ୍ୟ ୧୫ ବର୍ଷରୁ କମ୍ ଓପନ ଚେସ୍

## ଆୟାବନ୍ତ ମହାନ୍ତି ଚାମ୍ପିଅନ



**ଭୁବନେଶ୍ୱର,୨।୧୧(ସମିସ):** ନୂଆପଲ୍ଲୀ ନାରାୟଣ ସ୍କୁଲର ଆୟାବନ୍ତ ମହାନ୍ତି ରାଜ୍ୟ ୧୫ ବର୍ଷରୁ କମ୍ ଓପନ ଚେସ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତା ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ବଡଗଡ଼ କେନାଲ ରୋଡ୍‌ରେ ଥିବା ଓମ୍ ଗୁରୁକୂଳ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍‌ର ମନୀଷ ରଞ୍ଜନ ଦାସ ରନର୍ସ ଅପ୍, ପଟିଆ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ଆୟୁଷ ଦାସ ତୃତୀୟ, କେଦାରଗୌରୀ ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ଜ୍ୟୋତିରାଦିତ୍ୟ ରାଉତ ଚତୁର୍ଥ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆକାଶ ପ୍ରକାଶ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଏହାକୁ ଉଦ୍‌ଘାଟନ କରିଥିଲାବେଳେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଥିଲେ। କନୋଜ ବେହୁରିଆ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦାୟିତ୍ୱରେ ରହିଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

### ଅର୍ଶଦୀପ ସିଂହ ଶ୍ରେଷ୍ଠ ଖେଳାଳି; ନଭେମ୍ବର ୬ରେ ଚତୁର୍ଥ ମୁକାବିଲା

# ତୃତୀୟ ଟି-୨୦ ଜିତିଲା ଭାରତ: ସିରିଜ୍ ବରାବର

**ହୋବାର୍ଟ, ୨।୧୧ (ଏଜେନ୍ସି):** ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଭାରତ ଏଠାରେ ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟି-୨୦କୁ ୫ ୱିକେଟରେ ଜିତିନେଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିକୁ ଆସିଯାଇଛି। ସିଡନୀରେ ଖେଳାଯାଇଥିବା ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ପରେ ମେଲବୋର୍ଣ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୪ ୱିକେଟରେ ଜିତିନେଇଥିଲା। ଏବେ ସିରିଜ୍‌ର ଶେଷ ଦୁଇଟି ମ୍ୟାଚ୍ ଯଥାକ୍ରମେ ଗୋଲ୍ଡ କୋଷ୍ଟରେ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ନଭେମ୍ବର ୮ରେ ଖେଳାଯିବ। ହୋବାର୍ଟରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟରେ ୧୮୬ ରନ୍ କରିଥିଲା। ଜବାବରେ ଭାରତ ୧୮.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅଷ୍ଟ୍ରେଲିଆ ଇନିଂସରେ ୪ଓଭର ବୋଲିଂ କରି ୩୫ ରନ୍‌ରେ ୩ଟି ୱିକେଟ ନେଇଥିବା ଭାରତୀୟ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଅଷ୍ଟ୍ରେଲିଆ ପ୍ରଦତ୍ତ ୧୮୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ପାୱାର ପ୍ଲେ’ରେ ଦୁଇ ଓପନର ଅଭିଷେକ ଶର୍ମା ୧୬ ବଲ୍‌ରେ ୨୫ ଓ ଶୁବମନ ଗିଲ୍ ୧୨ ବଲ୍‌ରେ ୧୫ ରନ୍ କରି ଆଉଟ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୧ ବଲ୍‌ରେ ୨୪ ଓ ତିଳକ ବର୍ମା ୨୬ ବଲ୍‌ରେ ୨୯ ରନ୍ କରିଥିଲେ। ଅକ୍ଷର ପଟେଲ ୧୭ ରନ୍ କରି ସେମାନଙ୍କ ସହ ପାଭିଲିୟନ ଫେରିଥିଲେ। ୧୫ତମ ଓଭରରେ ଭାରତ ୧୪୫ ରନ୍‌ରେ ଅଧା ବା ୫ଟି ୱିକେଟ ହରାଇଥିଲା। ଏହି ସମୟରେ ଆଶ୍ଚର୍ଯ୍ୟଜନକ ଭାବେ ଅଷ୍ଟ୍ରେଲିଆ ଇନିଂସରେ ବୋଲିଂ କରି ନ ଥିବା ୱାଶିଂଟନ ସୁନ୍ଦର ଓ ସଞ୍ଜୁ ସାମସନଙ୍କ ସ୍ଥାନରେ ଖେଳିଥିବା ଜିତେଶ ଶର୍ମା ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ ଓ ୯ଟି ବଲ ବାକି ଥାଇ ଭାରତକୁ ବିଜୟୀ କରାଇଥିଲେ। ସୁନ୍ଦର ୨୩ ବଲ୍‌ରୁ ୩ ଚୌକା ଓ ୪ଛକା ସହ ୪୯ ଏବଂ ଜିତେଶ ୧୩ ବଲ୍‌ରୁ ୩ ଚୌକା ସହ ୨୨ ରନ୍‌ରେ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ୬ଷ୍ଠ ୱିକେଟରେ ୨୫ ବଲ୍‌ରୁ ୪୩ ରନ୍ ମିଳିଥିଲା। ଜୋଶ ହାଜ୍‌ଲେଉଡ୍‌ଙ୍କ ବ୍ୟତୀତ ଖେଳିଥିବା ଅଷ୍ଟ୍ରେଲିଆର ପେସର ଏଠାରେ ସୁନ୍ଦର ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରୁ ନାଥାନ ଏଲିସଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା।

ଦୀର୍ଘ ଦିନ ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏଠାରେ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ଅଷ୍ଟ୍ରେଲିଆକୁ ଆମନ୍ତ୍ରଣ କରିଥିଲେ। ଅଷ୍ଟ୍ରେଲିଆର ବ୍ୟାଟରମାନେ ଛୋଟିଆ ପଡ଼ିଆରୁ ମନ ଇଚ୍ଛା ବାଉଣ୍ଡାରୀ ମାରି ଯେପରି ଦ୍ରୁତ ହାରରେ ରନ୍ ସଂଗ୍ରହ କରିଥିଲେ ସେହିପରି ୱିକେଟ ମଧ୍ୟ ହରାଇଥିଲେ। ନଂ-୪ରେ ବ୍ୟାଟିଂ କରିଥିବା ଟିମ୍ ଡେଭିଡ୍‌ଙ୍କ କ୍ଲିନ୍ ଓ ହାର୍ଡ ହିଟ୍ ଭାରତକୁ ଅଡୁଆରେ ପକାଇଥିଲା। ସେ ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲାବେଳେ ୩୮ ବଲ୍‌ରୁ ୮ ଚୌକା ଓ ୫ଛକା ସହାୟତାରେ ସର୍ବାଧିକ ୭୪ ଓ ମାର୍କସ ଷ୍ଟୋଇନିସ ୩୯ ବଲ୍‌ରୁ ୬୪ ରନ୍ କରିଥିଲେ। ମାଥ୍ୟୁ ସର୍ଟଙ୍କ ୧୫ ବଲରୁ ୨୬ ରନ୍ ମଧ୍ୟ ବେଶ ଉପଯୋଗୀ ହୋଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ୍‌ଙ୍କ ୩ ୱିକେଟକୁ ବାଦ୍ ଦେଲେ ଗୋଟିଏ ଓଭରରେ ବରୁଣ ଚକ୍ରବର୍ତ୍ତୀ ୨ଟି ଓ ଓଭର ପ୍ରତି ୧୪.୩୦ ହାରରେ ରନ୍ ଦେଇଥିବା ଶିବମ ଦୁବେ ଗୋଟିଏ ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS